ନିରପେକ୍ଷ ଦୈନିକ ସମ୍ବାଦପତ୍ର

ଯା ଦେବୀ ସର୍ବଭୂତେଷୁ...

# ଧ୍ୱନି ପ୍ରତିଧ୍ୱନି
The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ❑ ଗୁରୁବାର ୨୮ ମଇ ୨୦୨୬ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ THURSDAY 28 May 2026
Vol.No. 36 ■ No.139 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ପ୍ରକାଶ ପାଇଲା
ସାଗରିକା
(ବିଷୁବସଂଖ୍ୟା)
ଡିଜିଟାଲ ଫର୍ମାଟରେ ମଧ୍ୟ ଉପଲବ୍ଧ...
ପ୍ରାପ୍ତିସ୍ଥାନ: ନଲେଜ ସେଣ୍ଟର, ବସଷ୍ଟାଣ୍ଡ ସାମ୍ନା, ବାଲେଶ୍ୱର
website : sagarika.in.net







# ଏସଆଇଆର ବୈଧ, ନିର୍ବାଚନ କମିଶନ ନାଗରିକତାକୁ ଯାଞ୍ଚ କରିପାରିବେ: ସୁପ୍ରିମକୋର୍ଟ



ନୂଆଦିଲ୍ଲୀ,୨୬/୫ : ନିର୍ବାଚନ ପ୍ରକ୍ରିୟାରେ ସ୍ୱଚ୍ଛତା ଏବଂ ସୁଧାର ଆଣିବା ଦିଗରେ ଐତିହାସିକ ରାୟ ଶୁଣାଇଛନ୍ତି ଦେଶର ସର୍ବୋଚ୍ଚ ଅଦାଲତ । ଭାରତୀୟ ନିର୍ବାଚନ କମିଶନଙ୍କ ଦ୍ୱାରା ଆରମ୍ଭ କରାଯାଇଥିବା ଏସଆଇଆର ବା ସ୍ପେଶାଲ ଇଣ୍ଟେନସିଭ ରିଭିଜନ ପ୍ରକ୍ରିୟାକୁ କୋର୍ଟ ବୈଧ ବୋଲି ଦର୍ଶାଇଛନ୍ତି । ସୁପ୍ରିମକୋର୍ଟ ସ୍ପଷ୍ଟ କରିଛନ୍ତି ଯେ, ଏସଆଇଆର ପ୍ରକ୍ରିୟାରେ କୌଣସି ତ୍ରୁଟି ନାହିଁ ଏବଂ ନିର୍ବାଚନ କମିଶନ ନିଜ ସୀମା ବାହାରକୁ ଯାଇ ନୁହେଁ, ବରଂ ନିଜର ସାମ୍ବିଧାନିକ କ୍ଷମତାର ସଦୁପଯୋଗ କରି ଏହି ନିଷ୍ପତ୍ତି ନେଇଛନ୍ତି । ତେଣୁ ସମ୍ପୂର୍ଣ୍ଣ ପ୍ରକ୍ରିୟାକୁ ଅସାମ୍ବିଧାନିକ କହି ଖାରଜ କରାଯାଇପାରିବ ନାହିଁ । ମୁଖ୍ୟ ବିଚାରପତି ସୂର୍ଯ୍ୟକାନ୍ତ ଏବଂ ଜଷ୍ଟିସ ଜୟମାଲ୍ୟ ବାଗଚୀଙ୍କୁ ନେଇ ଗଠିତ ଖଣ୍ଡପୀଠ ଗୁରୁତ୍ୱପୂର୍ଣ୍ଣ ମାମଲାର ଚୂଡ଼ାନ୍ତ ରାୟ ପ୍ରକାଶ କରିଛନ୍ତି । ବିହାର ଏବଂ ଅନ୍ୟ କେତେକ ରାଜ୍ୟରେ ମତଦାତା ତାଲିକାର ସଂଶୋଧନ ପାଇଁ ଲାଗୁ ହୋଇଥିବା ଏହି ନିୟମ ବିରୋଧରେ ହୋଇଥିବା ଆବେଦନଗୁଡ଼ିକୁ କୋର୍ଟ ଖାରଜ କରିଦେଇଛନ୍ତି । ସୁପ୍ରିମକୋର୍ଟ ନିଜ ନିଷ୍ପତ୍ତିରେ କହିଛନ୍ତି ଯେ, ସାଧାରଣ ଭୋଟର ତାଲିକା ସଂଶୋଧନ ପ୍ରକ୍ରିୟାଠାରୁ ଏସଆଇଆର ସମ୍ପୂର୍ଣ୍ଣ ଭିନ୍ନ ହୋଇଥିବାରୁ ଏହାକୁ ବେଆଇନ ବୋଲି କୁହାଯାଇପାରିବ ନାହିଁ । ଏହା ଏକ ସମ୍ପୂର୍ଣ୍ଣ ବୈଧ, ସାମ୍ବିଧାନିକ ଏବଂ ଆଇନଗତ ପ୍ରକ୍ରିୟା । ଦେଶରେ ସୁରୁଖୁରୁରେ ଏବଂ ସ୍ୱଚ୍ଛ ଭାବେ ନିର୍ବାଚନ ପରିଚାଳନା କରିବା ପାଇଁ ନିର୍ବାଚନ କମିଶନଙ୍କ ପକ୍ଷରୁ ନିଆଯାଇଥିବା ଏହି ପଦକ୍ଷେପ ସମୟର ଆବଶ୍ୟକତା ଥିଲା । ଶୁଣାଣି ସମୟରେ ଆବେଦନକାରୀଙ୍କ ପକ୍ଷରୁ ଯୁକ୍ତି ଦର୍ଶାଯାଇଥିଲା ଯେ, ଏହି ପ୍ରକ୍ରିୟା ଦ୍ୱାରା ଭୋଟରଙ୍କ ଉପରେ ନିଜର ସତ୍ୟତା ପ୍ରମାଣିତ କରିବା ପାଇଁ ଅଯଥା ବୋଝ ପଡୁଛି । ତେବେ ମାନ୍ୟବର କୋର୍ଟ ଏହି ଆପତ୍ତିକୁ ଗ୍ରହଣ କରିନାହାନ୍ତି । କୋର୍ଟ କହିଛନ୍ତି ଯଦି କୌଣସି ବ୍ୟକ୍ତି ନିଜର ପୁରୁଣା ବାସସ୍ଥାନ ଛାଡ଼ି ଅନ୍ୟତ୍ର ରହୁଛନ୍ତି, ତେବେ ବି ସେ ପୁରୁଣା ପ୍ରକ୍ରିୟାରୁ ବାଦ୍ ପଡ଼ନ୍ତି ନାହିଁ । ପୁରୁଣା ଏସଆଇଆର ତାଲିକାରେ ତାଙ୍କର କିମ୍ବା ତାଙ୍କ ପରିବାରର ନାମ ନିଶ୍ଚିତ ଥିବ । ଯଦି ନିୟମ ଅନୁଯାୟୀ ଏସଆଇଆର ମାଧ୍ୟମରେ କାହାର ନାଁ ଭୋଟର ତାଲିକାରୁ କଟାଯାଉଛି, ତେବେ ତାହାକୁ ନିୟମ ବିରୁଦ୍ଧ ବୋଲି କୁହାଯାଇପାରିବ ନାହିଁ । ଚଳିତ ବର୍ଷ ଆରମ୍ଭରେ ଏହି ସମ୍ବେଦନଶୀଳ ମାମଲାର ଶୁଣାଣି ପରେ ସୁପ୍ରିମକୋର୍ଟ ନିଜର ରାୟ ସଂରକ୍ଷିତ ରଖିଥିଲେ ।

# ୧୨ ବର୍ଷ ପରେ ପ୍ରଧାନମନ୍ତ୍ରୀ ମୋଦିଙ୍କୁ ଭେଟିଲେ ମୁଖ୍ୟମନ୍ତ୍ରୀ ବିଜୟ



ନୂଆଦିଲ୍ଲୀ,୨୬/୫ : ତାମିଲନାଡୁର ନୂଆ ମୁଖ୍ୟମନ୍ତ୍ରୀ ସି ଯୋଶେଫ ବିଜୟ ବୁଧବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଭେଟିଛନ୍ତି । ସେ ଦିଲ୍ଲୀର ସେବା ତୀର୍ଥକୁ ଆସି ପ୍ରଧାନମନ୍ତ୍ରୀ ମୋଦିଙ୍କ ସହ ଭେଟଘାଟ କରିଛନ୍ତି । ତାମିଲନାଡୁର ମୁଖ୍ୟମନ୍ତ୍ରୀ ହେବା ପରେ ବିଜୟ ପ୍ରଥମଥର ଦିଲ୍ଲୀ ଗସ୍ତ କରିଛନ୍ତି । ଆଉ ପ୍ରଥମ ଗସ୍ତରେ ସେ ପ୍ରଧାନମନ୍ତ୍ରୀ ମୋଦିଙ୍କୁ ଭେଟିଛନ୍ତି । ଦୀର୍ଘ ୧୨ ବର୍ଷ ପରେ ମୋଦି ଓ ବିଜୟଙ୍କ ଭେଟଘାଟ ହୋଇଛି । ସେବା ତୀର୍ଥରେ ହୋଇଥିବା ଏହି ମିଟିଂ ପ୍ରାୟ ୨୫ ମିନିଟ ଧରି ହୋଇଥିଲା । ଏହି ବୈଠକ ପରେ କେନ୍ଦ୍ର ଓ ତାମିଲନାଡୁର ନୂଆ ସରକାରଙ୍କ ସମୀକରଣକୁ ନେଇ ରାଜନୀତିକ ଚର୍ଚ୍ଚା ଆରମ୍ଭ ହୋଇ ଯାଇଛି । ମୋଦିଙ୍କୁ ସେ ଭେଟିବା ପୂର୍ବରୁ ତାମିଲ ଉତ୍ତରୀୟ ଦେଇଛନ୍ତି । ମୋଦି ମଧ୍ୟ ବିଜୟଙ୍କ ସହ ସ୍ମିତ ହାସ୍ୟ ଦେଇ କଥା ହେବାର ଫଟୋ ସାମ୍ନାକୁ ଆସିଛି । ଏହାପୂର୍ବରୁ ୨୦୧୪ ମସିହା ଲୋକସଭା ନିର୍ବାଚନ ପ୍ରଚାର ସମୟରେ ତାମିଲ ସୁପରଷ୍ଟାର୍ ଥାଲାପତି ବିଜୟ ଓ ସେତେବେଳର ପ୍ରଧାନମନ୍ତ୍ରୀ ପ୍ରାର୍ଥୀ ତଥା ଗୁଜରାଟ ମୁଖ୍ୟମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ମଧ୍ୟରେ ସାକ୍ଷାତକାର ହୋଇଥିଲା । ୨୦୧୪ ଏପ୍ରିଲ୍ ମାସରେ ନିର୍ବାଚନ ପ୍ରଚାର ପାଇଁ ମୋଦି ତାମିଲନାଡୁର ଚେନ୍ନାଇ ଯାଇଥିଲେ । ସେହି ସମୟରେ ବିଜୟଙ୍କୁ ଗୋଟିଏ ହୋଟେଲରେ ଭେଟିଥିଲେ । ଏହା କୌଣସି ଆନୁଷ୍ଠାନିକ ରାଜନୀତିକ ଭେଟଘାଟ ନଥିଲା, ବରଂ ଗୋଟିଏ ସୌଜନ୍ୟମୂଳକ ସାକ୍ଷାତକାର ଥିଲା । ବିଜୟ ନିଜେ କହିଥିଲେ ଯେ ସେ ମୋଦିଙ୍କୁ ଶୁଭେଚ୍ଛା ଜଣାଇବା ପାଇଁ ଏହି ସାକ୍ଷାତ କରିଥିଲେ ।


15001/46/2627



## ପବିତ୍ର ଇଦ୍-ଉଜ୍-ଜୁହା-୨୦୨୬ ଅବସରରେ ମାନ୍ୟବର ରାଜ୍ୟପାଳଙ୍କ ବାର୍ତ୍ତା

ପବିତ୍ର ଇଦ୍-ଉଜ୍-ଜୁହା-୨୦୨୬ ଅବସରରେ ମୁଁ ଆମ ରାଜ୍ୟର ସମସ୍ତ ମୁସଲମାନ ଭାଇଭଉଣୀମାନଙ୍କୁ ଆନ୍ତରିକ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଉଛି । ସେବା, ସମର୍ପଣ, ତ୍ୟାଗ ଓ ତିତିକ୍ଷାର ଏହି ପର୍ବରେ ସମସ୍ତେ ସାମିଲ ହେବା ସହ ମୁସଲମାନ ଭାଇଭଉଣୀମାନଙ୍କ ସର୍ବାଙ୍ଗୀନ ବିକାଶ ନିମନ୍ତେ ଉତ୍ସର୍ଗୀକୃତଭାବେ କାର୍ଯ୍ୟ କରିବାକୁ ମୁଁ ଆହ୍ୱାନ ଜଣାଉଛି ।

(ହରି ବାବୁ କମ୍ଭମପାଟି)

OIPR: 15001/15001/2/26-27/0046

15001/46/2627



## ଇଦ୍-ଉଜ୍-ଜୁହା ଅବସରରେ ମୁଖ୍ୟମନ୍ତ୍ରୀଙ୍କ ଶୁଭେଚ୍ଛା

ପବିତ୍ର ଇଦ୍-ଉଜ୍-ଜୁହା ପର୍ବ ଉପଲକ୍ଷେ ରାଜ୍ୟବାସୀ ମୁସଲମାନ ଭାଇଭଉଣୀମାନଙ୍କୁ ମୋର ଆନ୍ତରିକ ଶୁଭେଚ୍ଛା ଜଣାଉଛି ଏବଂ ସମସ୍ତଙ୍କର ସୁଖ ଓ ସମୃଦ୍ଧି କାମନା କରୁଛି ।

(ମୋହନ ଚରଣ ମାଝୀ)
ମୁଖ୍ୟମନ୍ତ୍ରୀ, ଓଡ଼ିଶା

OIPR: 15001/15001/2/26-27/0046

# ବେତନଟୀ ଥାନାରେ ଆମ ପୁଲିସ ସମିତି ବୈଠକ

ବେତନଟୀ, ୨୭/୦୫ (ନି.ପ୍ର): ବେତନଟୀ ଥାନା ଅଭ୍ୟର୍ଥନା କକ୍ଷରେ ଆମ ପୁଲିସ ସମିତି ପକ୍ଷରୁ ଏକ ବୈଠକ ମଙ୍ଗଳବାର ଅପରାହ୍ନରେ ଆୟୋଜିତ ହୋଇଯାଇଛି । ବେତନଟୀ ଥାନା ଆଇଆଇସି କ୍ରିଷ୍ଣା ପିଙ୍ଗୁଆଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଆମ ପୁଲିସ ସମିତି ବୈଠକରେ ସବ ଇନ୍ସପେକ୍ଟର ମଦନ ମୋହନ ପରିଡା ସଂଯୋଜନା ଏବଂ ପରିଚାଳନା ଦାୟୀତ୍ୱ ତୁଲାଇଥିଲେ । ଏହି ଅବସରରେ ବରିଷ୍ଠ ନାଗରିକ ସଂଘ, ବେତନଟୀ ବ୍ଲକ ସାମ୍ବାଦିକ ସଂଘ, ଅବସରପ୍ରାପ୍ତ କର୍ମଚାରୀ ସଂଘ, ସିଭିଲ ସୋସାଇଟି ସମେତ ବିଭିନ୍ନ ସାମାଜିକ ଅନୁଷ୍ଠାନର କାର୍ଯ୍ୟକର୍ତ୍ତା ତଥା ବିଭିନ୍ନ ପଞ୍ଚାୟତର ସରପଞ୍ଚ ଏବଂ ଜନପ୍ରତିନିଧି ପ୍ରମୁଖ ଯୋଗ ଦେଇଥିଲେ । ବେତନଟୀ ମୁଖ୍ୟ ବଜାର ରାସ୍ତାର ଉଭୟ ପାର୍ଶ୍ୱରେ ଥିବା ଦୋକାନ ସମ୍ମୁଖରେ ବାଇକ ଗୁଡିକ ରାସ୍ତା ଉପରେ ଦୀର୍ଘସମୟ ଧରି ରହୁଥିବାରୁ ଟ୍ରାଫିକ ସମସ୍ୟା ଉଦବେଗଜନକ ସ୍ଥିତିରେ ପହଞ୍ଚିଥିବା ନେଇ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା । ସେହିଭଳି ରାସ୍ତାର ଉଭୟ ପାର୍ଶ୍ୱରୁ ଅଳିଆ ଆବର୍ଜନା ସଫେଇ ସାଙ୍ଗକୁ ଦିନବେଳା ବଜାର ଜନଗହଳିପୂର୍ଣ୍ଣ ରହୁଥିବାରୁ ଭାରିଯାନ ପ୍ରବେଶ ଉପରେ ଅଙ୍କୁଶ ଲଗାଇବାକୁ ପ୍ରସ୍ତାବ ଆଗତ କରାଯାଇଥିଲା । ସେହିଭଳି ୧୮ନଂ ଜାତୀୟ ରାଜପଥର ଉଭୟପାର୍ଶ୍ୱରେ ବେଆଇନ ପାର୍କିଂ ସାଙ୍ଗକୁ ମାସମାସ ଧରି ଭାରିଯାନ ଗୁଡିକ ଛିଡାହୋଇ ରହୁଥିବାରୁ ଦୁର୍ଘଟଣାର ସମ୍ଭାବନାକୁ ଦ୍ୱିଗୁଣିତ କରିଛି । ବ୍ୟସ୍ତବହୁଳ ଜାତୀୟ ରାଜପଥର ଉଭୟ ପାର୍ଶ୍ୱରୁ ଏଭଳି ବେଆଇନ ପାର୍କିଂ ହଟାଇବାକୁ ମଧ୍ୟ ଆମ ପୁଲିସ ସମିତି ବୈଠକରେ ପ୍ରସ୍ତାବ ଆଗତ କରାଯାଇଥିଲା । ଏହି ଅବସରରେ ବେତନଟୀ ସରପଞ୍ଚ ପାନମଣି ମୁର୍ମୁ, ଶାଳବଣି ସାମିଲ ନହଣ୍ଡାଶୋଳ ପଞ୍ଚାୟତର ସରପଞ୍ଚ ଗୋବିନ୍ଦ ହାଁସଦା, ବେତନଟୀ ମଣ୍ଡଳ ସଭାପତି ଜୀବନ ପରିଡା, ଯୁବ ଆଇନଜୀବୀ ରଣଜିତ ଗନ୍ତାୟତ, ଜଗା ଦାସ, ହିମାଂଶୁ ମହାନ୍ତ(ଚିଠି), କ୍ଷିତୀଶ ମହାନ୍ତ, ଅଜିତ ବେହେରା, ସହଦ୍ୱେ ଗିରି, ବାସୁଦେବ ନାପିତ, ରବୀନ୍ଦ୍ର ଖଟୁଆ, ହରେନ୍ଦ୍ର ବାରିକ, ବିଜୟ ଦ୍ୱିବେଦୀ, ବାସନ୍ତୀ ସାହୁ ପ୍ରମୁଖ ଉପସ୍ଥିତ ରହି ଆମ ପୁଲିସ ସମତି ବୈଠକରେ ସକ୍ରିୟ ଅଂଶଗ୍ରହଣ ପୂର୍ବକ ଗଠନମୂଳକ ଆଲୋଚନା ସମୟରେ ବିଭିନ୍ନ ସାମୁହିକ ଜନକଲ୍ୟାଣକାରୀ ପ୍ରସ୍ତାବ ଗୁଡିକୁ ଉପସ୍ଥାପନ କରିଥିଲେ । ପରିଚାଳନାରେ ବେତନଟୀ ଥାନାର ଅନ୍ୟାନ୍ୟ କର୍ମଚାରୀ ପ୍ରମୁଖ ସକ୍ରିୟ ସହଯୋଗ କରିଥିଲେ ।

# ରବି ଧାନ ସଂଗ୍ରହ ନିମନ୍ତେ ପ୍ରସ୍ତୁତି ବୈଠକ

ଝାରସୁଗୁଡ଼ା, ୨୭/୦୫ (ନି.ପ୍ର): ଜିଲ୍ଲା ଯୋଗାଣ ବିଭାଗ ପକ୍ଷରୁ ସ୍ଥାନୀୟ ଡିଏମଏଫ୍ ଅଡିଟୋରିୟମଠାରେ ୨୦୨୫-୨୬ ଧାନ ସଂଗ୍ରହ ବର୍ଷର ରବି ଋତୁ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତୁତି ଓ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଚଳିତ ରବି ଋତୁରେ ଜିଲ୍ଲାର ୨୮ ଗୋଟି ସମବାୟ ସୋସାଇଟି ଜରିଆରେ ଚାଷୀଙ୍କଠାରୁ ସୁଚାରୁରୂପେ ଧାନ ସଂଗ୍ରହ କରାଯିବ । ଏହି ପ୍ରକ୍ରିୟାକୁ ସ୍ୱଚ୍ଛ ଓ ଶୃଙ୍ଖଳିତ କରିବା ପାଇଁ ଆଜି ମଣ୍ଡି ନୋଡାଲ ଅଫିସର ଏବଂ ମଣ୍ଡି ସୁପରଭାଇଜର ମାନଙ୍କୁ ଆନୁଷ୍ଠାନିକ ଭାବେ ନିଯୁକ୍ତି ଦିଆଯିବା ସହ ସେମାନଙ୍କ ଦାୟିତ୍ୱ ବିଷୟରେ ଅବଗତ କରାଯାଇଛି । ଜିଲ୍ଲାପାଳ କୁଣାଲ ମୋତିରାମ ଚହ୍ୱାଣଙ୍କ ନିର୍ଦ୍ଦେଶକ୍ରମେ ନିଯୁକ୍ତ ହୋଇଥିବା ସମସ୍ତ ମଣ୍ଡି ନୋଡାଲ ଅଫିସର ଏବଂ ମଣ୍ଡି ସୁପରଭାଇଜର ମାନେ ନିଜ ନିଜ ମଣ୍ଡିରେ ନିୟମିତ ଉପସ୍ଥିତ ରହିବେ । ଚାଷୀମାନେ ଯେପରି କୌଣସି ଅସୁବିଧାର ସମ୍ମୁଖୀନ ନ ହେବେ, ସେଥିପାଇଁ ପ୍ରତ୍ୟେକ ମଣ୍ଡିରେ ପିଇବା ପାଣି, ବସିବା ପାଇଁ ଆବଶ୍ୟକ ଗୃହ ବା ବିଶ୍ରାମାଗାର, ସିସିଟିଭି ଏବଂ ଶୌଚାଳୟ ଭଳି ସମସ୍ତ ଆନୁଷଙ୍ଗିକ ଭିତିଭୂମିର ସୁବ୍ୟବସ୍ଥା କରିବାକୁ ନିର୍ଦ୍ଦେଶ ଦିଆଯାଇଛି । ଏହା ସହିତ ସମ୍ପୃକ୍ତ ମିଲରମାନେ ଯେପରି ଠିକ୍ ସମୟରେ ମଣ୍ଡିକୁ ଗାଡ଼ି ପଠାଇ ଧାନ ଉଠାଣ କରିବେ, ତାହା ଉପରେ ତୀକ୍ଷ୍ଣ ନଜର ରଖିବାକୁ କୁହାଯାଇଛି । ଏହି ସମଗ୍ର ଧାନ କ୍ରୟ ପ୍ରକ୍ରିୟାକୁ ଅଧିକ ପ୍ରଭାବଶାଳୀ କରିବା ପାଇଁ ଜିଲ୍ଲାପାଳ କଡ଼ା ଆଭିମୁଖ୍ୟ ଗ୍ରହଣ କରିଛନ୍ତି । ଜିଲ୍ଲାର ସମସ୍ତ ଦାୟିତ୍ୱପ୍ରାପ୍ତ ଅଫିସରମାନେ ପ୍ରତ୍ୟେକ ଦିନ ନିଜ ଅଂଚଳର ମଣ୍ଡିଗୁଡ଼ିକୁ ପରିଦର୍ଶନ କରି ସ୍ଥିତି ତଦାରଖ କରିବେ । ଧାନ ସଂଗ୍ରହ କାର୍ଯ୍ୟରେ କୌଣସି ପ୍ରକାରର ଶିଥିଳତା, ଅନିୟମିତତା କିମ୍ବା କର୍ତବ୍ୟରେ ଅବହେଳାକୁ ବରଦାସ୍ତ କରାଯିବ ନାହିଁ ଏବଂ ଖିଲାପକାରୀଙ୍କ ବିରୁଦ୍ଧରେ ଦୃଢ଼ ବିଭାଗୀୟ କାର୍ଯ୍ୟନୁଷ୍ଠାନ ଗ୍ରହଣ କରାଯିବ ବୋଲି ଜିଲ୍ଲା ପ୍ରଶାସନ ପକ୍ଷରୁ ସ୍ପଷ୍ଟ କରିଦିଆଯାଇଛି । ଆଜି ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଜିଲ୍ଲା ଅତିରିକ୍ତ ଯୋଗାଣ ଅଧିକାରୀ, ସହକାରୀ ଯୋଗାଣ ଅଧିକାରୀ, ସମବାୟ ସମିତି ସମୂହର ସହକାରୀ ନିବନ୍ଧକ ଏବଂ ଜିଲ୍ଲାର ୫ ଗୋଟି ବ୍ଲକରୁ ଆସିଥିବା ସମସ୍ତ ନବନିଯୁକ୍ତ ମଣ୍ଡି ନୋଡାଲ ଅଫିସର ଓ ମଣ୍ଡି ସୁପରଭାଇଜର ପ୍ରମୁଖ ଉପସ୍ଥିତ ଥିଲେ ।

# ନାବାଳିକାକୁ ଅସଦାଚରଣ : ଅଭିଯୁକ୍ତ ଅବସରପ୍ରାପ୍ତ କୃଷି ଅଧିକାରୀ ଗିରଫ

ବେତନଟୀ, ୨୭/୦୫ (ନି.ପ୍ର): ବେତନଟୀ ଥାନା ଇଲାକାର ଜନୈକା ୧୫ବର୍ଷୀୟା ନାବାଳିକା ଜଣକ ଜନୈକ ବ୍ୟକ୍ତିଙ୍କ ଘରକୁ ଟ୍ୟୁସନ ପଢାଇବାକୁ ଆସୁଥିବା ବେଳେ ଏକୁଟିଆ ଥିବାର ସୁଯୋଗ ନେଇ ଅଭିଯୁକ୍ତ ଘରମାଲିକ ଅସଦାଚରଣ କରିବା ଅଭିଯୋଗରେ ସୋମବାର ମାମଲା ରୁଜୁକରି ଅଭିଯୁକ୍ତ ଅବସରପ୍ରାପ୍ତ କୃଷି ଅଧିକାରୀଙ୍କୁ ଗିରଫ କଲା ପୁଲିସ । ଗିରଫ ଅଭିଯୁକ୍ତ ଜଣକ ହେଉଛି ବଡଯୋଡ ଗ୍ରାମର ଅବସରପ୍ରାପ୍ତ କୃଷି ଅଧିକାରୀ ଲକ୍ଷ୍ମଣ ମହାନ୍ତ(୬୨) । ସୂଚନା ମୁତାବକ ମୁତାବକ ଅଭିଯୁକ୍ତ ଲକ୍ଷ୍ମଣ ମହାନ୍ତ ଘରେ ୪-୫ ବର୍ଷ ବୟସର ଜଣେ ଛୋଟଝିଅ ଥିବାବେଳେ ମ୍ୟାଟ୍ରିକ ପରୀକ୍ଷା ଦେଇଥିବା ୧୫ବର୍ଷୀୟା ପୀଡ଼ିତାଙ୍କୁ ଉକ୍ତ ଛୋଟଝିଅକୁ ଟ୍ୟୁସନ ପଢାଇବାକୁ ଆସିବା ପାଇଁ ଅଭିଯୁକ୍ତ ଜଣକ କହିଥିଲେ । ଏହାପରେ ପୀଡିତା ଜଣକ ଦୈନିକ ଅଭିଯୁକ୍ତ ଘରକୁ ଟ୍ୟୁସନ ପଢାଇବାକୁ ଆସୁଥିବା ବେଳେ ଏକୁଟିଆ ଥିବାର ସୁଯୋଗପାଇ ମ୍ୟାଟ୍ରିକ ପରେ ଉଚ୍ଚଶିକ୍ଷା ପାଇଁ ଆର୍ଥିକ ସହାୟତା ଯୋଗାଇ ଦେବାର ଲୋଭ ଦେଖାଇ ଅଭିଯୁକ୍ତ ଜଣକ ସମ୍ପୃକ୍ତ ନାବାଳିକାଙ୍କୁ ଅସଦାଚରଣ କରିଥିଲା । ଏନେଇ ପୀଡିତା ଜଣକ ଘରେ ଜଣାଇବାପରେ ପୀଡ଼ିତାଙ୍କ ପରିବାରବର୍ଗ ବେତନଟୀ ଥାନାର ଦ୍ୱାରସ୍ଥ ହୋଇଥିଲେ । ଏନେଇ ବେତନଟୀ ପୁଲିସ ସୋମବାର ମାମଲା ରୁଜୁକରି ଅଭିଯୁକ୍ତ ଅବସରପ୍ରାପ୍ତ କୃଷି ଅଧିକାରୀ ଲକ୍ଷ୍ମଣ ମହାନ୍ତକୁ ଗିରଫ କରିଛନ୍ତି । ମଙ୍ଗଳବାର ଅଭିଯୁକ୍ତର ସ୍ୱାସ୍ଥ୍ୟପରୀକ୍ଷା ପରେ କୋର୍ଟ ଚାଲାଣ କରାଯିବ ବୋଲି ବେତନଟୀ ଥାନା ପକ୍ଷରୁ ସୂଚନା ଦିଆଯାଇଛି ।

# ଆସନ୍ତା ୩୦ରୁ ରାଜ୍ୟରେ ସ୍ୱତନ୍ତ୍ର ସଘନ ସଂଶୋଧନ : ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ଅଧ୍ୟକ୍ଷତାରେ ପ୍ରସ୍ତୁତି ବୈଠକ

ଭଦ୍ରକ, ୨୬ ମଇ : ରାଜ୍ୟରେ ଆସନ୍ତା ମଇ ୩୦ ତାରିଖରୁ ଆରମ୍ଭ ହେବାକୁ ଥିବା ଭୋଟର ତାଲିକାର ସ୍ୱତନ୍ତ୍ର ସଘନ ସଂଶୋଧନ (ଏସ ଆଇ ଆର) କାର୍ଯ୍ୟକ୍ରମର ସୁପରିଚାଳନା ନେଇ ଏକ ରାଜ୍ୟସ୍ତରୀୟ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ଶ୍ରୀ ଆର ଏସ ଗୋପଲନ ଙ୍କ ଅଧ୍ୟକ୍ଷତାରେ ଆଭାସୀ (ଭର୍ଚୁଆଲ) ମାଧ୍ୟମରେ ଆୟୋଜିତ ଏହି ବୈଠକରେ ସମସ୍ତ ଜିଲ୍ଲାର ନୋଡାଲ ଅଫିସର, ଡେପୁଟି କଲେକ୍ଟର (ନିର୍ବାଚନ) ଏବଂ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ (ଡିଆଇପିଆରଓ) ମାନେ ସାମିଲ ହୋଇଥିଲେ ।

ବୈଠକରେ ମୁଖ୍ୟ ନିର୍ବାଚନ ଅଧିକାରୀ ଆସନ୍ତା ଏସଆଇଆର କାର୍ଯ୍ୟକ୍ରମକୁ ଅଧିକ କ୍ରିୟାଶୀଳ ଓ ତ୍ରୁଟିଶୂନ୍ୟ କରିବା ପାଇଁ ସମସ୍ତ ଜିଲ୍ଲା ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ବିଶେଷ କରି ନୂତନ ଭୋଟରଙ୍କ ନାମ ପଞ୍ଜୀକରଣ, ତ୍ରୁଟି ସଂଶୋଧନ ଏବଂ ସ୍ଥାନାନ୍ତରଣ ପ୍ରକ୍ରିୟାକୁ କିପରି ସରଳୀକରଣ କରାଯାଇପାରିବ, ସେ ନେଇ ବିସ୍ତୃତ ଆଲୋଚନା ହୋଇଥିଲା । ଏହି ଅଭିଯାନରେ କୌଣସି ଯୋଗ୍ୟ ଭୋଟର ଯେପରି ବାଦ୍ ନପଡ଼ନ୍ତି, ସେଥିପ୍ରତି ସତର୍କ ଦୃଷ୍ଟି ଦେବାକୁ ସେ କହିଛନ୍ତି ।

ଭୋଟର ତାଲିକାର ସ୍ୱତନ୍ତ୍ର ସଘନ ସଂଶୋଧନ' ସମୟରେ ବି ଏଲ ଓ ମାନେ ଘରକୁ ଘର ବୁଲି ସର୍ଭେପ୍ରକ୍ରିୟାକୁ ସ୍ୱଚ୍ଛ, ସରଳ ଓ ଗୁଜବମୁକ୍ତ କରିବା ପାଇଁ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ସମସ୍ତ ଜିଲ୍ଲା ଅଧିକାରୀମାନଙ୍କୁ ସ୍ୱତନ୍ତ୍ର ରଣନୀତି ପ୍ରସ୍ତୁତ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ବିଶେଷ କରି ସୋସିଆଲ ମିଡିଆରେ ଏସ ଆଇ ଆର କୁ ନେଇ ପ୍ରସାରିତ ହେଉଥିବା ଯେକୌଣସି ଅପପ୍ରଚାରର ତୁରନ୍ତ ମୁକାବିଲା କରିବାକୁ ଏହି ଆଭାସୀ ବୈଠକରେ ଚେତାବନୀ ଦିଆଯାଇଛି । ଭୋଟର ତାଲିକା ସଂଶୋଧନ ପ୍ରକ୍ରିୟାକୁ ନେଇ ସୋସିଆଲ ମିଡିଆରେ କୌଣସି ପ୍ରକାର ଭ୍ରମାତ୍ମକ ସୂଚନା କିମ୍ବା ଗୁଜବ ଯେପରି ନ ବ୍ୟାପେ, ସେଥିପାଇଁ ପ୍ରତ୍ୟେକ ଜିଲ୍ଲାର ସୂଚନା ଓ ଲୋକସମ୍ପର୍କ ଅଧିକାରୀ ମାନେ ସୋସିଆଲ ମିଡିଆ



ପ୍ଲାଟଫର୍ମ ଉପରେ ତୀକ୍ଷ୍ଣ ନଜର ରଖିବେ । କୌଣସି ଅପପ୍ରଚାର ନଜରକୁ ଆସିଲେ, ପ୍ରଶାସନ ପକ୍ଷରୁ ସଙ୍ଗେ ସଙ୍ଗେ ତାର ସତ୍ୟାସତ୍ୟ ଉପସ୍ଥାପନ କରାଯାଇ ଖଣ୍ଡନ କରାଯିବ । ଭୋଟର ତାଲିକା ପ୍ରସ୍ତୁତି ପାଇଁ ଉଦ୍ଦିଷ୍ଟ ସମସ୍ତ ଗଣନା ଫର୍ମକୁ ସ୍ଥାନୀୟ ଓଡ଼ିଆ ଭାଷାରେ ଉପଲବ୍ଧ କରାଯିବ, ଯାହାଦ୍ୱାରା ଗ୍ରାମାଞ୍ଚଳର ସାଧାରଣ ଲୋକେ ଏହାକୁ ସହଜରେ ବୁଝିପାରିବେ । ଏହା ସହିତ ଘରକୁ ଘର ବୁଲି ହେବାକୁ ଥିବା ଗଣନା କାର୍ଯ୍ୟକ୍ରମ ବିଷୟରେ ଲୋକଙ୍କୁ ସଚେତନ କରାଯିବ, ଯେପରି ସେମାନେ ନିଜ ସଠିକ୍ ତଥ୍ୟ ପ୍ରଦାନ କରିବେ । ଜନସାଧାରଣଙ୍କ ସହାୟତା ପାଇଁ ୧୯୫୦ ଟୋଲ୍ ଫ୍ରି ନିର୍ବାଚନ ହେଲ୍ପଲାଇନ ନମ୍ବରର ବ୍ୟାପକ ପ୍ରଚାର କରାଯିବ । ଏହି ନମ୍ବର ଜରିଆରେ ନାଗରିକମାନେ ଭୋଟର ତାଲିକା ସମ୍ବନ୍ଧୀୟ ସମସ୍ତ ସୂଚନା ପାଇପାରିବେ ଏବଂ ନିଜ ଅଞ୍ଚଳର ବୁଥ୍ ସ୍ତରୀୟ ଅଧିକାରୀଙ୍କ ସହ ଆଲୋଚନା ପାଇଁ ଏକ କଲ୍ ମଧ୍ୟ ବୁକ୍ କରିପାରିବେ ।

ଭୋଟର ସଂଶୋଧନ ପ୍ରକ୍ରିୟା ସମ୍ପର୍କରେ ଜନସାଧାରଣଙ୍କୁ ଅବଗତ କରାଇବା ପାଇଁ ବ୍ୟାପକ ସଚେତନତା ସୃଷ୍ଟି କରିବାକୁ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀମାନଙ୍କୁ ଦାୟିତ୍ୱ ଦିଆଯାଇଛି । ସ୍ଥାନୀୟ ଗଣମାଧ୍ୟମ, ସାମାଜିକ ଗଣମାଧ୍ୟମ ମାଧ୍ୟମରେ ଏହାର କିପରି ବହୁଳ ଭାବରେ ପ୍ରଚାର ପ୍ରସାର କରାଯାଇପାରିବ ସେ ଉପରେ ଡେ଼ପୁଟି ସିଇଓ ଡ଼. ଲକ୍ଷ୍ମୀପ୍ରସାଦ ସାହୁ ସମସ୍ତ ଜିଲ୍ଲାର ମିଡ଼ିଆ ସେଲ, ସୋସିଆଲ ମିଡ଼ିଆ ସେଲ ର ମୁଖ୍ୟ ଓ ଡିଆଇପିଆରଓ ମାନଙ୍କୁ ପରାମର୍ଶ ଦେଇଛନ୍ତି ।

ପ୍ରତ୍ୟେକ ଜିଲ୍ଲାରେ ନିର୍ବାଚନ ବିଭାଗ ଓ ଜିଲ୍ଲା ପ୍ରଶାସନ ମଧ୍ୟରେ ଉତ୍ତମ ସମନ୍ୱୟ ରକ୍ଷା କରି କାର୍ଯ୍ୟ କରିବାକୁ ଡେପୁଟି କଲେକ୍ଟର (ନିର୍ବାଚନ) ଓ ନୋଡାଲ ଅଫିସରମାନଙ୍କୁ ପରାମର୍ଶ ଦିଆଯାଇଛି । ଅନଲାଇନ୍ ମାଧ୍ୟମରେ ଆବେଦନ ପ୍ରକ୍ରିୟାକୁ ଅଧିକ ତ୍ୱରାନ୍ୱିତ କରିବା ସହ ବୁଥ୍ ସ୍ତରୀୟ ଅଧିକାରୀ ମାନଙ୍କୁ ସକ୍ରିୟ କରିବା ପାଇଁ ବୈଠକରେ ନିଷ୍ପତ୍ତି ହୋଇଥିଲା । ଏହି ବୈଠକରେ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ଶ୍ରୀ ଆର ଏସ ଗୋପଲନ ଙ୍କ ସମେତ ଡେ଼ପୁଟି ସିଇଓ ଡ଼.ଲକ୍ଷ୍ମୀପ୍ରସାଦ ସାହୁ ଓ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟର ଅନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ ।

# କେ.କେ.ଆର ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର +୨ କଳାରେ ଅପୂର୍ବ ସଫଳତା

ଭଦ୍ରକ, ୨୭/୦୫ (ନି.ପ୍ର): ଚଳିତ ବର୍ଷ ଯୁକ୍ତ ଦୁଇ କଳା ବିଭାଗରେ ସ୍ଥାନୀୟ କୁସୁନନଗରସ୍ଥ କମଳା କିଶୋରୀ ରାଉତ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ +୨ ଉଚ୍ଚ ମାଧ୍ୟମିକ ବାର୍ଷିକ ପରୀକ୍ଷାଫଳ ଅପୂର୍ବ ସଫଳତା ଲାଭ କରିଛି । ମୋଟ ପରୀକ୍ଷା ଦେଇଥିବା ୧୧୮ଜଣ ଛାତ୍ରୀଙ୍କ ମଧ୍ୟରୁ ଛତିଶ୍ ଜଣ ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଥିବାବେଳେ ମୋଟ ୧୧୧ଜଣ ଛାତ୍ରୀ ଏହି ପରୀକ୍ଷାରେ ପାସ କରିଛନ୍ତି । ସେମାନଙ୍କ ମଧ୍ୟରୁ ପ୍ରତିଭା ପଣ୍ଡା ସର୍ବାଧିକ ୫୨୧ନମ୍ବର ଓ ଲକ୍ଷ୍ମୀ ବାଲମୁଚୁ ୪୯୮ ନମ୍ବର ରଖି ଅନୁଷ୍ଠାନର ଗୌରବ ବୃଦ୍ଧି କରିଛନ୍ତି । ଚଳିତ ବର୍ଷର ବାର୍ଷିକ ଉଚ୍ଚ ମାଧ୍ୟମିକ ପରୀକ୍ଷା ଫଳ, ଅନୁଷ୍ଠାନର ଅଧାପକ/ଅଧାପିକା, କର୍ମଚାରୀ, ଛାତ୍ରୀ ଓ ଅଭିଭାବକଙ୍କ ମହଲରେ ବେଶ ଆନନ୍ଦ ଓ ଉତ୍ସାହ ଆଣି ଦେଇଛି । ସର୍ବୋଚ୍ଚ ନମ୍ବର ରଖିଥିବା ଦୁଇ ଛାତ୍ରୀଙ୍କୁ ଅନୁଷ୍ଠାନର ଅଧ୍ୟକ୍ଷ ରାଜେନ୍ଦ୍ର କୁମାର ପଣ୍ଡାଙ୍କ ତରଫରୁ ଶୁଭେଚ୍ଛା ଜଣାଇଛନ୍ତି ।

# ଆର୍ଥିକ ସାକ୍ଷରତା ଓ ଆର୍ଥିକ ଅନ୍ତର୍ଭୂକ୍ତିକରଣ ତଥା ସାଇବର ସଚେତନତା ଶିବିର

ଭଦ୍ରକ, ୨୭/୦୫ (ନି.ପ୍ର): ଭଦ୍ରକ ଜିଲ୍ଲା ପ୍ରଶାସନ ତରଫରୁ ଆର୍ଥିକ ସାକ୍ଷରତା ଓ ଆର୍ଥିକ ଅନ୍ତର୍ଭୂକ୍ତିକରଣ ଶିବିର ତଥା ସାଇବର ସଚେତନତା ବିଷୟରେ ଏରେଇଁ ଗ୍ରାମ ପଞ୍ଚାୟତର କଲ୍ୟାଣ ମଣ୍ଡପ, ଭଦ୍ରକ ଠାରେ ଅନୁଷ୍ଠିତ ହୋଇଯାଇଛି । ଏହି ସଭାରେ ଅତିଥି ଜିଲ୍ଲା ଆର୍ଥିକ ସେବା ଓ ସଞ୍ଚୟ ଅଧିକାରୀ ମୋନାଲିସା ପଣ୍ଡା, ସାଇବର ସେଲ ଅଧକ୍ଷ ଦୟାନିଧି ଦାସ, ଭଦ୍ରକ ଜିଲ୍ଲା ଏଫ୍ ଏଲ୍ ସି ଅଶ୍ୱିନୀ କୁମାର ନାୟକ, ଲିଡ୍ ବ୍ୟାଙ୍କ୍ ସି ଏଫ୍ ଏଲ୍, ଇଣ୍ଡିଆ ପୋଷ୍ଟ ପେମେଣ୍ଟ ବ୍ୟାଙ୍କ ଅଧିକାରୀ ମନୋଜ୍ କୁମାର ଦାସ, ସିଡ଼ିପିଓ, ଭଦ୍ରକ ଓ ଏରେଇ ପଞ୍ଚାୟତ ର ସରପଞ୍ଚ ମହୋଦୟା ଯୋଗ ଦେଇଥିଲେ । ଏହି ସଭାରେ ଜିଲ୍ଲା ଆର୍ଥିକ ସେବା ଓ ସଞ୍ଚୟ ଅଧିକାରୀ ସଭା ପରିଚାଳିତ କରିଥିଲେ ଓ ପିଲାମାନଙ୍କୁ ସଂଚୟର ମହତ୍ୱ



ଜଣାଇବା ସହ ଆର୍ଥିକ ସକ୍ଷାରତା ମାଧ୍ୟମରେ ସମାଜ ଗଢ଼ିବା ପାଇଁ ଅନୁପ୍ରାଣିତ କରିଥିଲେ । ସାଇବର ସେଲ ଅଧକ୍ଷ ସଭାରେ ଯୋଗଦେଇଥିବା ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାମାନ, ଅଙ୍ଗନୱାଡି କର୍ମୀ ଓ ବରିଷ୍ଠ ନାଗରିକ ମାନଙ୍କୁ ସାଇବର ଅପରାଧୀ ମାନଙ୍କ ଶିକାରରୁ ବଞ୍ଚିବାର ଉପାୟମାନ ବୁଝାଇଥିଲେ । ଏଫ୍ ଏଲ ସି ଓ ଇଣ୍ଡିଆ ପୋଷ୍ଟ ପେମେଣ୍ଟ ବ୍ୟାଙ୍କ୍ ମ୍ୟାନେଜର୍ ବ୍ୟାଙ୍କ୍ ରେ ଉପଲବ୍ଧ ଥିବା ସମସ୍ତ ସାମାଜିକ ସୁରକ୍ଷା ଯୋଜନା ସମ୍ପର୍କରେ ଅବଗତ କରାଇଥିଲେ । ଜିଲ୍ଲା ଡାକ ବିଭାଗର ଅଧିକାରୀ ଡାକଘରେ ଉପଲବ୍ଧ ସମସ୍ତ ସଞ୍ଚୟ ଯୋଜନା ଗୁଡିକ ସମ୍ବଧରେ ଜଣାଇଥିଲେ ଓ ସଭାରେ ଯୋଗଦେଇଥିବା ବ୍ୟକ୍ତିମାନଙ୍କୁ ସଞ୍ଚୟ ପାଇଁ ଅନୁପ୍ରାଣିତ କରିଥିଲେ ଓ ଚିଟ୍ ଫଣ୍ଡ ଠକେଇ ଶିକାର ନହେବାକୁ ପରାମର୍ଶ ଦେଇଥିଲେ । ଏହି ସଭାରେ ମୋଟ ୧୦୦ ଜଣ ଗ୍ରାମବାସୀ ଯୋଗଦେଇଥିଲେ । ଏହି ସଭାରେ ଶିଖିଥିବା ତଥ୍ୟ ରେ ଅନୁପ୍ରାଣିତ ହେବା ପାଇଁ ଅଥିତି ପିଲାମାନଙ୍କୁ ଅନୁରୋଧ କରିଥିଲେ ଓ ଓ ନିଜ ପରିବାର ଲୋକଙ୍କୁ ମଧ୍ୟରେ ସଞ୍ଚୟ ଯୋଜନା, ଆର୍ଥିକ ସାକ୍ଷରତା ଓ ସାଇବର ସଚେତନତା ସମ୍ପର୍କରେ ସଚେତନ କରିବା ପାଇଁ ଅନୁରୋଧ କରିଥିଲେ । ଏହି ସଭାଟିକୁ ସଫଳ କରିବାରେ ଏରେଇଁ ପଞ୍ଚାୟତ ର ସରପଞ୍ଚ, କାର୍ଯ୍ୟକର୍ତ୍ତା ଓ ଜିଲ୍ଲା ଆର୍ଥିକ ସେବା ଓ ସଞ୍ଚୟ ବିଭାଗ ର କର୍ମକର୍ତ୍ତା ଓ ଡାକ ଏଜେଣ୍ଟ ମାନେ ସହାୟକ ହୋଇଛନ୍ତି ।

# ମହୁମାଛି ଆକ୍ରମଣରେ ଯୁବ ବ୍ୟବସାୟୀଙ୍କ ମୃତ୍ୟୁ

କନ୍ଧମାଳ, ୨୭/୦୫ (ନି.ପ୍ର): କନ୍ଧମାଳ ଜିଲ୍ଲା ବାଲିଗୁଡ଼ାରେ ଅଭାବନୀୟ ଘଟଣା । ବ୍ୟାଡମିଣ୍ଟନ ଖେଳି ଘରକୁ ଯିବାବେଳେ ଘର ଦୁଆରେ ଜଗି ବସିଥିଲା ଜମ । ଘରେ ପଶିବା ପୂର୍ବରୁ ଘର ସାମ୍ନାରେ ମହୁମାଛି ଆକ୍ରମଣରେ ଚାଲିଗଲା ଯୁବ ବ୍ୟବସାୟୀଙ୍କ ଜୀବନ । ମୃତକ ବାଲିଗୁଡ଼ା ସହରର ଯୁବ ବ୍ୟବସାୟୀ ଖଜୁରୀନାଳ ସାହି ବାସିନ୍ଦା ବି. ମହେଶ୍ୱର ଦୋରା(ପିଂଟୁ) ।

ସୂଚନା ଅନୁଯାୟୀ, ପ୍ରତିଦିନ ଭଳି ଆଜି ମଧ୍ୟ ପିଂଟୁ ବ୍ୟାଡମିଂଟନ ଖେଳିବାକୁ ଯାଇଥିଲେ । ଖେଳି ସାରି ଘରକୁ ଫେରିଥିଲେ ପିଂଟୁ । କିନ୍ତୁ, ନିଜ ଘର ଆଗରେ ମହୁମାଛି ଆକ୍ରମଣର ଶିକାର ହୋଇ ତଳେ ପଡ଼ି ଚେତାଶୂନ୍ୟ ହୋଇଯାଇଥିଲେ । ପରିବାର ଲୋକେ ତାଙ୍କୁ ବାଲିଗୁଡ଼ା ଉପଖଣ୍ଡ ଚିକିତ୍ସାଳୟରେ ଭର୍ତି କରାଇଥିଲେ । ହେଲେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଛନ୍ତି ।

# ବେହେରାମାଲ୍ ଟ୍ରାଫିକ୍ ଛକରେ ଲାଗିବ 'ମିଷ୍ଟିଙ୍ଗ୍ ସିଷ୍ଟମ୍'

ଝାରସୁଗୁଡ଼ା, ୨୭/୦୫ (ନି.ପ୍ର): ସହରରେ ଗ୍ରୀଷ୍ମ ପ୍ରବାହ ଓ ପ୍ରଚଣ୍ଡ ଉତାପରୁ ଜନସାଧାରଣ ଓ ଜେବ୍ରା କ୍ରସିଂରେ ଅପେକ୍ଷା କରୁଥିବା ବାହନ ଚାଳକମାନଙ୍କୁ ଆଶ୍ୱସ୍ତି ଦେବା ପାଇଁ ୱାଟକୋ, ପୌରପାଳିକା ଏବଂ ଜିଲ୍ଲା ପ୍ରଶାସନ ପକ୍ଷରୁ ଏକ ଅଭିନବ ପ୍ରୟାସ କରାଯାଇଛି । ସହରର ବେହେରାମାଲ୍ ଟ୍ରାଫିକ୍ ଛକଠାରେ ପ୍ରାଥମିକ ଭାବେ ଏକ ଆଧୁନିକ 'ମିଷ୍ଟିଙ୍ଗ୍ ସିଷ୍ଟମ୍' ସ୍ଥାପନ କରାଯାଇଛି । ଗତକାଲି ଏହି ଅତ୍ୟାଧୁନିକ ବ୍ୟବସ୍ଥାର ଏକ ଡେମୋ ଜିଲ୍ଲାପାଳ କୁଣାଲ ମୋତିରାମ ଚହ୍ୱାଣଙ୍କ ସମ୍ମୁଖରେ କରାଯାଇଥିଲା । ଜିଲ୍ଲାପାଳ ଏହି ବ୍ୟବସ୍ଥାର କାର୍ଯ୍ୟକାରିତାକୁ ସମୀକ୍ଷା କରିଥିଲେ । ଏହି ସ୍ୱତନ୍ତ୍ର 'ମିଷ୍ଟିଙ୍ଗ୍ ସିଷ୍ଟମ୍' ପ୍ରଯୁକ୍ତିବିଦ୍ୟା 'ଫ୍ଲାସ୍ ଇଭାପୋରେସନ୍' ପ୍ରକ୍ରିୟା ମାଧ୍ୟମରେ କାର୍ଯ୍ୟ କରିଥାଏ । ଏହି ସିଷ୍ଟମ୍ ବାୟୁମଣ୍ଡଳକୁ ଅତି ସୂକ୍ଷ୍ମ ଜଳକଣା ବିଚ୍ଛୁରିତ କରିଥାଏ, ଯାହା ପରିବେଶରେ ଥିବା ପ୍ରଚଣ୍ଡ ଉତାପକୁ ଶୋଷି ନେଇଥାଏ । ଫଳରେ ଆଖପାଖ ଅଂଚଳର ବାୟୁ ତୁରନ୍ତ ଥଣ୍ଡା ହୋଇଯାଏ ଏବଂ ସେଠାରେ ଉପସ୍ଥିତ ଥିବା ଲୋକମାନେ ତାପମାତ୍ରାରେ ଏକ ବଡ଼ ଧରଣର ହ୍ରାସ ଓ ଶୀତଳତା ଅନୁଭବ କରିପାରିବେ । ଜିଲ୍ଲାପାଳ ଶ୍ରୀ ଚହ୍ୱାଣଙ୍କ ନିର୍ଦ୍ଦେଶକ୍ରମେ ପ୍ରଥମ ପର୍ଯ୍ୟାୟରେ ଏହାକୁ ବେହେରାମାଲ୍ ଟ୍ରାଫିକ୍ ଛକରେ ସ୍ଥାପନ ଏବଂ କାର୍ଯ୍ୟକ୍ଷମ କରାଯିବ । ଏହାର ସଫଳତା ଓ ଜନସାଧାରଣଙ୍କ ସୁବିଧାକୁ ଦୃଷ୍ଟିରେ ରଖି ପରେ ସହରର ଅନ୍ୟ ସମସ୍ତ ପ୍ରମୁଖ ତଥା ବ୍ୟସ୍ତବହୁଳ ଟ୍ରାଫିକ୍ ଛକଗୁଡ଼ିକରେ ମଧ୍ୟ ସମାନ ଭାବେ ଏହି 'ମିଷ୍ଟିଙ୍ଗ୍ ସିଷ୍ଟମ୍' ସ୍ଥାପନ କରିବା ପାଇଁ ବ୍ୟବସ୍ଥା ଗ୍ରହଣ କରାଯିବ ।

# ରାଜସ୍ୱ ମନ୍ତ୍ରୀଙ୍କ ଦ୍ୱାରା ବହୁ ଉନ୍ନୟନମୂଳକ ପ୍ରକଳ୍ପ ଲୋକାର୍ପିତ ଓ ଭିତ୍ତିପ୍ରସ୍ତର ସ୍ଥାପନ

ଝାରସୁଗୁଡ଼ା, ୨୭/୦୫ (ନି.ପ୍ର): ମୁଖ୍ୟମନ୍ତ୍ରୀଙ୍କ ସୁଚାରୁ ମାର୍ଗଦର୍ଶନରେ ଝାରସୁଗୁଡ଼ା ଜିଲ୍ଲାରେ ବିକାଶମୂଳକ କାର୍ଯ୍ୟଧାରା ଅଧିକ ତ୍ୱରାନିତ ହୋଇଛି । ଏହି କ୍ରମରେ ଝାରସୁଗୁଡ଼ା ପଂଚାୟତ ସମିତି ଅନ୍ତର୍ଗତ ବିଭିନ୍ନ ଅଂଚଳ ପାଇଁ ଆଜି ଏକ ଭବ୍ୟ କାର୍ଯ୍ୟକ୍ରମରେ ୪ କୋଟିରୁ ଉର୍ଦ୍ଧ୍ୱ ଟଙ୍କାର ପ୍ରକଳ୍ପର ଶୁଭ ଉଦ୍ଘାଟନ ଓ ଭିତିପ୍ରସ୍ତର ସ୍ଥାପନ ଅନୁଷ୍ଠିତ ହୋଇଯାଇଛି । ଲୋଇସିଂହ ଭୋଇମୁଣ୍ଡା ଠାରେ ରାଜସ୍ୱ ଏବଂ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀଙ୍କ କରକମଳରେ ପଂଚାୟତ ସମିତିର ୨.୩୪ କୋଟି ଟଙ୍କା ବିନିମୟରେ ୩୪ ଗୋଟି ପ୍ରକଳ୍ପର ଲୋକାର୍ପଣ ଏବଂ ୨.୫୬ କୋଟି ଟଙ୍କା ବିନିମୟରେ ୨୨ ଗୋଟି ପ୍ରକଳ୍ପର ଭିତିପ୍ରସ୍ତର ସ୍ଥାପନ ହୋଇଛି । ଏହି ଅବସରରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଓଡ଼ିଶା ସରକାରଙ୍କ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ନିଜ ଅଭିଭାଷଣରେ କହିଛନ୍ତି ଯେ, 'ଆମ ସରକାର ସବୁବେଳେ ଜନକଲ୍ୟାଣମୂଳକ କାର୍ଯ୍ୟ କରିବାକୁ ପ୍ରତିବଦ୍ଧ ।' ସେ ଆହୁରି ସୂଚନା ଦେଇଛନ୍ତି ଯେ, ଜିଲ୍ଲାରେ ଡି ଏମ୍ ଏଫ୍ ପାଣ୍ଠିରୁ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ହାତକୁ ନିଆଯାଇଛି । ଆସନ୍ତା ଜାନୁଆରୀ ମାସ ସୁଦ୍ଧା ଅଂଚଳରେ ଖେଳପଡ଼ିଆର ବିକାଶ କରାଯିବ ଏବଂ ରାସ୍ତା ଗମନାଗମନ କ୍ଷେତ୍ରରେ ବ୍ୟାପକ ସୁଧାର ଅଣାଯିବ, ଯାହାଦ୍ୱାରା ଲୋକମାନେ ଉନ୍ନତ ଯାତାୟାତର ସୁବିଧା ପାଇପାରିବେ । ଜିଲ୍ଲାରେ ଶିକ୍ଷା କ୍ଷେତ୍ରରେ ବ୍ୟାପକ ରୂପାନ୍ତରଣ ଉପରେ ଗୁରୁତ୍ୱ ଦେଇ ମନ୍ତ୍ରୀ କହିଛନ୍ତି ଯେ, ପ୍ରତ୍ୟେକ ଗ୍ରାମ ପଂଚାୟତରେ ଥିବା ସମସ୍ତ ହାଇସ୍କୁଲଗୁଡ଼ିକୁ ଆଗାମୀ ଦିନରେ +୨ କଲେଜରେ ରୂପାନ୍ତରିତ କରାଯିବ । ପ୍ରଥମ ପର୍ଯ୍ୟାୟରେ ରାଜପୁର ହାଇସ୍କୁଲ ସମେତ ମୋଟ ୩୮ଟି ପଞ୍ଚାୟତ ହାଇସ୍କୁଲର +୨ ସ୍ତରୀୟ ରୂପାନ୍ତରଣ କାର୍ଯ୍ୟ କରାଯାଉଛି । ସେହିପରି ଗ୍ରାମୀଣ ବିକାଶକୁ ଅଧିକ ତ୍ୱରାନ୍ୱିତ କରିବା ପାଇଁ ପଞ୍ଚାୟତର ସରପଞ୍ଚମାନେ ଯେଉଁ ବିକାଶମୂଳକ ଲିଖିତ ପ୍ରସ୍ତାବ ଦେବେ, ତାହାକୁ ଚଳିତ ବର୍ଷ ହିଁ ତୁରନ୍ତ ଲାଗୁ କରାଯିବ ବୋଲି ମନ୍ତ୍ରୀ ଘୋଷଣା କରିଛନ୍ତି । 'ସବକା ସାଥ ସବକା ବିକାଶ' ମାଧ୍ୟମରେ ସମଗ୍ର ଓଡ଼ିଶାର ନିଜସ୍ୱ ବିକାଶ କରିବା ଆମର ମୁଖ୍ୟ ଲକ୍ଷ୍ୟ । ସାମାଜିକ ସୁରକ୍ଷା ଏବଂ ଗରିବ କଲ୍ୟାଣ କ୍ଷେତ୍ରରେ ଏକ ଐତିହାସିକ ଘୋଷଣା କରି ମନ୍ତ୍ରୀ ଶ୍ରୀ ପୂଜାରୀ କହିଛନ୍ତି ଯେ, ଚଳିତ ବର୍ଷ ଶେଷ ସୁଦ୍ଧା ଜିଲ୍ଲାର ସମସ୍ତ ଭୂମିହୀନ ଗରିବ ପରିବାରଙ୍କୁ ନିଜସ୍ୱ ଘର ତିଆରି କରିବା ପାଇଁ ସରକାରଙ୍କ ପକ୍ଷରୁ ୪ ଡେସିମିଲ୍ ଲେଖାଏଁ ଜାଗା ପ୍ରଦାନ କରାଯିବ । ଶିକ୍ଷା, ସ୍ୱାସ୍ଥ୍ୟ ଏବଂ ଗରିବ କଲ୍ୟାଣ ଯୋଜନାକୁ ତୃଣମୂଳ ସ୍ତରରେ ପହଂଚାଯିବ, ଯାହାଦ୍ୱାରା ଆଗାମୀ ଦିନରେ ବ୍ରଜରାଜନଗର ସମଗ୍ର ଓଡ଼ିଶାରେ ଏକ ସର୍ବୋତମ ଏବଂ ଆଦର୍ଶ ଅଂଚଳ ଭାବେ ଉଭା ହେବ । ଏହି ସମଗ୍ର କାର୍ଯ୍ୟକ୍ରମକୁ ଝାରସୁଗୁଡ଼ା ଗୋଷ୍ଠୀ ଉନ୍ନୟନ ଅଧିକାରୀ ଅନିଲ୍ କୁମାର ଆଚାର୍ଯ୍ୟ ସୁଚାରୁ ରୂପେ ପରିଚାଳନା କରିଥିଲେ । ଏହି ଅବସରରେ ଗରିମାମୟ ଅତିଥି ଭାବେ ଜିଲ୍ଲାପାଳ କୁଣାଳ ମୋତିରାମ ଚହ୍ୱାଣ, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ବିଶ୍ୱରଞ୍ଜନ ନାୟକ, ଝାରସୁଗୁଡ଼ା ପଞ୍ଚାୟତ ସମିତି ଅଧ୍ୟକ୍ଷା ଚିତ୍ରେଣୀ ପଟେଲ, ଜିଲ୍ଲା ପରିଷଦ ଜୋନ୍ ସଦସ୍ୟା ଝରଣା ସାଗରଙ୍କ ସମେତ ବ୍ଲକ୍ ଅଧୀନରେ ଥିବା ସମସ୍ତ ଗ୍ରାମ ପଂଚାୟତର ସରପଂଚ ଏବଂ ଅନ୍ୟାନ୍ୟ ଜନପ୍ରତିନିଧି ଓ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ରହିଥିଲେ ।

# ଟିଟିଲାଗଡ଼ ମହାରାଜ ସାଗରରୁ ଅଜଣା ଯୁବକଙ୍କ ମୃତଦେହ ଉଦ୍ଧାର

ବଲାଙ୍ଗିର, ୨୭/୦୫ (ନି.ପ୍ର): ଟିଟିଲାଗଡ଼ ମହାରାଜ ସାଗର ପରିସରରୁ ସୋମବାର ଜଣେ ଯୁବକଙ୍କ ମୃତଦେହ ଟିଟିଲାଗଡ଼ ପୋଲିସ ଉଦ୍ଧାର କରିଛି । ମହାରାଜ ସାଗରରରେ ଏବେ କାମ ଚାଲିଛି । ସାଗରର ସୌନ୍ଦର୍ଯ୍ୟକରଣ କାମ ଚାଲିଥିବା ବେଳେ ମାଟି ଖୋଳା ଯାଇ ହାଇୱାରେ ମାଟି ବାହାରକୁ ନିଆଯିବା ପାଇଁ ତିଆରି ହୋଇଥିବା ଅସ୍ଥାୟୀ ରାସ୍ତାରେ ଜଣେ ଯୁବକର ମୃତଦେହ ଅପରାହ୍ନରେ ପଡ଼ିଥିବା ଦେଖିବାକୁ ମିଳିଥିଲା । ମୃତଦେହ ସମ୍ପୂର୍ଣ ଭାବେ ମାଟି ବାଲିରେ ପରିପୂର୍ଣ୍ଣ ହୋଇପଡ଼ିଥିବା ଦେଖାଯାଇଥିଲା । ତେବେ ମୃତ ଯୁବକର ପରିଚୟ ମିଳିନଥିବା ବେଳେ ମାଟି କାଢୁଥିବା ହାଇୱା ଧକ୍କାରେ ଯୁବକର ମୃତ୍ୟୁ ହୋଇଛି ନା କୌଣସି ଘଟଣା ଯୋଗୁଁ ଯୁବକଙ୍କ ମୃତ୍ୟୁ ହୋଇଛି ତାକୁ ନେଇ ପୋଲିସ ତଦନ୍ତ କରୁଥିବା ଜଣାପଡିଛି । ବଲାଙ୍ଗିର ଜିଲ୍ଲାରେ ୪୮ ଡିଗ୍ରୀ ଖରା ଥିବାବେଳେ ପାଣିପାଗ ବିଭାଗ ପକ୍ଷରୁ ରେଡ୍ ୱାର୍ଣ୍ଣିଂ ଜାରି କରାଯାଇଛି । ଟିଟିଲାଗଡ଼ରେ ପ୍ରଚଣ୍ଡ ତାତି ଯୋଗୁ ଅଂଶୁଘାତର ଶିକାର ହୋଇ ଯୁବକର ମୃତ୍ୟୁ ଘଟି ଥାଇପାରେ, ତେବେ ତାହା ଏବେ ବି ସ୍ପଷ୍ଟ ହୋଇନାହିଁ । ମୃତ ଯୁବକର ପରିଚୟ ମିଳିନଥିବା ବେଳେ ପୋଲିସ ଏନେଇ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଶବକୁ ଟିଟିଲାଗଡ଼ ଉପଖଣ୍ଡ ମୁଖ୍ୟ ଡାକ୍ତରଖାନାର ଶବ ଗୃହର ଫ୍ରିଜର ଭିତରେ ରଖିଥିବା ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି । ମଙ୍ଗଳବାର ଶବ ବ୍ୟବଚ୍ଛେଦ କରାଯିବା ପରେ ମୃତ୍ୟୁର କାରଣ ଜଣାପଡିବ ବୋଲି କୁହାଯାଇଛି । ତେବେ ମୃତବ୍ୟକ୍ତି ଜଣକ ଅଣ ଓଡିଆ ଶ୍ରମିକ ହୋଇଥିବା ନେଇ ସ୍ଥାନୀୟ ଲୋକେ ଆଲୋଚନା କରୁଥିବା ଦେଖାଯାଇଛି ।



ଯା ଦେବୀ ସର୍ବଭୂତେଷୁ...

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ❑ ଗୁରୁବାର ୨୮ ମଇ ୨୦୨୬ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ THURSDAY 28 May 2026

Vol.No. 36 ■ No.139 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ପ୍ରକାଶ ପାଇଲା

ସାଗରିକା

(ବିଷୁବସଂଖ୍ୟା)

ଡିଜିଟାଲ ଫର୍ମାଟରେ ମଧ୍ୟ ଉପଲବ୍ଧ...

ପ୍ରାପ୍ତିସ୍ଥାନ: ନଲେଜ ସେଣ୍ଟର, ବସଷ୍ଟାଣ୍ଡ ସାମ୍ନା, ବାଲେଶ୍ୱର

website : sagarika.in.net


## ଟ୍ରମ୍ପ ଚାହୁଁନାହାନ୍ତି ଯୁଦ୍ଧ ବନ୍ଦ ହେଉ: ଯୁଦ୍ଧ ବିରତିରେ ପୁଣି ଇରାନ ଉପରେ ଆକ୍ରମଣ



ନୂଆଦିଲ୍ଲୀ,୨୭/୫ : କତରରେ ଆମେରିକା ଏବଂ ଇରାନ ମଧ୍ୟରେ ଗୁରୁତ୍ୱପୂର୍ଣ୍ଣ ଶାନ୍ତି ଆଲୋଚନା ଜାରି ରହିଥିବା ବେଳେ ପରିସ୍ଥିତି ପୁଣି ଗମ୍ଭୀର ରୂପ ଧାରଣ କରିଛି । ଯୁଦ୍ଧ ବିରତି ପ୍ରକ୍ରିୟା ଚାଲିଥିବା ସମୟରେ ହିଁ ଇରାନ ଉପରେ ଆକ୍ରମଣ କରିଛି ଆମେରିକା । ଯାହା ବିଶ୍ୱ ସମୁଦାୟକୁ ଚକିତ କରିଦେଇଛି । ଏହି ନୂତନ ଆକ୍ରମଣକୁ ନେଇ ସାରା ବିଶ୍ୱରେ ଚର୍ଚ୍ଚା ଜୋର ଧରିଛି ଯେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଜାଣିଶୁଣି ଏହି ଯୁଦ୍ଧକୁ ରୋକିବାକୁ ଚାହୁଁନାହାନ୍ତି । ଶାନ୍ତି ପ୍ରସ୍ତାବର ସଫଳତା ଆଡ଼କୁ ଗତି କରୁଥିବା ଆଲୋଚନା ମଧ୍ୟରେ ଏଭଳି ସାମରିକ କାର୍ଯ୍ୟାନୁଷ୍ଠାନ ଆମେରିକାର ପ୍ରକୃତ ଉଦ୍ଦେଶ୍ୟ ଉପରେ ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରିଛି । ଏହି ସାଂଘାତିକ ସ୍ଥିତି ମଧ୍ୟରେ ଇରାନର ସର୍ବୋଚ୍ଚ ନେତା ମୋଜତାବା ଖେମିନି ଆମେରିକାକୁ ଏକ କଡ଼ା ଚେତାବନୀ ଦେଇଛନ୍ତି । ସେ ସ୍ପଷ୍ଟ କରିଛନ୍ତି ଯେ ଉପସାଗରୀୟ ଦେଶଗୁଡ଼ିକ ଆଉ ଆମେରିକାର ସାମରିକ ବେସ୍ ପାଇଁ ସୁରକ୍ଷା କବଚ ସାଜିବେ ନାହିଁ । ଏଠାରେ ଆମେରିକୀୟ ସୈନ୍ୟଙ୍କ ପାଇଁ କୌଣସି ସ୍ଥାନ ନାହିଁ । ୱାସିଂଟନ ନିଜର ସାମରିକ ପ୍ରଭାବ ବିସ୍ତାର କରିବା ଏବଂ ଅଞ୍ଚଳରେ ଆତଙ୍କ ସୃଷ୍ଟି କରିବା ପାଇଁ ଗଲ୍ଫ ଦେଶଗୁଡ଼ିକୁ ବ୍ୟବହାର କରୁଛି ବୋଲି ସେ ଅଭିଯୋଗ ଆଣିଛନ୍ତି । ଉପସାଗୀୟ ଅଞ୍ଚଳରେ ଥିବା ଆମେରିକାର ସାମରିକ ଘାଟିଗୁଡ଼ିକୁ ମୂଳପୋଛ କରିବାକୁ ଇରାନ ଧମକ ଦେଇଛି । ଆମେରିକା ନିଜର ମନ୍ଦ ଉଦ୍ଦେଶ୍ୟ ଚରିତାର୍ଥ କରିବା ପାଇଁ ଆଉ କୌଣସି ସୁରକ୍ଷିତ ସ୍ଥାନ ପାଇବ ନାହିଁ ବୋଲି ଖେମିନି କହିଛନ୍ତି । ଉଭୟ ଦେଶ ମଧ୍ୟରେ ୧୪ ସୂତ୍ରୀ ବିଶିଷ୍ଟ ଶାନ୍ତି ପ୍ରସ୍ତାବ ଉପରେ ଆଲୋଚନା ଚାଲିଥିଲେ ବି ଇରାନର ପରମାଣୁ ଓ ମିସାଇଲ କାର୍ଯ୍ୟକ୍ରମ ସବୁଠାରୁ ବଡ଼ ପ୍ରତିବନ୍ଧକ ସାଜିଛି । ଇରାନ ନିଜର ସମୃଦ୍ଧ ୟୁରାନିୟମ ହସ୍ତାନ୍ତର କରୁ ଏବଂ ମିସାଇଲ କାର୍ଯ୍ୟକ୍ରମ ବନ୍ଦ କରୁ ବୋଲି ୱାସିଂଟନ ଜିଦ୍ ଧରିଛି । ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ନିଜ ସୋସିଆଲ ମିଡିଆ ପ୍ଲାଟଫର୍ମ 'ଟ୍ରୁଥ୍ ସୋସିଆଲ'ରେ ଲେଖିଛନ୍ତି ଯେ, ଏହି ଚୁକ୍ତି ଓବାମା ଶାସନ କାଳର ଚୁକ୍ତି ଅପେକ୍ଷା ଅଧିକ ଭଲ ହେବା ଆବଶ୍ୟକ, ନଚେତ କୌଣସି ଚୁକ୍ତି ହେବ ନାହିଁ । ଟ୍ରମ୍ପଙ୍କ ଏଭଳି କଠୋର ଆଭିମୁଖ୍ୟ ଏବଂ ଚାଲିଥିବା ଆକ୍ରମଣରୁ ସ୍ପଷ୍ଟ ଜଣାପଡୁଛି ଯେ ସେ ବୋଧହୁଏ ଯୁଦ୍ଧର ଅବସାନ ଚାହୁଁନାହାନ୍ତି । ଫେବ୍ରୁଆରି ୨୮ରେ ଆମେରିକା-ଇସ୍ରାଏଲର ମିଳିତ ଏୟାରଷ୍ଟ୍ରାଇକ୍ ପରେ ଆରମ୍ଭ ହୋଇଥିବା ଏହି ଯୁଦ୍ଧର ସମାଧାନ ପାଇଁ ଇରାନର ପ୍ରତିନିଧି ଦଳ ଏବେ କତରରେ ଅଛି । ଇରାନ ବାଜ୍ୟାପ୍ତ ହୋଇଥିବା ୨୪ ବିଲିୟନ ଡଲାର ତୁରନ୍ତ ଫେରସ୍ତ ପାଇଁ ସର୍ତ୍ତ ରଖିଛି । ଚୁକ୍ତି ହେବା ମାତ୍ରେ ୧୨ ବିଲିୟନ ଡଲାର ମୁକ୍ତ କରିବାକୁ ଇରାନ ଜିଦ୍ ଧରିଛି । ଇରାନ ରାଷ୍ଟ୍ରପତି ମଧ୍ୟ କହିଛନ୍ତି ଯେ ଉପସାଗରୀୟ ଦେଶଗୁଡ଼ିକ ଏବେ ଆମେରିକାର ଅସଲ ଚେହେରା ବୁଝିଗଲେଣି ଏବଂ ସମ୍ପତ୍ତି ମୁକ୍ତ ନହେଲେ ଯୁଦ୍ଧ ବନ୍ଦ ହେବା ଅସମ୍ଭବ । ଟ୍ରମ୍ପ ଆଲୋଚନା ଆଳରେ ସମୟରେ ସମୟରେ ଇରାନ ଉପରେ ଆକ୍ରମଣ କରୁଛନ୍ତି । ଆଲୋଚନା ହେଉଛି ଟ୍ରମ୍ପ ଜାଣିଶୁଣି ଯୁଦ୍ଧ ବନ୍ଦ କରିବାକୁ ଚାହୁ ନାହାନ୍ତି ।

## ୫ ହଜାର ଟଙ୍କା ଲାଞ୍ଚ ନେଇ କନିଷ୍ଠ ଯନ୍ତ୍ରୀ ଗିରଫ

ସୁନ୍ଦରଗଡ଼ , ୨୭/୫ (ନି.ପ୍ର): ଭିଜିଲାନ୍ସ ଜାଲରେ ପଡ଼ିଛନ୍ତି ସୁନ୍ଦରଗଡ଼ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ କାର୍ଯ୍ୟାଳୟର ଜାତୀୟ ସ୍ୱାସ୍ଥ୍ୟ ମିଶନର କନିଷ୍ଠ ଯନ୍ତ୍ରୀ ସୁମନ୍ତ ନାଏକ। ଜଣେ ଠିକାଦାରଙ୍କୁ ତାଙ୍କର ଆଇଏସଡି (ପ୍ରାରମ୍ଭିକ ସିକ୍ୟୁରିଟି ଡିପୋଜିଟ୍) ରାଶି ଫେରସ୍ତ କରିବା ପାଇଁ ଆବଶ୍ୟକ ପ୍ରକ୍ରିୟା କରିଦେବାକୁ ସେ ୫୦୦୦ ଟଙ୍କା ଲାଞ୍ଚ ନେଉଥିବା ବେଳେ ଭିଜିଲାନ୍ସ ଅଧିକାରୀଙ୍କ ହାତରେ ଧରାପଡ଼ିଛନ୍ତି। ଏହି ଠିକାଦାର ଜଣଙ୍କ ଜିଲ୍ଲାର ଏକ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରର କୋଠା ଏବଂ କର୍ମଚାରୀ ଆବାସିକ ଗୃହର ମରାମତି ଓ ନବୀକରଣ କାର୍ଯ୍ୟ କରିଥିଲେ। କାର୍ଯ୍ୟ ଶେଷ ହେବା ପରେ ଏଥିପାଇଁ ସେ ଜମା କରିଥିବା ଆଇଏସଡି (ପ୍ରାରମ୍ଭିକ ସିକ୍ୟୁରିଟି ଡିପୋଜିଟ୍) ରାଶି ଫେରସ୍ତ କରିବାକୁ ଆବେଦନ କରିଥିଲେ। କିନ୍ତୁ ଏହି କାମ କରିଦେବା ପାଇଁ କନିଷ୍ଠ ଯନ୍ତ୍ରୀ ସୁମନ୍ତ ନାଏକ ତାଙ୍କୁ ୫୦୦୦ ଟଙ୍କା ଲାଞ୍ଚ ମାଗିଥିଲେ। ଏଥିରେ ଅତିଷ୍ଠ ହୋଇ ଠିକାଦାର ଜଣଙ୍କ ଭିଜିଲାନ୍ସର ଦ୍ୱାରସ୍ଥ ହୋଇଥିଲେ। ଯୋଜନା ପ୍ରକାରେ ଠିକାଦାର ଜଣଙ୍କ ଆଜି କନିଷ୍ଠ ଯନ୍ତ୍ରୀ ଶ୍ରୀ ନାଏକଙ୍କୁ ତାଙ୍କ କାର୍ଯ୍ୟାଳୟରେ ଭେଟି ୫୦୦୦ ଟଙ୍କା ଦେଇଥିଲେ। ସେ ଲାଞ୍ଚ ଅର୍ଥ ଗ୍ରହଣ କରିବା ପରେ ଭିଜିଲାନ୍ସ ଅଧିକାରୀମାନେ ତାଙ୍କୁ ଧରିଥିଲେ। ତାଙ୍କଠାରୁ ସମସ୍ତ ଲାଞ୍ଚ ଅର୍ଥ ଜବତ କରାଯାଇଛି। ଲାଞ୍ଚ ନେଇ ଧରାପଡ଼ିବା ପରେ କନିଷ୍ଠ ଯନ୍ତ୍ରୀ ଶ୍ରୀ ନାଏକଙ୍କ ୩ଟି ଠିକଣାରେ ଏକକାଳୀନ ଚଢ଼ାଉ କରାଯାଇଥିଲା। ସେ ଆୟ ବହିର୍ଭୂତ ସମ୍ପତ୍ତି ଠୁଳ କରିଥିବା ସନ୍ଦେହରେ ଏହି ଚଢ଼ାଉ କରାଯାଇଥିଲା। ଏହି ସନ୍ଦର୍ଭରେ ରାଉରକେଲା ଭିଜିଲାନ୍ସ ପୁଲିସ ଷ୍ଟେସନରେ ଏକ ମାମଲା ରୁଜୁ କରାଯାଇଛି। ଅଭିଯୁକ୍ତ କନିଷ୍ଠ ଯନ୍ତ୍ରୀ ଶ୍ରୀ ନାଏକଙ୍କ ବିରୋଧରେ ତଦନ୍ତ ଚାଲିଛି। ସୂଚନାଯୋଗ୍ୟ, କେନ୍ଦୁଝର ଜିଲ୍ଲା ଚମ୍ପୁଆ ଉପଖଣ୍ଡର ସହକାରୀ ଯୋଗାଣ ଅଧିକାରୀ ଧୁମାରାମ ମୁର୍ମୁ ମଧ୍ୟ ଆଜି ଭିଜିଲାନ୍ସ ଜାଲରେ ପଡ଼ିଛନ୍ତି। ସେ ଜଣେ ଲ୍ୟାମ୍ପସ ଇନ୍‌ଚାର୍ଜଙ୍କଠାରୁ ୧୫ ହଜାର ଟଙ୍କା ଲାଞ୍ଚ ନେଉଥିବା ବେଳେ ତାଙ୍କୁ ଗିରଫ କରିଛି ଭିଜିଲାନ୍ସ।

## ସାଧାରଣ ବଣ୍ଟନ ବ୍ୟବସ୍ଥାରେ ହେବ ବଡ଼ ସଂସ୍କାର: ୨୫ ହଜାର କୋଟି ଟଙ୍କା ଅନୁମୋଦନ

ଭୁବନେଶ୍ୱର, ୨୭/୫ (ନି.ପ୍ର): ଦେଶର ୮୦ କୋଟି ଲୋକ ଉପକୃତ ହେଉଥିବା ସାଧାରଣ ବଣ୍ଟନ ବ୍ୟବସ୍ଥା ବା ଚଉଝରେ ହେବ ବଡ଼ ଧରଣର ସଂସ୍କାର। ଏଥିପାଇଁ ଆଜି କେନ୍ଦ୍ର କ୍ୟାବିନେଟରେ ସାର୍ଥକ ଚଉଝ ଯୋଜନାକୁ ମଞ୍ଜୁରୀ ମିଳିଛି। ଏହି ଯୋଜନା ମାଧ୍ୟମରେ ଦେଶର ଖାଦ୍ୟ ସୁରକ୍ଷା ନେଟୱର୍କର ଆଧୁନିକକରଣ କରାଯିବ। ୫ ବର୍ଷ ଧରି ଚାଲିବାକୁ ଥିବା ସାର୍ଥକ ଚଉଝ ପାଇଁ ମୋଦି ସରକାର ୨୫ ହଜାର କୋଟି ଟଙ୍କା ଅନୁମୋଦନ କରିଛନ୍ତି। କେନ୍ଦ୍ର ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କହିଛନ୍ତି, ବର୍ତ୍ତମାନ ଚାଲୁଥିବା ସାଧାରଣ ବଣ୍ଟନ ବ୍ୟବସ୍ଥାକୁ ହଟାଇ ଦିଆଯିବ ନାହିଁ ବରଂ ସେଥିରେ ସଂସ୍କାର କରାଯିବ।

## ଦୁଇ ବରିଷ୍ଠ ଓଏଏସ୍ ଅଧିକାରୀଙ୍କୁ ପଦୋନ୍ନତି




ଭୁବନେଶ୍ୱର, ୨୭/୫ (ନି.ପ୍ର): ରାଜ୍ୟ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ଦୁଇଜଣ ବରିଷ୍ଠ ଓପ୍ରସେ (ଓଏଏସ୍) ଅଧିକାରୀଙ୍କୁ ପଦୋନ୍ନତି ଦିଆଯାଇଛି। ଆଜି (ବୁଧବାର) ପ୍ରକାଶିତ ବିଜ୍ଞପ୍ତି ଅନୁସାରେ, ଚୂଡ଼ାନ୍ତ ଚୟନ ତାଲିକା ବିଚାରାଧୀନ ଥିବା ପର୍ଯ୍ୟନ୍ତି ଓପ୍ରସେ (ଏସ୍‌ଏଜି) ଗ୍ରେଡ୍ ଅଧିକାରୀ ରାଜେଶ କୁମାର ଅଗ୍ରୱାଲ୍ ଓ ମାନସ ରଞ୍ଜନ ସାମଲଙ୍କୁ ପେ –ମାଟ୍ରିକ୍ସର ସ୍ତର ୧୭ର ପଦୋନ୍ନତି ଓ ନୂତନ ଦାୟିତ୍ୱ ପ୍ରଦାନ କରାଯାଇଛି। ଏହି ପଦୋନ୍ନତି ଆଡ୍‌ହକ୍ ଭିତ୍ତିରେ ଦିଆଯାଇଛି। ପଦୋନ୍ନତି ଏକ ବର୍ଷରୁ ଅଧିକ ଅବଧି ନହେବା, ଓପିଏସ୍‌ସି ସୁପାରିଶ ମିଳିବା ଯାଏଁ କିମ୍ବା ଅବସର ପର୍ଯ୍ୟନ୍ତ ଯାହା ଆଗୁଆ ହେବ ସେଥିପ୍ରତି ଦୃଷ୍ଟି ରଖି କାର୍ଯ୍ୟକାରୀ ହେବ। ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠରେ ଅବସ୍ଥାପିତ ରାଜେଶ କୁମାର ଅଗ୍ରୱାଲ୍‌ଙ୍କୁ ରାଜ୍ୟ ଶ୍ରମ ଓ ରାଜ୍ୟ କର୍ମଚାରୀ ବୀମା ବିଭାଗର ଅତିରିକ୍ତ ଶାସନ ସଚିବ ଭାବେ ଅବସ୍ଥାପିତ କରାଯାଇଛି। ସେହିଭଳି ଅତିରିକ୍ତ ନିର୍ଦ୍ଦେଶକ (ଏଷ୍ଟେଟ୍ସ)ର ମାନସ ରଞ୍ଜନ ସାମଲଙ୍କୁ ଅର୍ଥନୀତି ଓ ପରିସଂଖ୍ୟାନ ନିର୍ଦ୍ଦେଶାଳୟର ଓଏସ୍‌ଡି ଭାବେ ଅବସ୍ଥାପିତ କରାଯାଇଛି।

## କର୍ଣ୍ଣାଟକରେ ନେତା ପରିବର୍ତ୍ତନ ଚୂଡ଼ାନ୍ତ: ଡିକେ ଶିବ କୁମାର ହେବେ ମୁଖ୍ୟମନ୍ତ୍ରୀ



ନୂଆଦିଲ୍ଲୀ,୨୭/୫ : କର୍ଣ୍ଣାଟକ ରାଜନୀତିରେ ବଡ଼ ହଟଚମଟ । ଏକ ବଡ଼ ଧରଣର ସାଙ୍ଗଠନିକ ଓ ନେତୃତ୍ୱ ପରିବର୍ତ୍ତନ ହେବାକୁ ଯାଉଛି । ଆସନ୍ତାକାଲି କର୍ଣ୍ଣାଟକ ମୁଖ୍ୟମନ୍ତ୍ରୀ ସିଦ୍ଧରମୈୟା ନିଜ ପଦରୁ ଇସ୍ତଫା ଦେଇପାରନ୍ତି । ତାପୂର୍ବରୁ କାଲି ସକାଳେ ସେ ନିଜ ବାସଭବନରେ କ୍ୟାବିନେଟ୍ ମନ୍ତ୍ରୀମାନଙ୍କ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ 'ବ୍ରେକଫାଷ୍ଟ ମିଟିଂ' ଡକାଇଛନ୍ତି । ଦିଲ୍ଲୀରେ ସାଂଗଠନିକ ଦାୟିତ୍ୱ ଏବଂ ରାଜ୍ୟସଭା ଯିବାକୁ ପ୍ରତିଶ୍ରୁତି ଦେଇ ସିଦ୍ଧାରମୈୟାଙ୍କୁ କଂଗ୍ରେସ ହାଇକମାଣ୍ଡ ରାଜି କରାଇଥିବା ଚର୍ଚ୍ଚା ହେଉଛି । ଚୁପଚାପ, ବେଶୀ ହଟଚମଟ ନକରି କର୍ଣ୍ଣାଟକରେ ବଡ଼ ପରିବର୍ତ୍ତନ କରିବାକୁ ଯାଉଛି କଂଗ୍ରେସ । ସିଦ୍ଧରମୈୟାଙ୍କୁ ଟପ୍ ପୋଷ୍ଟରୁ ହଟାଇ ଉପମୁଖ୍ୟମନ୍ତ୍ରୀ ଡିକେ ଶିବ କୁମାରଙ୍କୁ ସିଏମ କରିବାକୁ ଯୋଜନା ପ୍ରସ୍ତୁତ । ସରକାରରେ ନେତୃତ୍ୱ ପରିବର୍ତ୍ତନ ଅଟକଳ ଭିତରେ ନୂଆ ଉପମୁଖ୍ୟମନ୍ତ୍ରୀ କରିବା ନେଇ ମଧ୍ୟ ପ୍ରସ୍ତୁତି ଚାଲିଥିବା ସୂଚନା ମିଳୁଛି । ଦଳିତ, ଓବିସି, ଲିଙ୍ଗାୟତ ଏବଂ ଅଳ୍ପସଂଖକ ଗୋଷ୍ଠୀରୁ ଜଣେ ଜଣେ ନେତାଙ୍କୁ ଉପମୁଖ୍ୟମନ୍ତ୍ରୀ ପଦ ଦିଆଯାଇପାରେ । ତେବେ ଆସନ୍ତାକାଲି ସବୁ ଚର୍ଚ୍ଚାରେ ପୂର୍ଣ୍ଣଛେଦ ପଡିବାକୁ ଯାଉଛି । ମୁଖ୍ୟମନ୍ତ୍ରୀ ସିଦ୍ଧରମୈୟା ଏବଂ ଉପମୁଖ୍ୟମନ୍ତ୍ରୀ ଡିକେ ଶିବ କୁମାର ବ୍ରେକ୍ ଫାଷ୍ଟ ମିଟିଂ କରିବେ । ପରେ ପରେ ସାମ୍ବାଦିକ ସମ୍ମିଳନୀ କରି ରାଜ୍ୟ ରାଜନୀତିର ଚିତ୍ର ସ୍ପଷ୍ଟ କରିବେ । ୨୦୨୮ ନିର୍ବାଚନକୁ ଆଖିରେ ରଖି ରାଜ୍ୟରେ ନୂଆ ଆରମ୍ଭ କରିବାକୁ ଯାଉଛି କଂଗ୍ରେସ । ସିଦ୍ଧରମୈୟାଙ୍କୁ ମଧ୍ୟ ଅସନ୍ତୁଷ୍ଟ କରିବାକୁ ଚାହୁଁନି ଦଳ । କାରଣ ତାଙ୍କ ପାଖରେ ୫୦ରୁ ୬୦ ବିଧାୟକଙ୍କ ସମର୍ଥନ ଥିବା ଚର୍ଚ୍ଚା ହେଉଛି । ତାଙ୍କୁ ରାଜ୍ୟସଭା ପଠାଇବା ସହ ଦିଲ୍ଲୀରେ ଦଳର ବଡ଼ ଦାୟିତ୍ୱ ଦେବାକୁ ପ୍ରତିଶ୍ରୁତି ଦେଇଛନ୍ତି ରାହୁଲ ଗାନ୍ଧୀ । ଏଥିସହ ସିଦ୍ଧରମୈୟାଙ୍କ ପୁଅ ଯତିନ୍ଦ୍ର ସିଦ୍ଧରମୈୟାଙ୍କୁ ମନ୍ତ୍ରୀ ପଦ ଦେବାକୁ ମଧ୍ୟ କହିଛନ୍ତି । ଦୁଇ ଦିନ ତଳେ ହୋଇଥିବା ବୈଠକରେ ରାହୁଲ ଗାନ୍ଧୀ ସିଧାସଳଖ ସିଦ୍ଧରମୈୟାଙ୍କୁ ମୁଖ୍ୟମନ୍ତ୍ରୀ ପଦ ଛାଡିବାକୁ କହିଥିଲେ । ଏହାର ଜବାବରେ ଶିବ କୁମାରଙ୍କ ଅଧିନରେ କାମ କରିବେ ନାହିଁ ବୋଲି କହିଥିଲେ ସିଦ୍ଧ ରମୈୟା । କଂଗ୍ରେସ ଏହାର ସମାଧାନ ମଧ୍ୟ ଅତି ଚତୁରତାର ସହ କରି ସିଦ୍ଧରମୈୟାଙ୍କୁ ରାଜି କରାଇଛନ୍ତି ।

## ଓଡ଼ିଶାରେ ରାଜ୍ୟସଭା ଉପନିର୍ବାଚନ ପାଇଁ ଇସିଆଇ ପକ୍ଷରୁ ବିଜ୍ଞପ୍ତି

ଭୁବନେଶ୍ୱର, ୨୭/୫ (ନି.ପ୍ର): ଓଡ଼ିଶାରେ ରାଜ୍ୟସଭା ଉପନିର୍ବାଚନ ପାଇଁ ଇସିଆଇ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି । ଦେବାଶିଷ ସାମନ୍ତରାୟଙ୍କ ଇସ୍ତଫା ଦେବା ପରେ ବିଜ୍ଞପ୍ତି ପ୍ରକାଶ ପାଇଛି । ଖାଲି ହୋଇଥିବା ଗୋଟିଏ ଆସନ ପାଇଁ ହେବ ନିର୍ବାଚନ। ଜୁନ୍ ୧ରେ ବିଧିବଦ୍ଧ ବିଜ୍ଞପ୍ତି ସହ ନାମାଙ୍କନ ଆରମ୍ଭ ହେବଫ ଜୁନ୍ ୮ ନାମାଙ୍କନର ଶେଷ ତାରିଖ, ୯ରେ ନାମାଙ୍କନପତ୍ର ଯାଞ୍ଚ ହେବ । ଜୁନ୍ ୧୧ ନାମାଙ୍କନପତ୍ର ପ୍ରତ୍ୟାହାରର ଶେଷ ତାରିଖ ରହିଛି । ଜୁନ୍ ୧୮ ସକାଳ ୯ଟାରୁ ଅପରାହ୍ନ ୪ଟା ଯାଏଁ ହେବ ଭୋଟିଂ ହେବ । ଜୁନ୍ ୧୮ ଅପରାହ୍ନ ୫ଟାରେ ଗଣତି, ୨୦ ସୁଦ୍ଧା ସରିବ ପ୍ରକ୍ରିୟା ।

## ମେଗା ଷ୍ଟିଲ୍ ପ୍ଲାଣ୍ଟର ଶିଳାନ୍ୟାସ କଲେ ମୁଖ୍ୟମନ୍ତ୍ରୀ: ୧.୨୫ ଲକ୍ଷ କୋଟିର ନିବେଶ, ୨୦୨୮ ସୁଦ୍ଧା ଉତ୍ପାଦନ ଆରମ୍ଭ



ପାରାଦୀପ, ୨୭/୫ (ନି.ପ୍ର): ପାରାଦୀପର ଏରସମା ଅଞ୍ଚଳରେ 'ଜେଏସଡବ୍ଲ୍ୟୁ ଷ୍ଟିଲ'ର ମେଗା ଇଣ୍ଟିଗ୍ରେଟେଡ୍ ଷ୍ଟିଲ୍ ପ୍ଲାଣ୍ଟର ବ୍ଲାଷ୍ଟଫରନେସ୍ ନିର୍ମାଣ କାର୍ଯ୍ୟ ଆଜି ଆନୁଷ୍ଠାନିକ ଭାବେ ଆରମ୍ଭ ହୋଇଛି। ଏହି ଅବସରରେ ପାରାଦୀପର ଢିଙ୍କିଆ ଅଂଚଳରେ ଆୟୋଜିତ ସମାରୋହରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ନିର୍ମାଣ କାର୍ଯ୍ୟର ଶିଳାନ୍ୟାସ କରିବା ସହିତ ଓଡ଼ିଶାକୁ ଦେଶର 'ଷ୍ଟିଲ୍ ରାଜଧାନୀ' ଭାବେ ଗଢ଼ିତୋଳିବାକୁ ରାଜ୍ୟ ସରକାର ଦୃଢ଼ ସଂକଳ୍ପ ନେଇଥିବା ପ୍ରକାଶ କରିଛନ୍ତି। ଏହି ପ୍ରକଳ୍ପରେ ଜେଏସଡବ୍ଲ୍ୟୁ ଷ୍ଟିଲ ପକ୍ଷରୁ ସମୁଦାୟ ୧ ଲକ୍ଷ ୨୫ ହଜାର କୋଟି ଟଙ୍କାର ପୁଞ୍ଜି ନିବେଶ କରାଯିବ। ଦୁଇଟି ପର୍ଯ୍ୟାୟରେ କାର୍ଯ୍ୟକାରୀ ହେବାକୁ ଥିବା ଏହି ଅତ୍ୟାଧୁନିକ ପ୍ଲାଣ୍ଟରୁ ବାର୍ଷିକ ପ୍ରାୟ ୨୪ ମିଲିଅନ୍ ଟନ୍ ଷ୍ଟିଲ୍ ଉତ୍ପାଦନ ହେବ। ତା' ସହ ଏଠାରେ ୧୨ ମିଲିଅନ୍ ଟନର ଏକ ସିମେଣ୍ଟ ପ୍ଲାଣ୍ଟ, ୯୦୦ ମେଗାୱାଟର କାପ୍‌ଟିଭ୍ ପାୱାର ସିଷ୍ଟମ୍ ଏବଂ ଏକ ସ୍ୱତନ୍ତ୍ର ଜେଟି ମଧ୍ୟ ନିର୍ମାଣ କରାଯିବ। ଜେଏସଡବ୍ଲ୍ୟୁ ଗ୍ରୁପ୍‌ର ଅଧ୍ୟକ୍ଷ ସଜ୍ଜନ ଜିନ୍ଦଲ ଏବଂ ଜାପାନର ସହଯୋଗୀ କମ୍ପାନୀ ଜେଏସଡବ୍ଲ୍ୟୁ ଷ୍ଟିଲର ବରିଷ୍ଠ କର୍ମକର୍ତ୍ତାଙ୍କ ଉପସ୍ଥିତିରେ ମୁଖ୍ୟମନ୍ତ୍ରୀ କମ୍ପାନୀକୁ ସମସ୍ତ ପ୍ରକାର ସରକାରୀ ସହାୟତା ଯୋଗାଇଦେବାକୁ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ପ୍ରତିଶ୍ରୁତି ଦେଇଛନ୍ତି। ନିଜ ଅଭିଭାଷଣରେ ପୂର୍ବ ସରକାରଙ୍କୁ ସମାଲୋଚନା କରି ମୁଖ୍ୟମନ୍ତ୍ରୀ କହିଥିଲେ, ଯେଉଁ ପ୍ରକଳ୍ପ ପାଇଁ ଜନସାଧାରଣ ଦୁଇ ଦଶନ୍ଧି ଧରି ଅପେକ୍ଷା କରିଥିଲେ ଏବଂ ଦୁଇ ବର୍ଷ ତଳେ ଯାହାର କେବଳ ତରତରିଆ ଶିଳାନ୍ୟାସ କରାଯାଇଥିଲା, ତାହାକୁ ନୂତନ 'ଡବଲ ଇଞ୍ଜିନ' ସରକାର ଆସିବା ପରେ ଫାଷ୍ଟ-ଟ୍ରାକ୍ ମୋଡ୍‌ରେ କାର୍ଯ୍ୟକାରୀ କରାଯାଇଛି। ପୂର୍ବ ଗତିରେ କାମ ଚାଲିଥିଲେ ଯେଉଁ ପ୍ରକଳ୍ପର ନିର୍ମାଣ କାର୍ଯ୍ୟ ୨୦୨୮ ମସିହାରେ ଆରମ୍ଭ ହୋଇଥାନ୍ତା, ବର୍ତ୍ତମାନ ତାହା ୨୦୨୮ ସୁଦ୍ଧା ନିର୍ମାଣ ସମ୍ପୂର୍ଣ୍ଣ ହୋଇ ଷ୍ଟିଲ୍ ଉତ୍ପାଦନ ଆରମ୍ଭ ହେବ। ସରକାରଙ୍କ ଏହି ଦ୍ରୁତ କାର୍ଯ୍ୟଶୈଳୀର ଉଦାହରଣ ଦେଇ ସେ ଖୋର୍ଦ୍ଧାର ଟ୍ରାଇମେଟ୍ରୋ ଗାର୍ମେଣ୍ଟସର ସଫଳତା ବିଷୟରେ ମଧ୍ୟ ଉଲ୍ଲେଖ କରିଛନ୍ତି, ଯେଉଁଠାରେ ଶିଳାନ୍ୟାସର ବର୍ଷକ ମଧ୍ୟରେ ଉତ୍ପାଦନ ଆରମ୍ଭ ହୋଇସାରିଛି। ଓଡ଼ିଶାର ବୈଦେଶିକ ଶିଳ୍ପ ଭାଗିଦାରୀକୁ ନେଇ ମୁଖ୍ୟମନ୍ତ୍ରୀ ଏକ ବଡ଼ ଘୋଷଣା କରିଛନ୍ତି। ଜାପାନର ଜେଇଏଫ ଷ୍ଟିଲ୍ ସହଯୋଗରେ ଝାରସୁଗୁଡ଼ାରେ ଚାଲିଥିବା ୩୦ ହଜାର କୋଟି ଟଙ୍କାର ପ୍ରକଳ୍ପ ସମ୍ପର୍କରେ ସୂଚନା ଦେବା ସହ ସେ କହିଥିଲେ, ଜାପାନ ସହ ଆଲୋଚନା ଅନୁଯାୟୀ ଖୁବ୍ ଶୀଘ୍ର ଓଡ଼ିଶା ଏବଂ ଜାପାନର 'ତୋତ୍ତୋରି' ରାଜ୍ୟ ମଧ୍ୟରେ 'ସିଷ୍ଟର ଷ୍ଟେଟସ' ବା ଭଗିନୀ ରାଜ୍ୟ ଚୁକ୍ତି ସ୍ୱାକ୍ଷରିତ ହେବ। ଏହାଦ୍ୱାରା ଓଡ଼ିଶାର ଶିଳ୍ପ, ପର୍ଯ୍ୟଟନ ଏବଂ ଶିକ୍ଷା କ୍ଷେତ୍ରରେ ଜାପାନ ବ୍ୟାପକ ପୁଞ୍ଜି ନିବେଶ କରିବ। କେବଳ ପାରାଦୀପ କିମ୍ବା ଝାରସୁଗୁଡ଼ା ନୁହେଁ, ବରଂ ଢେଙ୍କାନାଳ ଓ କେନ୍ଦୁଝରରେ ମଧ୍ୟ ଖୁବ୍ ଶୀଘ୍ର ନୂତନ ଷ୍ଟିଲ୍ ପ୍ଲାଣ୍ଟମାନ ଗଢ଼ିଉଠିବ ବୋଲି ଶ୍ରୀ ମାଝୀ ସୂଚନା ଦେଇଥିଲେ। ରାଜ୍ୟରେ ଶିଳ୍ପାୟନ ଓ ନିଯୁକ୍ତି ତାଙ୍କ ସରକାରଙ୍କ ସବୁଠୁ ବଡ଼ ଫୋକସ୍ ବୋଲି ଦର୍ଶାଇ ମୁଖ୍ୟମନ୍ତ୍ରୀ ଦୁଇ ବର୍ଷର ସଫଳତା ରିପୋର୍ଟ ଉପସ୍ଥାପନ କରିଥିଲେ। ଏହି ସମୟ ମଧ୍ୟରେ ସରକାର ୪୩୩ଟି ପ୍ରକଳ୍ପକୁ ମଞ୍ଜୁରୀ ଦେଇଛନ୍ତି, ଯାହା ଦ୍ୱାରା ୮ ଲକ୍ଷ ୫୦ ହଜାର କୋଟି ଟଙ୍କାର ନିବେଶ ସହ ୫ ଲକ୍ଷରୁ ଅଧିକ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ। ବର୍ତ୍ତମାନ ସୁଦ୍ଧା ୧୪୮ଟି ପ୍ରକଳ୍ପର ଭୂମିପୂଜା ସରିଛି, ଯାହା ମାଧ୍ୟମରେ ପ୍ରାୟ ୨ ଲକ୍ଷ ୩୭ ହଜାର ଯୁବକଯୁବତୀ ନିଯୁକ୍ତି ପାଇଛନ୍ତି। ଦେଶର ବିଭିନ୍ନ ପ୍ରମୁଖ ସହର ଯଥା ହାଇଦ୍ରାବାଦ, କୋଲକାତା ଓ ଗୁଜରାଟ ଗସ୍ତ କରି ସେ ପ୍ରାୟ ୨ ଲକ୍ଷ କୋଟିରୁ ଅଧିକ ଟଙ୍କାର ପୁଞ୍ଜି ନିବେଶ ପ୍ରସ୍ତାବ ଆଣିବାରେ ସଫଳ ହୋଇଥିବା ପ୍ରକାଶ କରିଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଓଡ଼ିଶା ପ୍ରତି ଥିବା ସ୍ନେହ ଏବଂ ତାଙ୍କର 'ୟହି ସମୟ ହେ, ସହି ସମୟ ହେ' ଆହ୍ୱାନ ଯୋଗୁଁ ନିବେଶକମାନେ ଏବେ ଓଡ଼ିଶା ମୁହାଁ ହେଉଛନ୍ତି ବୋଲି ସେ କହିଥିଲେ।

## ନିଟ ସ୍କାମ ପ୍ରତିବାଦରେ ଛାତ୍ର କଂଗ୍ରେସର ମଶାଲ ରାଲି

ଭୁବନେଶ୍ୱର, ୨୭/୫ (ନି.ପ୍ର): ପ୍ରଦେଶ ଛାତ୍ର କଂଗ୍ରେସ ନେତା ବିଭୂତି ଭୂଷଣ ମହାପାତ୍ରଙ୍କ ନେତୃତ୍ୱରେ ନିଟ ସ୍କାମ ପ୍ରତିବାଦରେ ଏକ ବିଶାଳ ମଶାଲ ଶୋଭାଯାତ୍ରା ପ୍ରଦେଶ କଂଗ୍ରେସ କାର୍ଯ୍ୟାଳୟରୁ ବାହାରି ବିଜେପି ରାଜ୍ୟ କାର୍ଯ୍ୟାଳୟ ଅଭିମୁଖେ ଯାତ୍ରା କରୁଥିବା ବେଳେ ସେମାନଙ୍କୁ ବନଦୁର୍ଗା ମନ୍ଦିର ଠାରେ ପୋଲିସ ଅଟକାଇଥିଲା। ପୋଲିସ ଓ ଛାତ୍ର କଂଗ୍ରେସ କର୍ମୀମାନଙ୍କ ମଧ୍ୟରେ ଧସ୍ତାଧସ୍ତି ହୋଇଥିଲା। ଏହି କାର୍ଯ୍ୟକ୍ରମରେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ କୁଶପୁତଳିକା ଦାହ କରାଯାଇଥିଲା। ଏହି ଅବସରରେ ପ୍ରଦେଶ ଛାତ୍ର କଂଗ୍ରେସ ନେତା ବିଭୂତି ମହାପାତ୍ର କହିଛନ୍ତି ଯେ ନିଟ ୟୁଜି ପରୀକ୍ଷାକୁ ବାତିଲ କରିବା ଦ୍ୱାରା ୨୨ ଲକ୍ଷ ଛାତ୍ରଛାତ୍ରୀ ପ୍ରଭାବିତ ହେଲେ। ନରେନ୍ଦ୍ର ମୋଦିଙ୍କ ଶାସନରେ ଗତ ୧୦ ବର୍ଷରେ ୯୦ ଟି ଗୁରୁତ୍ୱପୂର୍ଣ୍ଣ ପରୀକ୍ଷାର ପ୍ରଶ୍ନପତ୍ର ପ୍ରଘଟ ହୋଇଥିଲା ବେଳେ ମୋଦି ସରକାର ଚେତିଲେ ନାହିଁ। ଏହି ପ୍ରଶ୍ନପତ୍ର ପ୍ରଘଟରେ ୬.୫ କୋଟି ଛାତ୍ରଛାତ୍ରୀ ପ୍ରତକ୍ଷ୍ୟ ଓ ପ୍ରରୋକ୍ଷରେ ପ୍ରଭାବିତ ହୋଇଛନ୍ତି। ଅନ୍ୟପକ୍ଷରେ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ସମୟରେ ପୂର୍ବରୁ ନିଟ ପ୍ରଶ୍ନପତ୍ର ପ୍ରଘଟ ହେଲା ମାତ୍ର ଏହାର ପ୍ରତିକାର କଲେ ନାହିଁ।

ରାଷ୍ଟ୍ରୀୟ ଏନଏସୟୁଆଇର ଅଧ୍ୟକ୍ଷ ବିନୋଦ ଜଖରଙ୍କ ନେତୃତ୍ୱ ଏବଂ ପ୍ରଦେଶ କଂଗ୍ରେସ କମିଟି ସଭାପତି ଶ୍ରୀ ଭକ୍ତ ଚରଣ ଦାସଙ୍କ ପ୍ରେରଣାରେ ନିଟ ଦୁର୍ନୀତି ପ୍ରତିବାଦରେ ଛାତ୍ର କଂଗ୍ରେସ ତାର ଆନ୍ଦୋଳନ ଜାରି ରଖିବ ବୋଲି ଶ୍ରୀ ମହାପାତ୍ର କହିଛନ୍ତି। ଏହି ମଶାଲ ଶୋଭାଯାତ୍ରାକୁ ପିସିସି ସଭାପତି ଭକ୍ତ ଚରଣ ଦାସ ଉଦ୍‌ଘାଟନ କରିଥିଲେ।

# ଏୟାର ଇଣ୍ଡିଆ ଓ ଇଣ୍ଡିଗୋର ଉଡ଼ାଣ କାଟ୍: ମହଙ୍ଗା ହେବ ଘରୋଇ ବିମାନ ଯାତ୍ରା

ଭାରତୀୟ ବିମାନ ଚଳାଚଳ ଶିଳ୍ପ ବର୍ତ୍ତମାନ ଏକ ଅତ୍ୟନ୍ତ ଜଟିଳ ତଥା ସଙ୍କଟଜନକ ପରିସ୍ଥିତି ଦେଇ ଗତି କରୁଛି, ଯାହାର ସିଧାସଳଖ ନକାରାତ୍ମକ ପ୍ରଭାବ ଦେଶର ସାଧାରଣ ଯାତ୍ରୀ ଏବଂ ସାମଗ୍ରିକ ଅର୍ଥନୀତି ଉପରେ ପଡ଼ିବାକୁ ଯାଉଛି । ଦେଶର ଦୁଇ ପ୍ରମୁଖ ତଥା ସର୍ବବୃହତ ବିମାନ ସେବା ପ୍ରଦାନକାରୀ ସଂସ୍ଥା ଏୟାର ଇଣ୍ଡିଆ ଏବଂ ଇଣ୍ଡିଗୋ ଆସନ୍ତା ଜୁନ ମାସରୁ ଦୈନିକ ପ୍ରାୟ ୨୫୦ ରୁ ଅଧିକ ଘରୋଇ ବିମାନ ଉଡ଼ାଣ ବାତିଲ କିମ୍ବା ହ୍ରାସ କରିବାକୁ ଏକ କଠୋର ନିଷ୍ପତ୍ତି ନେଇଛନ୍ତି । ମିଳିଥିବା ସୂଚନା ଅନୁଯାୟୀ, ଏହି ପଦକ୍ଷେପ କ୍ରମରେ ଏୟାର ଇଣ୍ଡିଆ ନିଜର ଘରୋଇ ଉଡ଼ାଣ ସୂଚୀରୁ ପ୍ରାୟ ୨୨ ପ୍ରତିଶତ ଅର୍ଥାତ ଦୈନିକ ପ୍ରାୟ ୧୧୦ଟି ବିମାନ ବାତିଲ କରିବ । ସେହିପରି ଦେଶର ସବୁଠାରୁ ବଡ଼ ବିମାନ କମ୍ପାନୀ ଇଣ୍ଡିଗୋ ମଧ୍ୟ ନିଜର ଘରୋଇ କ୍ଷମତାର ୫ ରୁ ୭ ପ୍ରତିଶତ ଅର୍ଥାତ ପ୍ରାୟ ୧୧୦ଟି ଦୈନିକ ବିମାନ ଉଡ଼ାଣ ହ୍ରାସ କରିବାକୁ ଯାଉଛି । ଏହା ସହିତ ଏୟାର ଇଣ୍ଡିଆର ସହଯୋଗୀ ସଂସ୍ଥା ଏୟାର ଇଣ୍ଡିଆ ଏକ୍ସପ୍ରେସ ମଧ୍ୟ ନିଜର ପ୍ରାୟ ୩୪୦ଟି ଦୈନିକ ଉଡ଼ାଣରୁ ୧୦ ପ୍ରତିଶତ ବିମାନ କାଟ୍ କରିବ ବୋଲି ସ୍ପଷ୍ଟ କରିଛି । ଏହି ବ୍ୟାପକ କାଟଛାଣ୍ଟ କେବଳ ଗୋଟିଏ ସାଧାରଣ ବ୍ୟବସାୟିକ ନିଷ୍ପତ୍ତି ନୁହେଁ, ବରଂ ଏହା ଦେଶର ଇନ୍ଧନ ବଜାର, ଯୋଗାଣ ଶୃଙ୍ଖଳା ଏବଂ ବିମାନ ଶିଳ୍ପର ଭିତ୍ତିଭୂମିରେ ଥିବା ଦୁର୍ବଳତାକୁ ପଦାରେ ପକାଇଦେଇଛି । ଏକାସାଙ୍ଗରେ ଏତେ ବଡ଼ ଧରଣର ବିମାନ ଉଡ଼ାଣ ବାତିଲ ହେବା ଦ୍ୱାରା ଦେଶର ଆଭ୍ୟନ୍ତରୀଣ ଯୋଗାଯୋଗ ବ୍ୟବସ୍ଥାରେ ଏକ ବଡ଼ ଧରଣର ଶୂନ୍ୟସ୍ଥାନ ସୃଷ୍ଟି ହେବା ସମ୍ପୂର୍ଣ୍ଣ ନିଶ୍ଚିତ ହୋଇଯାଇଛି ।

ଭାରତୀୟ ବିମାନ ଚଳାଚଳ ବଜାରର ବର୍ତ୍ତମାନର ରୂପରେଖକୁ ଅନୁଧ୍ୟାନ କଲେ ଜଣାଯାଏ ଯେ ଏହି ବଜାରରେ ମୁଖ୍ୟତଃ ଏହି ଦୁଇଟି କମ୍ପାନୀର ଏକଚାଟିଆ ଆଧିପତ୍ୟ ବା ଡୁଓପୋଲି ରହିଛି । ବେସାମରିକ ବିମାନ ଚଳାଚଳ ମହାନିର୍ଦ୍ଦେଶାଳୟ ବା ଡିଜିସିଏ ର ସଦ୍ୟତମ ତଥ୍ୟ ଅନୁଯାୟୀ, ଦେଶର ସମୁଦାୟ ଘରୋଇ ବିମାନ ଯାତ୍ରୀଙ୍କ ମଧ୍ୟରୁ କେବଳ ଇଣ୍ଡିଗୋ ପ୍ରାୟ ୬୩ ରୁ ୬୪ ପ୍ରତିଶତ ବଜାର ଅକ୍ତିଆର କରିଥିବା ବେଳେ ଏୟାର ଇଣ୍ଡିଆ ଗ୍ରୁପ୍ ପାଖରେ ପ୍ରାୟ ୨୬ ରୁ ୨୭ ପ୍ରତିଶତ ବଜାର ଅଂଶ ରହିଛି । ଏହାର ଅର୍ଥ ହେଉଛି ଦେଶର ପ୍ରତି ୧୦ ଜଣ ବିମାନ ଯାତ୍ରୀଙ୍କ ମଧ୍ୟରୁ ୯ ଜଣ ଏହି ଦୁଇଟି ସଂସ୍ଥା ଉପରେ ନିଜର ଯାତ୍ରା ପାଇଁ ନିର୍ଭର କରିଥାନ୍ତି । ଯେତେବେଳେ ବଜାରର ୯୦ ପ୍ରତିଶତ ନିୟନ୍ତ୍ରଣ କରୁଥିବା ସଂସ୍ଥାଗୁଡ଼ିକ ଏକକାଳୀନ ନିଜର ସେବା ହ୍ରାସ କରନ୍ତି, ସେତେବେଳେ ଏହାର ସିଧାସଳଖ ପ୍ରଭାବ ସମଗ୍ର ଦେଶର ଯାତାୟାତ ବ୍ୟବସ୍ଥା ଏବଂ ଟିକେଟ୍ ମୂଲ୍ୟ ଉପରେ ପଡ଼ିବା ସ୍ୱାଭାବିକ । ଏହି ବିମାନ କାଟ୍ ଯୋଗୁଁ ବଜାରରେ ସିଟ୍ ଯୋଗାଣ ହଠାତ୍ କମିଯିବ ଏବଂ ଯଦି ଯାତ୍ରୀମାନଙ୍କର ଚାହିଦା ସମାନ ରହେ କିମ୍ବା ବୃଦ୍ଧି ପାଏ ତେବେ ଅର୍ଥନୀତିର ସାଧାରଣ ନିୟମ ଅନୁଯାୟୀ ଟିକେଟ୍ ଦର ଆକାଶଛୁଆଁ ହେବା ଅନିବାର୍ଯ୍ୟ । ବର୍ତ୍ତମାନ ସୁଦ୍ଧା ଅନେକ ପ୍ରମୁଖ ରୁଟରେ ବିମାନ ଭଡ଼ା ପ୍ରାୟ ୪୦ ରୁ ୫୦ ପ୍ରତିଶତ ବୃଦ୍ଧି ପାଇସାରିଛି ଏବଂ ଏହି ନୂତନ ପଦକ୍ଷେପ ଫଳରେ ଯାତ୍ରୀମାନଙ୍କୁ ଆଗାମୀ ଦିନରେ ଆହୁରି ଅଧିକ ଆର୍ଥିକ ବୋଝ ସହିବାକୁ ପଡ଼ିବ । ଯାତ୍ରୀମାନଙ୍କ ପାଖରେ ବିକଳ୍ପ କମ୍ପାନୀର ଅଭାବ ଥିବାରୁ ସେମାନେ ବାଧ୍ୟ ହୋଇ ଉଚ୍ଚ ଦରରେ ଟିକେଟ୍ କିଣିବାକୁ ବାଧ୍ୟ ହେବେ ।

ଏହି ଅପ୍ରତ୍ୟାଶିତ ବିମାନ ଉଡ଼ାଣ ହ୍ରାସ ପଛରେ ସବୁଠାରୁ ବଡ଼ ଏବଂ ପ୍ରମୁଖ କାରଣ ହେଉଛି ବିମାନ ଇନ୍ଧନ ବା ଆଭିଏସନ୍ ଟର୍ବାଇନ୍ ଫୁଏଲ୍ ର ଅହେତୁକ ତଥା କ୍ରମାଗତ ଦର ବୃଦ୍ଧି । କୌଣସି ବିମାନ ସେବା ପ୍ରଦାନକାରୀ ସଂସ୍ଥାର ସମୁଦାୟ ପରିଚାଳନା ଖର୍ଚ୍ଚର ପ୍ରାୟ ୪୦ ରୁ ୬୦ ପ୍ରତିଶତ କେବଳ ଏହି ଇନ୍ଧନ ବାବଦରେ ହିଁ ଖର୍ଚ୍ଚ ହୋଇଥାଏ । ପଶ୍ଚିମ ଏସିଆରେ ଲାଗି ରହିଥିବା ଯୁଦ୍ଧ ଏବଂ ଭୂ-ରାଜନୈତିକ ଅସ୍ଥିରତା କାରଣରୁ ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ତୈଳ ଦର ବହୁ ମାତ୍ରାରେ ବୃଦ୍ଧି ପାଇଛି, ଯାହାର ସିଧାସଳଖ ପ୍ରଭାବ ଭାରତର ବିମାନ ଇନ୍ଧନ ମୂଲ୍ୟ ଉପରେ ପଡ଼ିଛି । ମେ ୨୦୨୬ ସୁଦ୍ଧା ନୂଆଦିଲ୍ଲୀରେ ଏହି ଇନ୍ଧନ ଦର କିଲୋଲିଟର ପିଛା ୧,୦୪,୯୨୭ ଟଙ୍କାରେ ପହଞ୍ଚିଥିବା ବେଳେ ଚେନ୍ନାଇରେ ଏହା ୧,୦୯,୮୭୩ ଟଙ୍କା ଛୁଇଁଛି । ଏଭଳି ପରିସ୍ଥିତିରେ ବିମାନ କମ୍ପାନୀଗୁଡ଼ିକ ପାଇଁ ନିଜର ସମସ୍ତ ନିର୍ଦ୍ଧାରିତ ରୁଟରେ ସୁଚାରୁରୂପେ ବିମାନ ଚଳାଚଳ କରିବା ଆର୍ଥିକ ଦୃଷ୍ଟିକୋଣରୁ ସମ୍ପୂର୍ଣ୍ଣ ଅସମ୍ଭବ ହୋଇପଡୁଛି । ଯଦିଓ କେନ୍ଦ୍ର ସରକାର ଘରୋଇ ଉଡ଼ାଣ ପାଇଁ ଇନ୍ଧନ ଦର ବୃଦ୍ଧିକୁ ଏପ୍ରିଲ ମାସରେ ୨୫ ପ୍ରତିଶତ ମଧ୍ୟରେ ସୀମିତ ରଖିବାକୁ ଏକ ନୀତିଗତ ପଦକ୍ଷେପ ନେଇଥିଲେ, ତଥାପି ବିଶ୍ୱସ୍ତରରେ ଏହି ବୃଦ୍ଧି ପ୍ରାୟ ୧୦୦ ପ୍ରତିଶତରୁ ଅଧିକ ରହିଥିବାରୁ କମ୍ପାନୀଗୁଡ଼ିକ ଉପରେ ଚାପ ଲାଗି ରହିଛି । ନିଜର ଆର୍ଥିକ ସ୍ଥିତିକୁ ସମ୍ଭାଳିବା ପାଇଁ ବିମାନ କମ୍ପାନୀଗୁଡ଼ିକ ପୂର୍ବରୁ ଯାତ୍ରୀମାନଙ୍କ ଉପରେ ୪୦୦ ରୁ ୪୫୦ ଟଙ୍କାର ଅତିରିକ୍ତ ଇନ୍ଧନ ସରଚାର୍ଜ ଲଗାଇବାକୁ ବାଧ୍ୟ ହୋଇଥିଲେ । କିନ୍ତୁ ବର୍ତ୍ତମାନର ସ୍ଥିତିରେ କେବଳ ସରଚାର୍ଜ ଲଗାଇବା ଯଥେଷ୍ଟ ନହେବାରୁ ସେମାନେ ସିଧାସଳଖ ବିମାନ ଉଡ଼ାଣ ବାତିଲ କରିବା ଭଳି ପଦକ୍ଷେପ ଗ୍ରହଣ କରୁଛନ୍ତି । କେବଳ ଉଚ୍ଚ ଇନ୍ଧନ ଦର ନୁହେଁ, ବରଂ ଯାତ୍ରୀ ଚାହିଦାରେ ଆସିଥିବା ଅବନତି ମଧ୍ୟ ଏହି ପରିସ୍ଥିତି ପାଇଁ ସମାନ ଭାବରେ ଦାୟୀ । ସାଧାରଣତଃ ଗ୍ରୀଷ୍ମକାଳୀନ ଛୁଟି ଶେଷ ହେବା ପରେ ଜୁନ୍ ମଧ୍ୟଭାଗରୁ ଅଗଷ୍ଟ ମାସ ପର୍ଯ୍ୟନ୍ତ ବିମାନ ଯାତ୍ରୀଙ୍କ ସଂଖ୍ୟା ଯଥେଷ୍ଟ କମିଯାଇଥାଏ, ଯାହାକୁ ବିମାନ ଶିଳ୍ପର ବ୍ୟବସାୟିକ ଭାଷାରେ ଦୁର୍ବଳ ଋତୁ ବୋଲି କୁହାଯାଏ । ଇଣ୍ଡିଗୋ କମ୍ପାନୀର ଆଭ୍ୟନ୍ତରୀଣ ସୂତ୍ର ଅନୁଯାୟୀ, ବର୍ତ୍ତମାନର ମୁଦ୍ରାସ୍ଫୀତି ଏବଂ ଅନ୍ୟାନ୍ୟ ଆର୍ଥିକ ଚାପ କାରଣରୁ ଲୋକମାନେ ନିଜର ଅନାବଶ୍ୟକ ତଥା ବିଳାସପୂର୍ଣ୍ଣ ଖର୍ଚ୍ଚ କମାଉଛନ୍ତି, ଯେଉଁଥିପାଇଁ ବିମାନ ଯାତ୍ରା ପ୍ରତି ସେମାନଙ୍କର ଆଗ୍ରହ କମିଛି । ଯେତେବେଳେ ଗୋଟିଏ ବିମାନରେ ପର୍ଯ୍ୟାପ୍ତ ସଂଖ୍ୟକ ଯାତ୍ରୀ ନଥାନ୍ତି ଏବଂ ଅନ୍ୟପକ୍ଷରେ ତାହାକୁ ଚଳାଇବାର ଇନ୍ଧନ ଖର୍ଚ୍ଚ ଐତିହାସିକ ସର୍ବୋଚ୍ଚ ସ୍ତରରେ ଥାଏ, ସେତେବେଳେ ସେହି ବିମାନଟିକୁ ଉଡ଼ାଇବା କମ୍ପାନୀଗୁଡ଼ିକ ପାଇଁ ଲାଭଦାୟକ ହେବା ପରିବର୍ତ୍ତେ ବ୍ୟାପକ କ୍ଷତିର କାରଣ ସାଜିଥାଏ । ପ୍ରାପ୍ତ ସୂଚନା ଅନୁସାରେ, ଏହି କାଟଛାଣ୍ଟର ପ୍ରଭାବ ସବୁ ରୁଟରେ ସମାନ ଭାବରେ ପଡ଼ିବ ନାହିଁ । ବିଶେଷକରି ମୁମ୍ବାଇରୁ ଅହମ୍ମଦାବାଦ, ନାଗପୁର, ପାଟନା, ଭୋପାଳ ଏବଂ ଦିଲ୍ଲୀରୁ ହାଇଦ୍ରାବାଦ, ବେଙ୍ଗାଲୁରୁ ଓ କୋଲକାତା ଭଳି ପ୍ରମୁଖ ବ୍ୟବସାୟିକ ରୁଟଗୁଡ଼ିକରେ ଏହି କାଟ୍ ଅଧିକ ଦେଖିବାକୁ ମିଳିବ ବୋଲି ଆଶଙ୍କା କରାଯାଉଛି । ଏହା ସହିତ ଏୟାର ଇଣ୍ଡିଆ ପକ୍ଷରୁ ନିକଟରେ ଆନ୍ତର୍ଜାତୀୟ ଉଡ଼ାଣ ମଧ୍ୟ ବନ୍ଦ କରାଯାଇଛି । ଆନ୍ତର୍ଜାତୀୟ ଉଡ଼ାଣ କମିବା ଯୋଗୁଁ ବିଦେଶରୁ ଆସି ଦିଲ୍ଲୀ କିମ୍ବା ମୁମ୍ବାଇ ଦେଇ ଦେଶର ଅନ୍ୟ ସହରକୁ ଯାଉଥିବା ଯାତ୍ରୀଙ୍କ ସଂଖ୍ୟା ମଧ୍ୟ ହ୍ରାସ ପାଇଛି, ଯାହା ଘରୋଇ ଉଡ଼ାଣର ଚାହିଦା ଉପରେ ଏକ ବଡ଼ ଧରଣର ନକାରାତ୍ମକ ପ୍ରଭାବ ପକାଉଛି ।

ଏହି ସମଗ୍ର ଘଟଣାକ୍ରମକୁ କେବଳ ଦୁଇଟି କମ୍ପାନୀର ବ୍ୟକ୍ତିଗତ ସମସ୍ୟା ଭାବରେ ନଦେଖି ସମଗ୍ର ଭାରତୀୟ ବିମାନ ଶିଳ୍ପର ସ୍ୱାସ୍ଥ୍ୟବସ୍ଥା ଦୃଷ୍ଟିରୁ ବିଚାର କରିବା ନିତାନ୍ତ ଆବଶ୍ୟକ । ଡିଜିସିଏ ର ପରିସଂଖ୍ୟାନ ଅନୁଯାୟୀ, ଆର୍ଥିକ ବର୍ଷ ୨୦୨୫-୨୬ ରେ ଭାରତର ଘରୋଇ ବିମାନ ଯାତ୍ରୀ ଟ୍ରାଫିକ୍ ଅଭିବୃଦ୍ଧି ଅତ୍ୟନ୍ତ ନୈରାଶ୍ୟଜନକ ଭାବରେ ମାତ୍ର ୧.୩୩ ରୁ ୧.୪ ପ୍ରତିଶତ ମଧ୍ୟରେ ସୀମିତ ରହିଥିଲା ଏବଂ ସମୁଦାୟ ଯାତ୍ରୀ ସଂଖ୍ୟା ୧୬୭.୪ ଲକ୍ଷ ବା ୧୬.୭ କୋଟି ଥିଲା । କୋଭିଡ ମହାମାରୀ ପରେ ଭାରତୀୟ ବିମାନ ଶିଳ୍ପ ଯେଉଁ ଦ୍ରୁତ ଗତିରେ ଆଗକୁ ବଢ଼ିବ ବୋଲି ଆକଳନ କରାଯାଉଥିଲା, ତାହା ଏବେ ସମ୍ପୂର୍ଣ୍ଣ ରୂପେ ମନ୍ଥର ହୋଇଯାଇଛି । ଏହି ମନ୍ଥରତା ପଛରେ ବିମାନର ଘୋର ଅଭାବ, ବିଶ୍ୱସ୍ତରୀୟ ଯୋଗାଣ ଶୃଙ୍ଖଳା ସମସ୍ୟା ମଧ୍ୟ ବହୁଳ ଭାବରେ ଦାୟୀ । ଉଦାହରଣସ୍ୱରୂପ, ଗତ ଡିସେମ୍ବର ମାସରେ ପାଇଲଟମାନଙ୍କ ଡିଉଟି ଏବଂ ବିଶ୍ରାମ ନିୟମକୁ ନେଇ ଇଣ୍ଡିଗୋର ଏକ ବଡ଼ ଧରଣର ବିଫଳତା ସାମ୍ନାକୁ ଆସିଥିଲା ଯେଉଁଥିପାଇଁ ଅନେକ ବିମାନ ବାତିଲ ହୋଇଥିଲା . ସେହିପରି ଏୟାର ଇଣ୍ଡିଆ ମଧ୍ୟ ନିଜର ରକ୍ଷଣାବେକ୍ଷଣ ଏବଂ ନିରାପତ୍ତା ଜନିତ କାରଣରୁ ନିଜର ଶୀତକାଳୀନ ଉଡ଼ାଣ ସୂଚୀରେ ପ୍ରାୟ ୧୦ ପ୍ରତିଶତ କାଟ୍ କରିବାକୁ ବାଧ୍ୟ ହୋଇଥିଲା । ଏଭଳି ଏକ ସଙ୍କଟାପନ୍ନ ସ୍ଥିତିରେ ନୂତନ ବିମାନ ଯୋଡ଼ିବା ପରିବର୍ତ୍ତେ ବିଦ୍ୟମାନ ଥିବା ବିମାନଗୁଡ଼ିକୁ ବସାଇ ଦେବା ସମଗ୍ର ବିମାନ ଶିଳ୍ପର ଭବିଷ୍ୟତ ଅଭିବୃଦ୍ଧି ପାଇଁ ଏକ ଅତ୍ୟନ୍ତ ଅଶୁଭ ସଙ୍କେତ ଅଟେ । ଯଦିଓ ଆକାସା ଏୟାର ଭଳି କିଛି ଛୋଟ ଏବଂ ନୂତନ କମ୍ପାନୀ ନିଜର ସେବା ବିସ୍ତାର କରି ନୂଆ ବିମାନ ଆଣୁଛନ୍ତି, ତଥାପି ସେମାନଙ୍କର କ୍ଷମତା ଏତେ ସୀମିତ ଯେ ତାହା ଇଣ୍ଡିଗୋ କିମ୍ବା ଏୟାର ଇଣ୍ଡିଆ ଭଳି ବଡ଼ କମ୍ପାନୀଗୁଡ଼ିକ ଦ୍ୱାରା ସୃଷ୍ଟି ହୋଇଥିବା ଶୂନ୍ୟସ୍ଥାନକୁ ପୂରଣ କରିବା ପାଇଁ କୌଣସି ଗୁଣରେ ଯଥେଷ୍ଟ ନୁହେଁ ।

ପରିଶେଷରେ ଏହା ନିଃସନ୍ଦେହରେ କୁହାଯାଇପାରେ ଯେ, ଏୟାର ଇଣ୍ଡିଆ ଏବଂ ଇଣ୍ଡିଗୋର ଏହି ବ୍ୟାପକ ଉଡ଼ାଣ ବାତିଲ ନିଷ୍ପତ୍ତି କେବଳ ସାଧାରଣ ଯାତ୍ରୀମାନଙ୍କ ପାଇଁ ଯାତାୟାତରେ ଅସୁବିଧା ସୃଷ୍ଟି କରିବ ନାହିଁ, ବରଂ ଦେଶର ବ୍ୟବସାୟ, ବାଣିଜ୍ୟ ଏବଂ ପର୍ଯ୍ୟଟନ ଶିଳ୍ପ ଉପରେ ମଧ୍ୟ ଏହାର ଏକ ଗଭୀର ତଥା ଦୀର୍ଘମିଆଦୀ ପ୍ରଭାବ ପଡ଼ିବ । ଆକାଶଛୁଆଁ ବିମାନ ଭଡ଼ା ଯୋଗୁଁ ଘରୋଇ ପର୍ଯ୍ୟଟନ ବହୁଳ ଭାବରେ ବାଧାପ୍ରାପ୍ତ ହେବ ଏବଂ ଏହା ଉପରେ ନିର୍ଭର କରୁଥିବା ହୋଟେଲ, ପରିବହନ ତଥା ଆନୁଷଙ୍ଗିକ ଆର୍ଥିକ ଗତିବିଧି ମନ୍ଥର ହେବାର ଆଶଙ୍କା ରହିଛି । କେବଳ ସାମୟିକ ଭାବରେ ବିମାନବନ୍ଦରର ଲ୍ୟାଣ୍ଡିଂ ଏବଂ ପାର୍କିଂ ଚାର୍ଜ କମାଇଦେଲେ କିମ୍ବା ଆଂଶିକ ଭାବରେ ଇନ୍ଧନ ଦର ବୃଦ୍ଧିକୁ ରୋକିଦେଲେ ଏହି ବିରାଟ ସମସ୍ୟାର କୌଣସି ସ୍ଥାୟୀ ସମାଧାନ ହୋଇପାରିବ ନାହିଁ । ବିମାନ ଇନ୍ଧନକୁ ସାମଗ୍ରୀ ଏବଂ ସେବା ଟିକସ ବା ଜିଏସଟି ପରିସରଭୁକ୍ତ କରିବା ଭଳି କିଛି ଦୃଢ଼ ତଥା ଦୀର୍ଘମିଆଦୀ ଆର୍ଥିକ ସଂସ୍କାର ପଦକ୍ଷେପ ଗ୍ରହଣ କରିବା ଉପରେ ବର୍ତ୍ତମାନ ଗମ୍ଭୀରତାର ସହ ବିଚାର କରିବାକୁ ପଡ଼ିବ । ବିମାନ ଯାତ୍ରା ଆଜିର ଆଧୁନିକ ଯୁଗରେ କେବଳ କୌଣସି ବିଳାସପୂର୍ଣ୍ଣ ସାମଗ୍ରୀ ହୋଇ ରହିନାହିଁ, ବରଂ ଏହା ଦେଶର ଦ୍ରୁତ ଅର୍ଥନୈତିକ ବିକାଶ ଏବଂ ଭୌଗୋଳିକ ସଂଯୋଗୀକରଣର ଏକ ଅତି ପ୍ରମୁଖ ମାଧ୍ୟମ ପାଲଟିଛି । ତେଣୁ ଏହି ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ରରେ ସ୍ଥିରତା ଆଣିବା ଏବଂ ଏକ ସୁସ୍ଥ ପ୍ରତିଯୋଗିତାମୂଳକ ପରିବେଶ ସୃଷ୍ଟି କରିବା ପାଇଁ ଉଭୟ ସରକାର ଏବଂ ବେସରକାରୀ ବିମାନ କମ୍ପାନୀଗୁଡ଼ିକୁ ମିଳିତ ଭାବରେ ଏକ ସନ୍ତୁଳିତ ପନ୍ଥା ବାହାର କରିବାକୁ ପଡ଼ିବ । ଏହା ଦ୍ୱାରା କେବଳ ଯେ ଭାରତୀୟ ବିମାନ ଶିଳ୍ପ ବଞ୍ଚିବ ତାହା ନୁହେଁ, ବରଂ ଦେଶର ସାଧାରଣ ଯାତ୍ରୀମାନେ ମଧ୍ୟ ଉପକୃତ ହେବେ ।

## ଧ୍ୱନି ପ୍ରତିଧ୍ୱନି

# ମୁଁ ଆକାଶବାଣୀ



### ଦିଲ୍ଲୀପ କୁମାର ସାହୁ

ମୁଁ ଆକାଶବାଣୀ । ମୁଁ ପୁରାଣ ବର୍ଣ୍ଣିତ ଆକାଶରୁ ଶୁଣାଯାଉଥିବା ବାଣୀ ନୁହେଁ । ମୁଁ ପ୍ରତି ଭାରତୀୟଙ୍କର ହୃଦୟର ସ୍ୱର ।

ବହୁ ଜନ ହିତାୟ ବହୁଜନ ସୁଖାୟ ମନ୍ତ୍ରରେ ମୁଁ ଅଭିମନ୍ତ୍ରିତ । ବମ୍ବେ ଆଉ କଲିକତା ମହାନଗରୀରେ ସିନା ମୋର ସୃଷ୍ଟି, ମୋର କାୟା କିନ୍ତୁ ଆଜି ବିଶ୍ୱ ପରିବ୍ୟାପ୍ତ । ମୁଁ ସମସ୍ତଙ୍କୁ ମନୋରଞ୍ଜନର ଖୋରାକ୍ ଯୋଗାଉଛି । ଆବାଳ ବୃଦ୍ଧ ବନିତାଙ୍କ ପାଇଁ ମୁଁ ଜ୍ଞାନ ବର୍ଦ୍ଧନର ମାଧ୍ୟମ । ସାରା ବିଶ୍ୱରେ ପ୍ରତି ମୁହୂର୍ତ୍ତରେ ଘଟୁଥିବା ଗୁରୁତ୍ୱପୂର୍ଣ୍ଣ ଖବରକୁ ମୋ ପ୍ରିୟ ଶ୍ରୋତା ମାନଙ୍କ ପାଖରେ ପହଞ୍ଚେଇବାର ଦାୟିତ୍ୱ ବହନ କରୁଛି ମୁଁ ।

ଭାରତ ବର୍ଷରେ ରେଡ଼ିଓ ମାଧ୍ୟମରେ କାର୍ଯ୍ୟକ୍ରମ ପ୍ରସାରଣ ପ୍ରଥମେ ମୁମ୍ବାଇ ଓ କୋଲକାତା ଠାରେ ଦୁଇଟି ଘରୋଇ ଟ୍ରାନ୍ସମିଟର ଦ୍ୱାରା ଆରମ୍ଭ ହୋଇଥିଲା । ୧୯୩୦ ମସିହାରେ ମୋର ଅର୍ଥାତ୍ ରେଡିଓ ପ୍ରସାରଣ ବ୍ୟବସ୍ଥାକୁ ତତ୍କାଳୀନ ବ୍ରିଟିଶ ସରକାର ନିଜ ହାତକୁ ନେଇଥିଲେ ଓ ମୋର ନାମ ରଖିଥିଲେ ଭାରତୀୟ ପ୍ରସାରଣ ସେବା ବା **Indian Broadcasting Corporation**, ଯାହାକି ସରକାରଙ୍କ ଶିଳ୍ପ ବିଭାଗ ଅଧିନରେ କାର୍ଯ୍ୟ କରୁଥିଲା । ୧୯୩୭ ମସିହାରେ ମୋତେ ଯୋଗାଯୋଗ ବିଭାଗ ଅଧିନକୁ ନିଆଗଲା । ୧୯୪୧ ମସିହାରେ ସରକାର ମୋ ପାଇଁ ଏକ ସ୍ୱତନ୍ତ୍ର ମନ୍ତ୍ରଣାଳୟ ଗଠନ କଲେ । ନାଆଁ ରଖିଲେ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ । ମୁଁ ଆଜି ପର୍ଯ୍ୟନ୍ତ ସେହି ମନ୍ତ୍ରଣାଳୟ ଅଧୀନରେ କାର୍ଯ୍ୟ କରି ଆସୁଛି ।

ଦେଶ ସ୍ୱାଧୀନ ହେବାର ପରେ ୧୯୫୭ ମସିହାରେ ମୋର ନାମ ବଦଳାଇ କରାଗଲା ଆକାଶବାଣୀ ଓ ମୋର ଲକ୍ଷ ରହିଲା ।

ବହୁ ଜନ ହିତାୟ ବହୁ ଜନ ସୁଖାୟ । ସେଇଥିପାଇଁ ତ ମୁଁ ଜିଣି ପାରିଛି ସବୁ ଭାରତୀୟଙ୍କ ହୃଦୟ । ମୁଁ ସେମାନଙ୍କ ସୁଖ ଦୁଃଖରେ ସାଥି ହୋଇଛି । ବିପଦ ଆପଦରେ ପାଖେ ପାଖେ ରହି ଆଗକୁ ମାଡି ଚାଲିବା ପାଇଁ ସାହସ ଦେଇଛି । ସୁଖ ଶାନ୍ତି

ରେ ଜୀବନ ବିତାଇବା ନିମନ୍ତେ ସବୁ ବର୍ଗର ଲୋକଙ୍କ ପାଇଁ ସୂଚନା ପ୍ରଦାନ କରି ମୁଁ ହୋଇପାରିଛି ସମସ୍ତଙ୍କର ନିଜର । ସିଏ ଚାଷୀ ଭାଇ ହୁଅନ୍ତୁ କି ସୈନିକ, ଶିଶୁ ହୁଅନ୍ତୁ ବା ବୟସ୍କ, ନାରୀ ହୁଅନ୍ତୁ ବା ଯୁବକ, ସମସ୍ତଙ୍କ ମନଛୁଆଁ କାର୍ଯ୍ୟକ୍ରମ ପ୍ରସାରଣ କରି ମୁଁ ହୋଇପାରିଛି ସମସ୍ତଙ୍କର ଅତି ନିଜର ଅତି ଆପଣାର ।

ଦିଲ୍ଲୀ ମହାନଗରୀରେ ମୁଁ ପ୍ରଥମେ ପାଦ ରଖିଲି ୧୯୩୬ ମସିହା ଜାନୁଆରୀ ପହିଲା ଅର୍ଥାତ୍ ନୂଆବର୍ଷ ଦିନ । ୧୯୪୦ ମସିହା ପର୍ଯ୍ୟନ୍ତ ଆକାଶବାଣୀରେ, କେବଳ ହନ୍ଦି ଭାଷାରେ ସମାଚାର ପ୍ରସାରଣ କରାଯାଉଥିଲା । ଏହା ପରଠାରୁ ଦେଶର ପ୍ରାୟ ସମସ୍ତ ଭାଷାରେ ସମାଚାର ପ୍ରସାରଣ ଆରମ୍ଭ କରାଗଲା । ୧୯୭୪ ମସିହା ଜୁନ ମାସରେ ସଂସ୍କୃତ ଭାଷାରେ ସମାଚାର ପ୍ରସାରଣ ପ୍ରଥମେ ଆରମ୍ଭ ହୋଇଥିଲା ଆକାଶବାଣୀ ମଧ୍ୟରେ ।

ମୋର ମୁଖ୍ୟ କାର୍ଯ୍ୟାଳୟ ଦିଲ୍ଲୀଠାରେ ଆକାଶବାଣୀ ଭବନରେ ଅବସ୍ଥାପିତ ଯେଉଁଠାରେ, ମୋର ଏଫଏମ ବିଭାଗ ଏବଂ ଜାତୀୟ ଓ ଆନ୍ତର୍ଜାତୀୟ ପ୍ରସାରଣ ସେବା କାର୍ଯ୍ୟ କରୁଛି ।

ସର୍ଦ୍ଦାର ବଲ୍ଲଭଭାଇ ପଟେଲ ଥିଲେ ଦେଶର ପ୍ରଥମ ସୂଚନା ଓ ପ୍ରସାରଣ ବିଭାଗର ମନ୍ତ୍ରୀ । ଦୂରଦୃଷ୍ଟି ସମ୍ପନ୍ନ ସର୍ଦ୍ଦାର ପଟେଲଙ୍କ ପାଇଁ ମୋର ଅନେକ ଅଗ୍ରଗତି ଘଟିଥିଲା । ଫଳ ସ୍ୱରୂପ ଆଜି ମୋ ମାଧ୍ୟମରେ ଦେଶର ସମସ୍ତ ଭାଷା ସହିତ ୧୫ଟି ବିଦେଶୀ ଭାଷାରେ କାର୍ଯ୍ୟକ୍ରମ ମାନ ପ୍ରସାରଣ କରାଯାଉଅଛି ।

୧୯୫୨ ମସିହାରେ ପ୍ରଥମେ ମୋ ମାଧ୍ୟମରେ ହୀନ୍ଦି ଚଳଚ୍ଚିତ୍ର ଗୀତ ପ୍ରସାରଣ ଆରମ୍ଭ ହୋଇଥିଲା, ଯାହାକି ଶ୍ରୋତା ମାନଙ୍କ ଦ୍ୱାରା ଖୁବ୍ ଆଦୃତ ହୋଇଥିଲା । ୧୯୫୭ ମସିହାରେ ଆରମ୍ଭ ହେଲା ମୋର ଏକ ମନୋରଞ୍ଜନ ଧର୍ମୀ ଚ୍ୟାନେଲ ।ନାମ ରଖାଗଲା ବିବିଧ ଭାରତୀ । ଶ୍ରୋତା ମାନଙ୍କୁ ମନୋରଞ୍ଜନର ଖୋରାକ୍ ଯୋଗାଇବାରେ ତାହା ଆଜି ପର୍ଯ୍ୟନ୍ତ ତାର ସ୍ୱତନ୍ତ୍ରତା ବଜାୟ ରଖିପାରିଛି । ୧୯୬୭ ମସିହାରେ ଆରମ୍ଭ ହେଲା ବିବିଧ ଭାରତୀ ର ବିଜ୍ଞାପନ ସେବା । ଫଳରେ ମୋ ପାଇଁ ସରକାର ମୋଟା ଅଙ୍କର ଶୁଳ୍କ ଆୟ କରିପାରିଲେ । ୧୯୭୭ ମସିହାରେ ମୋର **FM Channel** ମାନ ପ୍ରତିଷ୍ଠା କରଯାଇ ଦୁର୍ଗମ ଅଞ୍ଚଳରେ ମୋ ସେବାକୁ ପହଞ୍ଚାଯାଇ ପାରିଲା ।

୧୯୯୭ ମସିହାରେ ଭାରତ ସରକାର ଗଠନ କଲେ ପ୍ରସାର ଭାରତୀ ବା **Broadcasting Corporation of India.**

ଦେଶର ଲୋକସେବା ପ୍ରକାଶକ ଭାବେ କାର୍ଯ୍ୟରତ ଏହି ସଂସ୍ଥା ଅଧିନରେ ମୁଁ ଏବେ କାର୍ଯ୍ୟ କରୁଛି ।

ସମଗ୍ର ଦେଶରେ ବର୍ତ୍ତମାନ ମୋର ୪୦୦ରୁ ଉର୍ଦ୍ଧ୍ୱ କେନ୍ଦ୍ର ରହିଛି । ସେସବୁକୁ ମୁଖ୍ୟତଃ ତିନି ଶ୍ରେଣୀରେ ବିଭକ୍ତ କରାଯାଇଥାଏ । ରାଷ୍ଟ୍ରୀୟ ପ୍ରସାରଣ, ଆଞ୍ଚଳିକ ପ୍ରସାରଣ ତଥା ଏଫଏମ ପ୍ରସାରଣ ସେବା । ପ୍ରତ୍ୟେକ ରାଜ୍ୟରେ ରାଜ୍ୟର ମୁଖ୍ୟ ଭାଷାରେ କାର୍ଯ୍ୟକ୍ରମ ପ୍ରସାରଣ କରାଯାଉଥାଏ । ଏଇ ଯେପରି ଓଡ଼ିଶାରେ ଓଡ଼ିଆ, ଆନ୍ଧ୍ରରେ ତେଲୁଗୁ, ପଶ୍ଚିମବଙ୍ଗରେ ବଙ୍ଗଳା, ମହାରାଷ୍ଟ୍ରରେ ମରାଠୀ ଓ ଗୁଜରାଟରେ ଗୁଜରାଟୀ ଇତ୍ୟାଦି ।

ଓଡ଼ିଶାରେ ବର୍ତ୍ତମାନ ସୁଦ୍ଧା ମୋର ୧୩ଟି ରେଡ଼ିଓ ଷ୍ଟେସନ ରହିଛି । କଟକଠାରେ ମୁଖ୍ୟ ପ୍ରସାରଣ କେନ୍ଦ୍ର ରହିଛି - ଯାହାକୁ କ୍ୟାପିଟାଲ ଷ୍ଟେସନ ବୋଲି ମଧ୍ୟ କୁହାଯାଏ । ସମଗ୍ର ରାଜ୍ୟ ପାଇଁ ଆଞ୍ଚଳିକ ସମ୍ବାଦ ପ୍ରସାରଣ ଏହିଠାରୁ କରାଯାଏ । ଏହାଛଡ଼ା ସମ୍ବଲପୁର ଏବଂ ଜୟପୁରରେ ମଧ୍ୟ ଆଞ୍ଚଳିକ ବା ପ୍ରାଥମିକ ଚ୍ୟାନେଲ ରହିଛି । କଟକଠାରେ ୧୯୪୮ରେ ମୋର ଏହି କେନ୍ଦ୍ର ସ୍ଥାପିତ ହେଇଥିବା ବେଳେ ସମ୍ବଲପୁର ଓ ଜୟପୁରରେ ଏହା ୧୯୬୩ ତଥା ୧୯୬୪ ମସିହାରେ ସ୍ଥାପିତ ହୋଇଥିଲା । ସମ୍ବଲପୁର କେନ୍ଦ୍ର ଓଡ଼ିଆ ଛଡ଼ା ସମ୍ବଲପୁର ଅଞ୍ଚଳର ଭାଷାରେ ମଧ୍ୟ କାର୍ଯ୍ୟକ୍ରମ ପ୍ରସାରଣ କରିଥାଏ । ସେହିଭଳି ଆକାଶବାଣୀ ଜୟପୁର କେନ୍ଦ୍ର ଓଡ଼ିଆ ବ୍ୟତୀତ ଦେଶିଆ, କନ୍ଧ ତଥା ସଉରା ଆଦି ଆଞ୍ଚଳିକ ଭାଷାରେ କାର୍ଯ୍ୟକ୍ରମ ପ୍ରସାରଣ କରିଥାଏ । ଓଡ଼ିଶାର ବଲାଙ୍ଗୀର, ବ୍ରହ୍ମପୁର, ବାରିପଦା, ଭବାନୀପାଟଣା, ପୁରୀ, ଜୋରନ୍ଦା, କେଉଁଝର ଓ ରାଉରକେଲାଠାରେ ମଧ୍ୟ ମୋର କେନ୍ଦ୍ରମାନ ଖୋଲାଯାଇଛି ।

ମୋର ପ୍ରତି ଦିନର କାର୍ଯ୍ୟକ୍ରମ ଆରମ୍ଭ ହୁଏ 'ବନ୍ଦେ ମାତରମ୍' ଉଚ୍ଚାରଣରୁ । ଏହି କାର୍ଯ୍ୟକ୍ରମ ଶ୍ରୋତାମାନଙ୍କ ମଧ୍ୟରେ ଦିନର ଆରମ୍ଭରୁ ହିଁ ଦେଶପ୍ରୀତିର ଭାବନା ଜାଗ୍ରତ କରାଇଥାଏ । ତାପରେ ସମାଚାର ସହିତ ମନୋରଞ୍ଜନ ଓ ସୂଚନା ଧର୍ମୀ କାର୍ଯ୍ୟକ୍ରମ ପ୍ରସାରଣ କରି ମୁଁ ଶ୍ରୋତା ମାନଙ୍କୁ ବାନ୍ଧି ରଖେ । ଜାତୀୟ ସଂହତି ପ୍ରତିଷ୍ଠାଠାରୁ ସାମ୍ପ୍ରଦାୟିକ ସମ୍ପ୍ରିତି ପ୍ରତିଷ୍ଠା ଦିଗରେ ମୋର ଭୂମିକା ଖୁବ୍ ଗୁରୁତ୍ୱ ପୂର୍ଣ୍ଣ । କଳା, ସାହିତ୍ୟ, ସଂସ୍କୃତି ଓ ପରମ୍ପରାର ସୁରକ୍ଷା ଦିଗରେ ମୁଁ ଆରମ୍ଭରୁ କାମ କରିଆସିଛି । ମୋ ପାଇଁ ସୃଷ୍ଟି ହୋଇଥିବା ଅନେକ କବି, କଳାକାର, ଗାୟକ, ସଙ୍ଗୀତଜ୍ଞ ଆଜି ଦେଶ ବିଦେଶରେ ନାଆଁ କମେଇ ରାଷ୍ଟ୍ର ପାଇଁ ଆଣି ଦେଉଛନ୍ତି ଗୌରବ ।

ମୁଁ ଆକାଶବାଣୀ । ଆଜିର ଏହି ସୋସିଆଲ ମିଡ଼ିଆ ଯୁଗରେ ମୋର ରହିଛି ସ୍ୱତନ୍ତ୍ରତା । ଶ୍ରୋତା ମାନଙ୍କର ମୁଁ ଏତେ ନିଜର ଯେ ସେମାନେ ମୋଠାରୁ ଦୂରେଇ ଯାଇ ପାରୁନାହାନ୍ତି । ରେଡ଼ିଓ ଟିଏ ପାଖରେ ନଥାଉ ପଛେ । ମୋବାଇଲର ଆପ୍ ଖୋଲି ମୋ କାର୍ଯ୍ୟକ୍ରମ କୁ ଉପଭୋଗ କରି ପାରୁଛନ୍ତି ।

+ଠିକଣା - ଶଙ୍କରପୁର, ଚାର ବାଟିଆ, ଚୌଦ୍ୱାର, କଟକ
ମୋ: ୭୦୭୭୨୦୬୯୭୭

# କୃତ୍ରିମ ବୁଦ୍ଧିମତ୍ତା : ଆମ ଜୀବନରେ ସମ୍ଭାବନା ଓ ଆହ୍ୱାନ



### ସୁକାନ୍ତ ଛାଟୋଇ

ମାନବ ଜାତିର ସମୃଦ୍ଧିରେ କୃତ୍ରିମ ବୁଦ୍ଧିମତ୍ତା ବା ଆର୍ଟିଫିସିଆଲ ଇଣ୍ଟେଲେଜନ୍ସି ବାସ୍ତବରେ ହେଉଛି ମେସିନଗୁଡ଼ିକ ଦ୍ୱାରା ମାନବୀୟ ବୁଦ୍ଧିରେ ଅନୁକରଣୀୟ । ଏହି ଅନୁକରଣର ସର୍ବୋଚ୍ଚ ଯନ୍ତ୍ରଟି ଏପରି ଏକ ବ୍ୟବସ୍ଥା ଯାହା ଆମେ ଯେମିତି ଭାବିଥାଉ, ଶିଖିଥାଉ, ଆଲୋଚନା, ବିଶ୍ଳେଷଣ ସମୀକ୍ଷା କରିପାରୁ ଏପରିକି ନିଷ୍ପତ୍ତି ମଧ୍ୟ ନେଇପାରୁ । ଏ ସବୁ କାମ ଏହି କୃତ୍ରିମ ବୁଦ୍ଧିମତ୍ତା ଦ୍ୱାରା ସମ୍ଭବ ହେଉଛି । କୃତ୍ରିମବୁଦ୍ଧିମତ୍ତା ହେଉଛି ଏକ ପ୍ରଯୁକ୍ତି ଯାହା ମେସିନ ଗୁଡ଼ିକୁ ମାନବୀୟ ବୁଦ୍ଧି, ଚିନ୍ତନ ଓ ଶିକ୍ଷା ଶକ୍ତି ଦେଇଥାଏ । ଏହା ମାନବ ପରି ତଥ୍ୟ ବିଶ୍ଳେଷଣ କରି ଅନୁଭବରୁ ଶିଖି ନିଷ୍ପତ୍ତି ନେଇପାରେ ।

କୃତ୍ରିମ ବୁଦ୍ଧିମତ୍ତା କମ୍ପ୍ୟୁଟର ବିଜ୍ଞାନର ଏକ ଶାଖା ରୂପେ ଆରମ୍ଭ ହୋଇଥିଲା । ଏହାର କାମ ଥିଲା ମେଶିନ ଗୁଡ଼ିକୁ ମଣିଷ ପରି ଆଚରଣ ବା ଚିନ୍ତା କରିବାର ତାଲିମ ଦେବା । ଏହା କମ୍ପ୍ୟୁଟର ଗୁଡ଼ିକକୁ ଅଭିଜ୍ଞତାରୁ ଶିଖିବା, ଆକୃତି ଚିହ୍ନିବା ଏବଂ ନିଷ୍ପତ୍ତି ନେବାର ଶକ୍ତି ପ୍ରଦାନ କରେ । ଯେତେବେଳେ ଆପଣ ରାସ୍ତା ଖୋଜିବା ପାଇଁ ଗୁଗୁଲ ମେପସ ବ୍ୟବହାର କରନ୍ତି ବା ସ୍ମାର୍ଟଫୋନ ଆପଣଙ୍କ ମୁହଁକୁ ଚିହ୍ନି ଅନଲକ ହୁଏ, କିମ୍ବା ଯେତେବେଳେ ନେଟଫ୍ଲିକ୍ସ ଆପଣଙ୍କ ପସନ୍ଦର ଚଳଚ୍ଚିତ୍ର ସୁପାରିଶ କରେ ଯେତେବେଳେ କୃତ୍ରିମ ବୁଦ୍ଧିମତ୍ତାଚୁପଚାପ ତାର କାମ କରୁଥାଏ । ଆମ ଅଜାଣତରେ ଆମର ଘର, ଫୋନ, ଅଫିସ ଏବଂ ଏପରିକି ଆମ କଳ୍ପନାରେ ମଧ୍ୟ କୃତ୍ରିମ ବୁଦ୍ଧିମତ୍ତା ପ୍ରବେଶ କରିସାରିଲାଣି ।

ବର୍ତ୍ତମାନ କୃତ୍ରିମ ବୁଦ୍ଧିମତ୍ତାର ବିକାଶ ଯଥେଷ୍ଟ କ୍ଷେତ୍ରରେ ବଢ଼ିଛି । ପରିବେଶ ଉପରେ ମଧ୍ୟ ଏହାର ଗୁରୁତ୍ୱପୂର୍ଣ୍ଣ ପ୍ରଭାବ ରହିଛି । ଏହାର ବ୍ୟବହାର ଏପରି ବ୍ୟବସ୍ଥିତ ଯାହାଦ୍ୱାରା ତାପଜ ବିଦ୍ୟୁତ ଉପରେ ନିର୍ଭର କରି ପରିବେଶ କ୍ଷେତ୍ରକୁ ଅଧିକ ବିକଶିତ କରିଥାଏ । ସୃଜନଶୀଳତା ହେଉଛି ମଣିଷର ସବୁଠାରୁ ଅନନ୍ୟ ଗୁଣ ମଧ୍ୟରୁ ଗୋଟିଏ । ଏହା ହେଉଛି ସ୍କୁଲିଙ୍ଗ, ଯାହା ଆମକୁ ଉଦ୍ଭାବନ, ଚିତ୍ର ଆଙ୍କିବା, ଗୀତ ଲେଖିବା ଏବଂ ନୂତନ ଉପାୟରେ ସମସ୍ୟା ସମାଧାନ କରିବାରେ ସାହାଯ୍ୟ କରେ । ସୃଜନଶୀଳତା କେବଳ କଳାକାର କିମ୍ବା ଲେଖକଙ୍କ ମଧ୍ୟରେ ସୀମିତ ନୁହେଁ । ଜଣେ ଚାଷୀ ଯିଏ ଚାଷ କରିବାର ଏକ ଉତ୍ତମ ଉପାୟ ଖୋଜନ୍ତି, ଜଣେ ଶିକ୍ଷକ ଯିଏ ଶିକ୍ଷା ଦେବା ପାଇଁ ଏକ ମଜାଦାର ଉପାୟ ବାହାର କରନ୍ତି, କିମ୍ବା ଜଣେ ବୈଜ୍ଞାନିକ ଯିଏ ଏକ ନୂତନ ଔଷଧ ଆବିଷ୍କାର କରନ୍ତି ସମସ୍ତେ ନିଜର ସୃଜନଶୀଳତା ବ୍ୟବହାର କରନ୍ତି, ଯାହା କଳ୍ପନା, ଭାବନା ଏବଂ ଅଭିଜ୍ଞତାରୁ ଆସେ ।

ବିଗତ ଅଳ୍ପ କିଛି ବର୍ଷ ମଧ୍ୟରେ ଏଆଇ ମାନବ ଜୀବନର ପ୍ରାୟ ସମସ୍ତ କ୍ଷେତ୍ରରେ ପ୍ରବେଶ କରିଛି ଏବଂ ଆର୍ଥିକଓ ସାମାଜିକ ପରିବର୍ତ୍ତନ ଆଣୁଛି । କୃଷି କ୍ଷେତ୍ରରେ ଏଆଇର ବ୍ୟବହାର ବ୍ୟାପକ ହେବାରେ ଲାଗିଛି । କୃଷି ଉତ୍ପାଦନ ଓ ପ୍ରଶାସନ କ୍ଷେତ୍ରରେ ଏଆଇ ଅନେକ ସହାୟତା କରିପାରୁଛି । ଡ୍ରୋନ ଓ ସେନସର ଦ୍ୱାରା ଫସଲର ଅବସ୍ଥା, ମାଟିର ଆର୍ଦ୍ରତା ଓ ଉର୍ବରତା ମାପ ଯାଇ ପାରୁଛି । ଉପଗ୍ରହ ତଥ୍ୟ ଓ ମେଶିନ ଲର୍ଣ୍ଣିଂ ମଡ଼େଲ ଦ୍ୱାରା ପାଣିପାଗ ଓ ଫସଲ ଉତ୍ପାଦନର ପୂର୍ବାନୁମାନ ସମ୍ଭବ ହୋଇଛି । ଏଆଇ ଆଧାରିତ ସ୍ମାର୍ଟ ଜଳ ସେଚନ ଓ କୀଟପତଙ୍ଗ ନିୟନ୍ତ୍ରଣ ପ୍ରଣାଳୀ ଚାଷୀଙ୍କୁ ବହୁ ପରିମାଣରେ ସାହାଯ୍ୟ କରୁଛି । ସେହିପରି ସ୍ୱାସ୍ଥ୍ୟ କ୍ଷେତ୍ରକୁ ଦେଖିଲେ, ସ୍ୱାସ୍ଥ୍ୟ ସେବାରେ ଏଆଇର ଅବଦାନ ଅସାଧାରଣ । ରୋଗ ଚିହ୍ନଟରେ ଏଆଇ ଡାକ୍ତରମାନଙ୍କୁ ଅନେକ ମାତ୍ରାରେ ସହାୟତା କରୁଛି । ଯେପରି ଏକ୍ସରେ, ଏମଆରଆଇ ଓ ସିଟି ସ୍କାନରେ କ୍ୟାନସର କିମ୍ବା ଅନ୍ୟ ରୋଗ ଚିହ୍ନଟ ଏଆଇ ଦ୍ୱାରା ସହଜ ହୋଇଛି । ଏଥିସହିତ, ଏଆଇ ଦ୍ୱାରା ନୂଆ ଔଷଧ ଆବିଷ୍କାର ଓ ବ୍ୟକ୍ତିଗତ ଚିକିତ୍ସାରେ ଅଗ୍ରଗତି ହେଉଛି । ଭର୍ଚୁଆଲ ହେଲଥ ଆସିଷ୍ଟାଣ୍ଟ ଓ ଚାଟବଟ୍ ରୋଗୀମାନଙ୍କୁ ଅନେକ ସୁବିଧା ଯୋଗାଇ ଦେଉଛି । ଶିକ୍ଷା କ୍ଷେତ୍ର ମଧ୍ୟ ଏଥିରେ ପଛରେ ପଡ଼ି ନାହିଁ । ଏଆଇର ସର୍ବାଧିକ ବ୍ୟବହାର ଶିକ୍ଷା କ୍ଷେତ୍ରରେ ହେଉଛି । ଉଭୟ ଛାତ୍ର ଓ ଶିକ୍ଷକ ଏଆଇରୁ ଅନେକ ମାତ୍ରାରେ ଲାଭବାନ ହୋଇପାରିଛନ୍ତି । ଭାଷା ଶିକ୍ଷା, ଅନଲାଇନ କୋର୍ସ ଓ ଶିକ୍ଷକ ସହାୟକରେ ଏଆଇ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେଇଛି ।

ଜଣେ ବିଶିଷ୍ଟ ବୈଜ୍ଞାନିକ ଷ୍ଟିପେନ ହକିମ୍ ଆଶଙ୍କା ପ୍ରକାଶ କରିଥିଲେ ଯେ ଏଆଇ ଅଧିକ ସମ୍ମୁନତ ହେଲେ ଏହା ବୁଦ୍ଧିମତ୍ତାରେ ମନୁଷ୍ୟକୁ ଅତିକ୍ରମ କରିଯାଇ ଶେଷରେ ମନୁଷ୍ୟକୁ ନିଜର ଦାସ କରିରଖିପାରେ । ବର୍ତ୍ତମାନର ସମୟକୁ ଦେଖିଲେ କୃତ୍ରିମ ବୁଦ୍ଧିମତ୍ତାକୁ ନେଇ ଆଧିପତ୍ୟ ବିସ୍ତାର କରିବା ନିମିତ୍ତ ଏକ ଯୁଦ୍ଧର ସ୍ଥିତି ସୃଷ୍ଟି ହେବାକୁ ଯାଉଛି ଯାହାଦ୍ୱାରା ନୈତିକତା ଓ ସଠିକତାରେ କୃତ୍ରିମ ବୁଦ୍ଧିମତ୍ତାର ଏହି ବିରାଟ ସମ୍ଭାବନା ଅନ୍ଧାରକୁ ଚାଲିନଯାଉ । ଆର୍ଥିକ ଓ ବ୍ୟାଙ୍କିଂ କ୍ଷେତ୍ରରେ ମଧ୍ୟ ଏଆଇର ବ୍ୟବହାରିତା ବଢୁଛି । ଆର୍ଥିକ କ୍ଷେତ୍ରରେ ଏଆଇର ମୁଖ୍ୟ ପ୍ରୟୋଗ ହେଉଛି ଠକେଇ ଚିହ୍ନଟ, ବିଶ୍ଳେଷଣ ଓ ଆର୍ଥିକ ଉପଦେଶ । ବ୍ୟାଙ୍କ ଓ ବୀମା ସଂସ୍ଥାଗୁଡ଼ିକ ଏଆଇ ଆଧାରିତ ଚାଟବଟ୍ ଦ୍ୱାରା ଗ୍ରାହକ ସେବା ଦେଉଛନ୍ତି । ଅଲଗୋରିଥମିକ ଟ୍ରେଡ଼ିଂ ଦ୍ୱାରା ଅଳ୍ପ ସମୟରେ ବଡ଼ ବ୍ୟବସାୟିକ ନିଷ୍ପତ୍ତି ନିଆଯାଉଛି । ଉତ୍ପାଦନ ଓ ଶିଳ୍ପ କ୍ଷେତ୍ରରେ ଏଆଇର ଆଧାରିତ ରୋବୋଟିକ୍ସ ଦ୍ୱାରା ଶିଳ୍ପ କାର୍ଯ୍ୟ ଦ୍ରୁତ ଓ ନିଖୁଣ ଭାବରେ ହୋଇପାରୁଛି । ଯଥାନୁସମୟ ମରାମତି କାର୍ଯ୍ୟ ପ୍ରଣାଳୀ ଦ୍ୱାରା ଯନ୍ତ୍ର ଭାଙ୍ଗିବା ପୂର୍ବରୁ ତାହାକୁ ଚିହ୍ନଟ କରି ମରାମତି କରାଯାଉ ପାରୁଛି । ଜଟିଳ ଯନ୍ତ୍ରପାତି ଗୁଡ଼ିକର ସଠିକ ସମସ୍ୟା ଚିହ୍ନଟ ଦ୍ୱାରା ମରାମତି କାର୍ଯ୍ୟ ସ୍ୱଳ୍ପ ସମୟରେ କରାଯାଇ ପାରୁଛି । ଏହା ଉତ୍ପାଦନ ଖର୍ଚ୍ଚ କମାଏ ଓ ଦକ୍ଷତା ବଢ଼ାଏ । ପରିବହନ ଓ ଲଜିଷ୍ଟିକ ଏଆଇ ଆଧାରିତ ସ୍ୱୟଂ ଚାଳିତ ଯାନ ଓ ସ୍ମାର୍ଟ ଟ୍ରାଫିକ ବ୍ୟବସ୍ଥାପନରେ ପରିବହନ ବ୍ୟବସ୍ଥା ଅନେକ ମାତ୍ରାରେ ସୁଧୁରୁଛି । ସଠିକ ରାସ୍ତା ଚିହ୍ନଟ ଏବଂ ଦ୍ରବ୍ୟ ହସ୍ତାନ୍ତରରୁ ପୂର୍ବାନୁମାନ ଦ୍ୱାରା ଲଜିଷ୍ଟିକ କ୍ଷେତ୍ରରେ ସମୟ ଓ ଅର୍ଥ ଉଭୟ ସଞ୍ଚୟ ହୋଇପାରୁଛି । ଶାସନ ଓ ପ୍ରଶାସନ ମଧ୍ୟ ଏଆଇ ଦ୍ୱାରା ନିୟନ୍ତ୍ରଣର ଅଧିକ ବିଧିବ୍ୟବସ୍ଥା ସବୁ ଆସୁଛି । ଏଆଇ ଦ୍ୱାରା ପ୍ରଶାସନ ଓ ସାର୍ବଜନୀକ ସେବା ଅଧିକ ପ୍ରଭାବଶାଳୀ ହୋଇପାରେ । ତଥ୍ୟ ବିଶ୍ଳେଷଣ ଦ୍ୱାରା ସରକାରୀ ଯୋଜନା, ଯୋଗାଯୋଗ ଓ ନୀତି ନିର୍ଦ୍ଧାରଣ ସୁଧାରିପାରେ ।

ଏହା ନିଶ୍ଚିନ୍ତ କୃତ୍ରିମ ବନ୍ଧିମତ୍ତା ନୂତନ ସୃଜନଶୀଳ ଯୁଗର ଦ୍ୱାର ଖୋଲି ଦେଇଛି । କୃତ୍ରିମ ବୁଦ୍ଧିମତ୍ତା ବିକଶିତ ହେବାସହ ସୃଜନଶୀଳତନା ବା ନବ ସୃଜନ ମଧ୍ୟ ବିକଶିତ ହେବ । ଆସନ୍ତା କାଲିର କୃତ୍ରିମ ବୁଦ୍ଧିମତ୍ତା ଶକ୍ତିଶାଳୀ ହୋଇପାରେ କିନ୍ତୁ ଏହା ଜୀବନ୍ତ ନୁହେଁ । ଏମିତି ବି ହୋଇପାରେ ଶେଷରେ ମାନବ ସୃଜନଶୀଳତା ଏବଂ କୃତ୍ରିମ ବୁଦ୍ଧିମତ୍ତା ସହଭାଗିତା ଆମ ସମୟର ସବୁଠାରୁ ରୋମାଞ୍ଚକର କାହାଣୀ ଭିତରୁ ବି ହୋଇପାରେ ଗୋଟିଏ । ସୁତରାଂ କୃତ୍ରିମ ବୁଦ୍ଧିମତ୍ତାର ବ୍ୟାପକ ପ୍ରସାର ଆମ ସମାଜ, ଅର୍ଥନୀତି, ପରିଚାଳନା ବ୍ୟବସ୍ଥା, ଦୈନନ୍ଦିନ ଜୀବନରେ ବ୍ୟାପକ ପରିବର୍ତ୍ତନ ଆଣିପାରିବ । ଏହା ପୂର୍ବରୁ ସମସ୍ତଙ୍କୁ ଡିଜିଟାଲ ସାକ୍ଷରତା ଅନ୍ତର୍ଭୁକ୍ତ କରିବା ଜରୁରୀ । କୃତ୍ରିମ ବୁଦ୍ଧିମତ୍ତାର ପ୍ରୟୋଗ କ୍ଷେତ୍ରରେ ବ୍ୟକ୍ତିଗତ ଡାଟା ସୁରକ୍ଷା, ଗୋପନୀୟତା ରକ୍ଷା ଓ ନ୍ୟାୟ ସଙ୍ଗତ ପ୍ରକ୍ରିୟାକୁ ସୁନିଶ୍ଚିତ କରାଯିବା ଅବଶ୍ୟକ । କୃତ୍ରିମ ବୁଦ୍ଧିମତ୍ତାର ପ୍ରୟୋଗ ଦ୍ୱାରା ଆଗାମୀ ଦିନରେ ସୃଷ୍ଟି ହେବାକୁ ଥିବା ସଙ୍କଟକୁ ଦୂରଦୃଷ୍ଟି ଦ୍ୱାରା ଏବେଠୁ ନିରୂପଣ କରି ସମାଧାନ ଓ ପ୍ରତିକାର ନିମନ୍ତେ ନିରାକରଣ ପ୍ରଣାଳୀ ବିକାଶ କରାଯିବା ଉଚିତ । ଏ ଦାୟିତ୍ୱ ଆମ ସମସ୍ତଙ୍କର ।

+ପୋପରଡ଼ା,
ନୂଆବଜାର, କଟକ,
ମୋ: ୮୨୪୯୨୬୦୬୨୧

## କବିତା କୋଣାର୍କ

# ଏମିତି ବି ଲୋକ ଅଛନ୍ତି



### ଦୀନବନ୍ଧୁ ପୋଇ

ପଡିଶା ଘରର ଆମ୍ବ ଗଛଟିରେ
ଫଳିଥିଲା ଆମ୍ବ ଅନେକ
ତୋଳିବାକୁ ତାକୁ ମନ ବଳାଇଲେ
ମନା କରୁଥାଏ ବିବେକ ।

ପରଧନ ପ୍ରତି ଲୋଭ ଟି କରିବା
ଇଏ ନୁହେଁ ନର ଧରମ
ଫଳଟି ନିଶ୍ଚୟ ପାଇବୁ ମନୁଆ
ଯେଉଁ ଅନୁସାରେ କରମ ।

ଭାରି ସଦାଚାରୀ ଗଛର ମାଲିକ
ନିତି ସତସଙ୍ଗେ ବସଇ
ଆମ୍ବରୁ କିଏ ସେ କାଳେ ନେଇଯିବ
ଏଭାବ ମନରେ ଆଣଇ ।

ନିଇତି ସକାଳେ ସଂଜରେ ଘଡିଏ
ଆମ୍ବକୁ ଆସି ସେ ଦେଖଇ
ଧିରେ ଧିରେ ତାହା ତୋଳି ଦେବା ପାଇଁ
ଗଲା ସମୟଟି ପାଖେଇ ।

ମାଲିକ ଆସିଲେ ଖୁଣ୍ଟାଳି ଡାକିଲେ
ଆମ୍ବ ସବୁ ତାର ତୋଳିଲେ
ଭଲ ଭଲ ସବୁ ବାଛି ବାଛି ତାର
ନିଜ ପାଇଁ ଆଗ ରଖିଲେ ।

ଜଉଆ, ଫାଟୁଆ ଟାକୁଆ , ଠକରା
ଯାହା ତାକୁ ସବୁ ବାଣ୍ଟିଲେ
ଏମିତି ବି ଲୋକ ଅଛନ୍ତି ସଂସାରେ
ଭିନ୍ନ ଚିନ୍ତା ତାଙ୍କ ତଣ୍ଟିରେ ।

ଦାତା ହେବା ପାଇଁ ଯଦି ତୁମ ଇଚ୍ଛା
ରଖ ନଚିକେତା ଚରିତ୍ର
ତେବେ ଯାଇ ତୁମ ଧରମ ହୋଇବ
ଚିତ୍ତ ହେବ ତୁମ ପବିତ୍ର ।

+ଗୋରଡାପାଳ, କରମୁଳ
ଢେଙ୍କାନାଳ,
ମୋ: ୯୯୩୮୮୦୨୪୧୨

# ଦୁନିଆ

### ସଦାଶିବ ବିଶ୍ୱାଳ



ଏ ଦୁନିଆ ଭିଡ଼ର ମେଳା
କିନ୍ତୁ ମଣିଷ ଭିତରେ ଏକଲା
ମୁଖରେ କୃତ୍ରିମ ହସ ରଖି
ସମ୍ପର୍କେ ରହେ ଭୋକିଲା

ସମ୍ପର୍କର ସୂତା ଦୁର୍ବଳ
ସ୍ୱାର୍ଥ ଲାଗେ ସଭିଙ୍କୁ ମିଠା
ଥିବାଯାକେ ସଭିଏଁ ଏକାଠି
ସରିଲେ ମିଠା ହୁଏ ସିଠା

ଭିଡ଼ ଦୁନିଆରେ କିଏ ବା କାହାର
କାହାକୁ କରିବ ଭରସା
ଯାହାକୁ ଭାବିବ ସଚ୍ଚା ସାଥି
ତା'ଠୁ ପାଇବ ବିଷ ପରଷା

କିଏ ନୁହେଁ ଆପଣା
କିଏ ବି ନୁହେଁ ପର
ଦୁଇ ଦିନର ଆସିବା ଯିବା
ଭାଙ୍ଗିବ ଭିଡ଼ ମେଳା ଜୀବନର ।

+ଅଙ୍ଗାରୁଆ,
ଜିଲ୍ଲା - କେନ୍ଦୁଝର

# ବିଚିତ୍ରା



## ଧାରାବାହିକ:

ଭାଗ-୪୩

# ସଂକ୍ଷିପ୍ତ ଭାଗବତ କଥାମୃତ

## ୧୦ମ ସ୍କନ୍ଧ, ଗୋପଲୀଳା



ଡ. ଶ୍ରୀହରି ପଣ୍ଡା



ଯେଉଁ ଭାଗ୍ୟବାନ ବ୍ୟକ୍ତି କିଛି ନକରି କେବଳ ତାଙ୍କର ଅଭୟ ଚରଣରେ ପ୍ରଗାଢ ଭକ୍ତି ପୂର୍ବକ ମନ, ଧ୍ୟାନ ଅର୍ପଣ କରି ତାଙ୍କରି ଗୁଣ, କୀର୍ତ୍ତି ଆଦିକୁ ଭଜନ କୀର୍ତ୍ତନ କରନ୍ତି ସେମାନେ ଏକ ଅନିର୍ବଚନୀୟ ତନ୍ମୟ ଭାବକୁ ଉପଲବ୍ଧ କରି ମୋକ୍ଷକୁ ମଧ୍ୟ ତୁଚ୍ଛ ମନେକରନ୍ତି । ଭଗବତ ଭକ୍ତି ହିଁ ସେମାନଙ୍କର ଜନ୍ମ ଜନ୍ମାନ୍ତରର ଇଚ୍ଛା ରହିଥାଏ ଏପରିକି ସ୍ୱର୍ଗପ୍ରାପ୍ତିକୁ ମଧ୍ୟ ସେମାନେ ପ୍ରତ୍ୟାଖ୍ୟାନ କରନ୍ତି । ସେମାନେ ଜାଣି ପାରିଥାନ୍ତି ଯେ କର୍ମଭେଦରେ ଜୀବ ବିଭିନ୍ନ ଶରୀର ପ୍ରାପ୍ତ ହୋଇଥିଲେ ହେଁ ସର୍ବ ଘଟରେ ଆଚରଣ ବା ଉପାଦାନ ହିଁ ଭଗବାନଙ୍କ ସ୍ୱରୂପ । ଯେପରି ଜଳପୂର୍ଣ୍ଣ ଘଟରେ ସର୍ବତ୍ର ଜଳ ବ୍ୟାପି ରହିଥାଏ ସେହିପରି ବିଶ୍ୱବ୍ରହ୍ମାଣ୍ଡର ସକଳ ବସ୍ତୁ, ଜୀବ, ସ୍ଥାବର ଜଙ୍ଗମ ମଧ୍ୟରେ ସେହି ଅନନ୍ତ ପରମାଣୁ ପରି ପୂରି ହୋଇ ରହିଛନ୍ତି । ଏହି ସ୍ଥିର ଶାଶ୍ୱତ ସତ୍ୟ ହିଁ ବେଦରେ ବିଭିନ୍ନ ପ୍ରକାର ଓ ଭାଷାରେ ବ୍ୟକ୍ତ କରାଯାଇଛି ଓ ବେଦ ବର୍ଣ୍ଣିତ ସମସ୍ତ କର୍ମଫଳ, ସର୍ବମୟ ଭଗବାନଙ୍କର ଶ୍ରୀଚରଣ ତଳେ ହିଁ ଏକତ୍ରିତ ହୋଇଛି । ତାଙ୍କର ପବିତ୍ର ପାଦପଦ୍ମ ହିଁ ସୁଖଦାୟୀ ଅମୃତ ସିନ୍ଧୁ ସ୍ୱରୂପ । ଜ୍ଞାନୀମାନେ ସେହି ଅମୃତ ସିନ୍ଧୁରେ ଜନ୍ମ ଜନ୍ମାନ୍ତର ନିମଜ୍ଜିତ ହୋଇ ରହିବାକୁ ଇଚ୍ଛା ପୋଷଣ କରନ୍ତି । ମୁକ୍ତି ବା ସ୍ୱର୍ଗସୁଖ ତା ତୁଳନାରେ ଅତ୍ୟନ୍ତ ତୁଚ୍ଛ । ଭଗବତ ପାଦପଦ୍ମରୂପୀ ଅମୃତସିନ୍ଧୁ ବିହାରୀ ଭାଗ୍ୟବାନ ଜୀବ, ଭଗବାନଙ୍କର ଅତି ଆପଣାର ହୋଇଯାଏ ଫଳରେ ଭଗବାନ ତା ସହ ଆତ୍ମୀୟ ତୁଲ୍ୟ ବ୍ୟବହାର କରିଥାନ୍ତି । ଜୀବ ମଧ୍ୟ ସମସ୍ତ ସଂକୋଚ ପରିହାର କରି ଭଗବାନଙ୍କୁ ତାର ଆପଣାର ମନେ କରି ସମସ୍ତ ପାର୍ଥୀବ ସୁଖ, ସ୍ୱାଚ୍ଛନ୍ଦ୍ୟ, ସ୍ୱର୍ଗକାମନା ତ୍ୟାଗ କରିଥାଏ । ମାତ୍ର ବେଳେ ବେଳେ ଜୀବ ବିଷ୍ଣୁମାୟାରେ ମୋହିତ ହୋଇ ନିଜର ସ୍ୱଭାବ ପ୍ରବୃତ୍ତି ଦ୍ୱାରା ପରିଚାଳିତ ହୋଇ ଭଗବାନଙ୍କୁ ବିସ୍ମୃତ ହୋଇଯାଇ ଅସତ୍ ମାର୍ଗରେ ଗମନ କରି ଆତ୍ମଘାତୀ ହୁଏ ଏବଂ ଜନ୍ମ ମରଣ ଚକ୍ରରେ ପଡି ନିର୍ଯ୍ୟାତିତ ହୁଏ । ଅଥଚ ଭଗବାନଙ୍କୁ ଭୁଲି ନଯାଇ ତମୋଗୁଣୀ ଅସୁରମାନେ ଭଗବାନଙ୍କ ସହ ଶତ୍ରୁତା କରି ମଧ୍ୟ ସର୍ବଦା ତାଙ୍କୁ ଭଜି ମୁକ୍ତି ପ୍ରାପ୍ତ ହୁଅନ୍ତି । ଏପରିକି ମୂଢ, ଅଜ୍ଞାନୀ ବ୍ୟକ୍ତିଗଣ ମଧ୍ୟ ଭଗବାନଙ୍କୁ ନଜର ସ୍ୱାମୀ ସନ୍ତକ ରୂପେ ପ୍ରାପ୍ତହୋଇ ତାଙ୍କ ପ୍ରତି ଅନାବିଳ ପ୍ରେମ, ବାତ୍ସଲ୍ୟ ଦେଇ ଭବ ବନ୍ଧନରୁ ମୁକ୍ତ ହୋଇଯାନ୍ତି । କାରଣ ଭେଦାଭେଦ ରହିତ ଭଗବାନ ତାଙ୍କ ଆରାଧନାର ପଥ ପରିଷ୍କାର କି ଅପରିଷ୍କାର ବିଚାର ନକରି କେବଳ ଭକ୍ତର ଭକ୍ତି, ଭାବକୁ ଦେଖିଥାନ୍ତି ଓ ବିନିମୟରେ ସେହି ଭକ୍ତକୁ ପ୍ରାପ୍ତ ହୋଇଥାନ୍ତି । ଅନାଦି, ଅନନ୍ତ ଭଗବାନ କାହାକୁ ବି ବୋଧଗମ୍ୟ ନୁହଁନ୍ତି । କାରଣ ଯେତେବେଳେ ଭଗବାନ ସୃଷ୍ଟି ସମ୍ବରଣ କରନ୍ତି ସେତେବେଳେ ଜ୍ଞାନ, ବୁଦ୍ଧି, ମହତତ୍ତ୍ୱାଦି ସର୍ବ ବିକାର ଲୋପ କରିଦେଇ ଅନନ୍ତ ଶୟନରେ ଯୋଗନିଦ୍ରା ଭୂତ ଥିବା ସମୟରେ ତାଙ୍କୁ ଦେଖିବାକୁ କେହିହେଲେ ଜୀବିତ ନଥାନ୍ତି । ତେଣୁ ତାଙ୍କର ଗତି, ଶକ୍ତି, ପ୍ରକୃତି ଆଦି କାହାରିକୁ ହେଲେ ଗୋଚର ହେବା ଅସମ୍ଭବ । ତେଣୁ ଭଗବାନଙ୍କର ଅଜ୍ଞେୟ ସ୍ୱରୂପ ନିର୍ଣ୍ଣୟର ପ୍ରୟାସୀ ନହୋଇ ତାଙ୍କରି ଅଭୟ ଶ୍ରୀଚରଣରେ ମନଧ୍ୟାନ ଅର୍ପଣ କରିବା ହିଁ ଜୀବର କର୍ତ୍ତବ୍ୟ ଏବଂ ଭଗବତ ପ୍ରାପ୍ତିର ସର୍ବୋତ୍କୃଷ୍ଟ ଉପାୟ । ଫଳରେ ଜୀବ ହୃଦୟରୁ ଜୀବନ, ମୃତ୍ୟୁଭେଦ, ସର୍ବ ଭୟଭ୍ରାନ୍ତି ଦୂର ହୋଇଯାଇ ହୃଦୟରେ ଅବ୍ୟକ୍ତ, ପ୍ରଶାନ୍ତ, ପରିପୂର୍ଣ୍ଣ ଭାବ ଉପଲବ୍ଧ ହୁଏ ।

### ୯୦ ଅଧ୍ୟାୟ, ଶିବଙ୍କର ସଙ୍କଟମୋଚନ

ରାଜା ପରୀକ୍ଷିତ ପଚାରିଲେ, ଭଗବାନ ଶଙ୍କର ତ ସମସ୍ତ ଭୋଗ ପରିତ୍ୟାଗ କରି ଅମଙ୍ଗଳ ବେଶ(ସର୍ପାଦି) ଧାରଣ କରିଛନ୍ତି କିନ୍ତୁ ସର୍ବଦା ଦେଖାଯାଏ ଯେ, ଯେଉଁମାନେ ତାଙ୍କୁ ଆରାଧନା କରନ୍ତି ପ୍ରାୟତଃ ସେମାନେ ଧନସମ୍ପଦାଦି ପ୍ରାପ୍ତ ହୁଅନ୍ତି ଅଥଚ ଭଗବାନ ବିଷ୍ଣୁ ଲକ୍ଷ୍ମୀପତି ହୋଇ ମଧ୍ୟ ତାଙ୍କୁ ଉପାସନା କରୁଥିବା ପ୍ରାଣୀ ଦରିଦ୍ର;ଏହି ଦୁଇ ବିପରୀତ ସ୍ୱଭାବର କାରଣ କ'ଣ? ତ୍ୟାଗୀଙ୍କ ଉପାସନାରୁ ଭୋଗ ଏବଂ ଲକ୍ଷ୍ମୀପତିଙ୍କ ଉପାସନାରୁ ତ୍ୟାଗ ମିଳିବାରେ କି ରହସ୍ୟ ଅଛି? ଶ୍ରୀ ଶୁକଦେବ କହିଲେ, ରାଜା ଭଗବାନ ଶିବ ସର୍ବଦା ଶକ୍ତି ସହ ଯୁକ୍ତ ହୋଇ ରହିଥାନ୍ତି । ସେ ହେଉଛନ୍ତି ସତ୍ତ୍ୱାଦି ଗୁଣରେ ଯୁକ୍ତ ଓ ଅହଂକାରର ଅଧିଷ୍ଠାତା । ବୈକାରିକ, ତୈଜସ ଓ ତାମସ ଭେଦରେ ତିନି ପ୍ରକାର ଅହଂକାରରୁ ଦଶ ଇନ୍ଦ୍ରିୟ, ପଞ୍ଚ ମହାଭୂତ ଓ ଏକ ମନ ଷୋହଳ ପ୍ରକାର ବିକାର ଜନ୍ମ ନିଏ । ଏହିସବୁର ଅଧିଷ୍ଠାତୃ ଦେବତାମାନଙ୍କ ମଧ୍ୟରେ ଜଣକୁ ବି ଉପାସନା କଲେ ସମସ୍ତ ଐଶ୍ୱର୍ଯ୍ୟ ପ୍ରାପ୍ତ ହୋଇଥାଏ । କିନ୍ତୁ ବିଷ୍ଣୁ ସ୍ୱୟଂ ପ୍ରକୃତିର ଅତୀତ ପୁରୁଷୋତ୍ତମ । ସେ ସର୍ବଜ୍ଞ ଓ ସମସ୍ତଙ୍କ ଅନ୍ତଃକରଣର ସାକ୍ଷୀ ;ତେଣୁ ଯେଉଁମାନେ ତାଙ୍କୁ ଉପାସନା କରନ୍ତି ସେମାନେ ସ୍ୱୟଂ ଗୁଣାତୀତ ହୋଇଯାଆନ୍ତି । ତୁମର ଜେଜେବାପା ଯୁଧିଷ୍ଠିର ଅଶ୍ୱମେଧ ଯଜ୍ଞ ପରେ ଭଗବାନଙ୍କଠାରୁ ଧର୍ମ ସମ୍ପର୍କରେ ଶୁଣିବା ବେଳେ ଏହି ପ୍ରଶ୍ନ କରିଥିଲେ ଯାହାର ଉତ୍ତରରେ ଭଗବାନ କହିଥିଲେ ଯାହା ଉପରେ ମୁଁ କୃପାକରେ ତାହାର ସମସ୍ତ ଧନ ମୁଁ ଧୀରେ ଧୀରେ ହରଣ କରିନିଏ । ସେ ନିର୍ଦ୍ଧନ ହୋଇଗଲେ ତାର ପରିବାର, ବନ୍ଧୁ ତାକୁ ପରିତ୍ୟାଗ କରନ୍ତି । ସେ ଧନପ୍ରାପ୍ତିର ଉପାୟ କଲେ ବି ମୁଁ ତାକୁ ବ୍ୟର୍ଥ କରିଦିଏ । ଏହିଭଳି ବାରମ୍ୱାର ବିଫଳ ହୋଇ ଧନତୃଷ୍ଣାରୁ ସେ ବିରତ ହୋଇ ଯେତେବେଳେ ମୋର ପ୍ରିୟ ଭକ୍ତଙ୍କ ସହ ମିଳାମିଶା କରେ ମୁଁ ତା ଉପରେ ମୋର ଅହେତୁକୀ କୃପା ବର୍ଷା କରେ ଫଳରେ ସେ ମୋର ଅନନ୍ତ ସଚ୍ଚିଦାନନ୍ଦ ସ୍ୱରୂପ ପରଂବ୍ରହ୍ମ ପ୍ରାପ୍ତି ହୋଇଯାଏ । ମୋତେ ପ୍ରସନ୍ନ କରିବା କଷ୍ଟକର କାରଣରୁ ମୋତେ ଛାଡିଦେଇ ମୋର ବିଭୂତି ଅନ୍ୟ ଦେବତାଙ୍କୁ ଉପାସନା କରି ଅଳ୍ପରେ ସନ୍ତୁଷ୍ଟ କରେ ମନବାଞ୍ଛିତ ଧନ ପ୍ରାପ୍ତ ହୁଏ ମାତ୍ର ଏହା ତାହାକୁ ଗର୍ବୀ ଓ ଉନ୍ମତ୍ତ କରୁଥିବା କାରଣରୁ ସେମାନେ ନିଜର ବରଦାତାଙ୍କୁ ବି ଭୁଲିଯାଆନ୍ତି । ଶ୍ରୀଶୁକଦେବ କହିଚାଲିଲେ, ହେ ପରୀକ୍ଷିତ ! ବ୍ରହ୍ମା, ବିଷ୍ଣୁ ଓ ମହାଦେବ ଏ ତିନିଜଣ ଅଭିଶାପ ଓ ବରଦେବାକୁ ସମର୍ଥ କିନ୍ତୁ ସେମାନଙ୍କ ମଧ୍ୟରେ ମହାଦେବ ଓ ବ୍ରହ୍ମା ଖୁବ ଶୀଘ୍ର ପ୍ରସନ୍ନ କିମ୍ବା ରୁଷ୍ଟ ହୋଇଯାଇ ବର କିମ୍ବା ଅଭିଶାପ ଦେଇଦିଅନ୍ତି । କିନ୍ତୁ ଭଗବାନ ବିଷ୍ଣୁ ସେପରି ନୁହଁନ୍ତି । ଏ ବିଷୟରେ ମହାତ୍ମାମାନେ ଏକ ପ୍ରାଚୀନ ଆଖ୍ୟାନ କହିଥାନ୍ତି, ଥରେ ବୃକାଶୁର ବା ଭସ୍ମାସୁରକୁ ବରଦେଇ ମହାଦେବ ସଙ୍କଟରେ ପଡିଗଲେ । ଭସ୍ମାସୁର ଥିଲା ଶକୁନିଙ୍କ ପୁଅ, ତାର ବୁଦ୍ଧି ଭ୍ରଷ୍ଟ କାରଣରୁ ଦିନେ ସେ କୁଆଡେ ଯାଇ ଯାଇ ଦେବର୍ଷି ନାରଦଙ୍କ ସହିତ ଦେଖା ହେବାରୁ ପଚାରିଲା, ତିନି ଦେବଙ୍କ ମଧ୍ୟରେ କିଏ ଶୀଘ୍ର ପ୍ରସନ୍ନ ହୁଅନ୍ତି? ନାରଦ କହିଲେ ଶିବ ଆଶୁତୋଷ କାରଣରୁ ସେ ଶୀଘ୍ର ପ୍ରସନ୍ନ ହୋଇଯିବେ ଏବଂ ଶୀଘ୍ର ରାଗି ବି ଯାଆନ୍ତି । ତେଣୁ ସେ ମନରଥ ଶୀଘ୍ର ପୂରଣ କରିବେ । ରାବଣ ଓ ବାଣାସୁର କେବଳ ବନ୍ଦୀଜନଙ୍କ ପରି ଶିବଙ୍କୁ ଟିକିଏ ସ୍ତୁତି କରିଥିଲେ ସେତିକିରେ ସେ ପ୍ରସନ୍ନ ହୋଇ ସେମାନଙ୍କୁ ଅତୁଳନୀୟ ଐଶ୍ୱର୍ଯ୍ୟ ପ୍ରଦାନ କରିଦେଲେ ମାତ୍ର କିଛି କାଳ ପରେ ରାବଣ କୈଳାସ ଉଠାଇ ନେବାକୁ ବସିବାରୁ ଓ ବାଣାସୁର ତାଙ୍କୁ ତାର ନଗର ରକ୍ଷୀ ହେବାକୁ ବର ମାଗିବାରୁ ଶିବ ଭୀଷଣ ସଙ୍କଟରେ ପଡିଯାଇଥିଲେ । ନାରଦଙ୍କ ଉପଦେଶ ମତେ ବୃକାସୁର କେଦାର କ୍ଷେତ୍ରକୁ ଗଲା ଓ ଅଗ୍ନିଙ୍କୁ ଭଗବାନ ଶିବଙ୍କର ମୁଖ ବୋଲି ଭାବି ନିଜ ଦେହରୁ ଖଣ୍ଡ ଖଣ୍ଡ ମାଂସ କାଟି ସେଥିରେ ଆହୂତି ଦେବାକୁ ଲାଗିଲା । ଏପରି ଭାବେ ଛଅ ଦିନ ଉପାସନା କରିବା ପରେ ବି ଭଗବାନ ମହେଶ ଦର୍ଶନ ନ ଦେବାରୁ ସେ ସପ୍ତମ ଦିନ କେଦାର କ୍ଷେତ୍ରରେ ସ୍ନାନ ପୂର୍ବକ ପାଣି ସରସର ଓଦା ମୁଣ୍ଡଟାକୁ କୁରାଢିରେ କାଟି ଆହୂତି ଦେବାକୁ ସ୍ଥିରକଲା । ସଂସାରରେ କେହି ଆତ୍ମହତ୍ୟା କରିବାକୁ ଯାଉଥିଲେ ଆମେ ଯେଉଁପରି ତାକୁ ରକ୍ଷା କରିବାକୁ ଚେଷ୍ଟାକରୁ ବୃକାସୁରର ଆତ୍ମହତ୍ୟା କରିବାକୁ ଯାଉଥିବାରୁ କୁରାଢି ତା ବେକରେ ବାଜିବା ପୂର୍ବରୁ ମହାଦେବ ଅଗ୍ନିକୁଣ୍ଡରୁ ପ୍ରକଟ ହୋଇ ଦୁଇହାତରେ ବୃକାସୁରର ଦୁଇହାତ ଧରି ପକାଇ ତାକୁ ଅଟକାଇ ଦେଲେ । ତାଙ୍କର ସ୍ପର୍ଶ ପାଇ ବୃକାସୁରର କ୍ଷତବିକ୍ଷତ ଶରୀର ପୁନଃ ଠିକ ହୋଇଗଲା । ଭଗବାନ ମହେଶ ବୃକାସୁରକୁ କହିଲେ, ହେ ପ୍ରିୟ ! ସେତିକି ଥାଉ ଖୁବ୍ ହୋଇଗଲା ଏନେ ମନୋବାଞ୍ଛିତ ବର ମାଗ । ଭକ୍ତ ଟିକିଏ ଜଳ ଦେଲେ ମୁଁ ସେଥିରେ ସନ୍ତୁଷ୍ଟ ହୋଇଯାଏ, ତୁ ଭଲା ବୃଥାରେ ଶରୀରକୁ ଏତେ କଷ୍ଟ ଦେଉଛୁ କାହିଁକି? ପାପିଷ୍ଠ ବୃକାସୁର ବରମାଗି କହିଲା, ମୁଁ ଯାହା ମୁଣ୍ଡରେ ହାତ ରଖିବି ସେ ତତ୍କ୍ଷଣାତ ଭସ୍ମ ହୋଇଯିବାର ବର ପ୍ରଦାନ କରନ୍ତୁ । ତାର ମାଗୁଣିରେ ଭଗବାନ ଶିବ ଟିକିଏ ଇତସ୍ତତଃ ହେଲେ ବି ନିଜର କଥା ରଖିବାକୁ ତଥାସ୍ତୁ କହି ବରପ୍ରଦାନ କଲେ । ଅସୁର ଭଗବାନ ଶଙ୍କରଙ୍କ ବଳରେ ବଳୀୟାନ ହୋଇ ଦିଗବିଜୟରେ ବାହାରି ରାଜାମାନଙ୍କୁ ପରାସ୍ତ କରି ବହୁ ଧନସମ୍ପଦ ଲୁଣ୍ଠନ କଲା । ତା'ଭୟରେ ଇନ୍ଦ୍ର ମଧ୍ୟ ଭୟଭୀତ ହୋଇ ନାରଦଙ୍କ ସହ ତାର ନିଧନ ସମ୍ପର୍କରେ ବିଚାର ବିମର୍ଷ କଲେ । ଦିନେ ନାରଦ ଅସୁରକୁ ଭେଟିବାରୁ ସେ ଖୁବ୍ ଆନନ୍ଦିତ ହେଲଲ ଏବଂ ଦେବର୍ଷିଙ୍କ ଉପଦେଶରେ ସେ ଭଗବାନ ଶଙ୍କରଙ୍କୁ ସନ୍ତୁଷ୍ଟ କରି ବର ପ୍ରାପ୍ତ ହୋଇଥିବା କଥା ମଧ୍ୟ କହିଲା । ନାରଦ ଟିକି ଚିନ୍ତା କରିବାର ବାହାନା କରି ପରେ ବିଷଣ୍ଣ ବଦନରେ କହିଲେ ଭଗବାନ ଶଙ୍କର ତୋତେ ଠକି ଦେଇଛନ୍ତି । ତାଙ୍କର ପାର୍ବତୀ, ଗଙ୍ଗା, ଗାୟତ୍ରୀ ନାମରେ ତିନି ଅପୂର୍ବ ସୁନ୍ଦର ପତ୍ନୀ ଅଛନ୍ତି, ସେଥି ମଧ୍ୟରୁ ପାର୍ବତୀ ସବୁଠାରୁ ସୁନ୍ଦରୀ । ତୁ ଯାଇ ତାଙ୍କୁ ଘେନି ଆସ କାରଣ ସେ ତୋର ପତ୍ନୀ ହେଲେ ରାଜପୁର ହସି ଉଠିବ ଏବଂ ତୋର ସମ୍ପଦକୁ ସଭିଏଁ ଈର୍ଷା କରିବେ । ନାରଦଙ୍କ ଉଚ୍ଚାଟିତ ବାକ୍ୟରେ ଅସୁର ମନରେ ଲୋଭ ହେବାରୁ ସେ ଯାଇ କୈଳାସରେ ପହଞ୍ଚିଲା । ସେଠାରେ ମାତା ପାର୍ବତୀ ଶଙ୍କରଙ୍କ ସହ ବିଜେ ଥିଲେ । ତାଙ୍କ ରୁପମାଧୁରୀକୁ ଦର୍ଶନ କରି ପାପ ଇଚ୍ଛାରେ ଅସୁର ଜର୍ଜରିତ ହେବା ସହ ଶଙ୍କରଙ୍କ ନିକଟରେ ପ୍ରକାଶ କଲା । ଶଙ୍କର ତାକୁ ବୁଝାସୁଝା କରି ପଠାଇ ଦେବାକୁ ଚେଷ୍ଟା କରିବାରୁ ସେ ଭଗବାନଙ୍କ ମୁଣ୍ଡରେ ହାତ ରଖି ତାଙ୍କୁ ଭସ୍ମକରିଦେଇ ପାର୍ବତୀ ହରଣ କରିବାକୁ ଉଦ୍ୟତ ହେଲା । ଫଳରେ ଶିବ ନିଜ ବର କାରଣରୁ ଭୟଭୀତ ହୋଇ ପଳାୟନ କଲେ । ଅସୁର ତାଙ୍କୁ ଗୋଡାଇଲା ଏପରିକି ଦିଗମାନଙ୍କର ସୀମା ପର୍ଯ୍ୟନ୍ତ ଶିବଙ୍କର ପଶ୍ଚାତନୁଧାବନ କଲା । ତଥାପି ଅସୁର ତାଙ୍କୁ ଗୋଡାଉଥିବାରୁ ସେ ଉତ୍ତର ଦିଗକୁ ଗମନ ପୂର୍ବକ ପ୍ରାକୃତିକ ଅନ୍ଧକାରର ଅତୀତ ପରମ ଜ୍ୟୋତିର୍ମୟ ବୈକୁଣ୍ଠ ଲୋକରେ ପହଞ୍ଚିଗଲେ । ସେଠାରେ ସ୍ୱୟଂ ଭଗବାନ ନାରାୟଣ ନିବାସ । ସେ ଦେଖିଲେ ଯେ ମହାଦେବ ବଡ ସଙ୍କଟରେ ପଡି ଯାଇଛନ୍ତି, ତେଣୁ ଯୋଗମାୟାରେ ମୁଞ୍ଜମେଖଳା, କୃଷ୍ଣ ମୃଗଚର୍ମ, ଦଣ୍ଡ ଓ ରୁଦ୍ରାକ୍ଷମାଳା ଧାରଣ ପୂର୍ବକ ହାତରେ କୁଶ ଧରି ବ୍ରହ୍ମଚାରୀ ବେଶ ଧରି ଧୀରେ ଧୀରେ ଦୂରରୁ ବୃକାସୁର ଆଡକୁ ଚାଲିଲେ ଏବଂ ବୃକାସୁରକୁ ବଡ ନମ୍ରତାର ସହ ମୁଣ୍ଡ ନୁଆଁଇ ପ୍ରଣାମ କରି କହିଲେ, ହେ ଶକୁନି ନନ୍ଦନ ବୃକାସୁର !

( କ୍ରମଶଃ )

+ ଗୌଡ଼ଗାଁ, କପ୍ତିପଦା, ମୟୂରଭଞ୍ଜ
(ମୋ) ୯୮୫୩୯୪୮୪୫୮

## ସମ୍ପର୍କର ଗିଣ୍ଠି

# ଆକର୍ଷଣ, ପ୍ରେମ ନୁହେଁ



ଶ୍ୱେତା ରାଉତ୍

ଆଜିର ଯୁବପିଢିର ଏକ ବଡ଼ ସମସ୍ୟା ହେଉଛି, ସେମାନେ ଭାବନାକୁ ନିୟନ୍ତ୍ରଣ କରିବା ପୂର୍ବରୁ ସମ୍ପର୍କରେ ଯୋଡ଼ି ଯାଉଛନ୍ତି। ସୋସିଆଲ ମିଡ଼ିଆରେ ଦିନକୁ ଦିନ କଥା ହେବା, କିଛି ଫଟୋ ଓ ଭିଡିଓ ଦେଖି ନିକଟତା ବଢ଼ିଯିବା, ପରେ ଏହାକୁ ପ୍ରେମ ଭାବି ନିଜ ଜୀବନର ମହତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବା ଏସବୁ ଆଜି ସାଧାରଣ ଘଟଣା ହୋଇଯାଇଛି। ସମ୍ପର୍କର ଭିତ୍ତି ଯେତେବେଳେ କେବଳ ଆକର୍ଷଣ ଉପରେ ଥାଏ, ସେଠାରେ ଛୋଟ ଛୋଟ କଥାରେ ମତାନ୍ତର ସୃଷ୍ଟି ହୁଏ। ପ୍ରେମ ଓ ଆକର୍ଷଣର ଫରକ ବୁଝିବାକୁ ଯୁବପିଢି ପ୍ରସ୍ତୁତ ହୁଅନ୍ତି ନାହିଁ। ଶାରୀରିକ ଆକର୍ଷଣକୁ ଆନନ୍ଦ ଓ ପ୍ରେମର ନାମ ଦେଇ ନିଜ ପାଇଁ ନର୍କର ରାସ୍ତା ତିଆରି କରନ୍ତି।ବାପା ମାଆଙ୍କ ପଇସାରେ କିଛିଦିନ ବୁଲିବା, ଗପିବା, ସମ୍ପର୍କରେ ରହିବା ପରେ ଯେତେବେଳେ ବିବାହର କଥା ଉଠେ, ସେତେବେଳେ ମନେପଡେ ନିଜ ଖର୍ଚ୍ଚ ଉଠାଇବାର ଦାୟିତ୍ୱ, ସଂସାର ଜଞ୍ଜାଳ ଓ ବୈବାହିକ ଜୀବନର ସଂଘର୍ଷ। ସେତେବେଳେ ପ୍ରେମର ନିଶା ଉତୁରି ଯାଏ, ପ୍ରେମ ଜାଗାରେ ପଳାୟନ କରିବାର ଇଚ୍ଛା ପ୍ରକଟ ହୁଏ। ତାପରେ ଆରମ୍ଭ ହୁଏ ଅଶାନ୍ତି, ମାନସିକ ଚାପ ଏବଂ କେତେକ କ୍ଷେତ୍ରରେ ହିଂସା।

ପ୍ରେମ ହେଉଛି ଏକ ପବିତ୍ର ଅନୁଭୂତି। ଏଥିରେ ଥାଏ ସମ୍ମାନ, ତ୍ୟାଗ, ଭରସା ଓ ଦାୟିତ୍ୱବୋଧ। ପ୍ରେମ କେବଳ କାହାର ହାତ ଧରି ବୁଲିବା ନୁହେଁ, ପ୍ରେମ ହେଉଛି କାହାର ସୁଖ ଓ ସମ୍ମାନ ପାଇଁ ନିଜ ସ୍ୱାର୍ଥକୁ ପଛକୁ ରଖିବା। ପ୍ରେମ ମଣିଷକୁ ଉନ୍ନତ କରେ, ତାଙ୍କ ଚରିତ୍ରକୁ ସୁନ୍ଦର କରେ ଏବଂ ଜୀବନକୁ ସଠିକ୍ ପଥ ଦେଖାଏ। ଯେଉଁଠାରେ ପ୍ରକୃତ ପ୍ରେମ ଥାଏ, ସେଠାରେ ଧୋକା, କପଟ, ଛଳନା, ଅସୁରକ୍ଷିତ ଅନୁଭବ, ଅସମ୍ମାନ କିମ୍ବା ଅନୈତିକତାର ସ୍ଥାନ ନଥାଏ। କିନ୍ତୁ ଆକର୍ଷଣ ସମ୍ପୂର୍ଣ୍ଣ ଭିନ୍ନ। ଏହା ଅଧିକାଂଶ ସମୟରେ ବାହ୍ୟ ରୂପ, ଶାରୀରିକ ସୌନ୍ଦର୍ଯ୍ୟ କିମ୍ବା ତୁରନ୍ତ ମିଳୁଥିବା ଭାବନାତ୍ମକ ଆନନ୍ଦ ଉପରେ ନିର୍ଭର କରେ। ଆକର୍ଷଣରେ ଧୈର୍ଯ୍ୟ ନଥାଏ, ଦାୟିତ୍ୱ ନଥାଏ, ଭବିଷ୍ୟତ ପ୍ରତି ସଚେତନତା ମଧ୍ୟ ନଥାଏ। ଏହା କ୍ଷଣିକ ଉତ୍ସାହ ସୃଷ୍ଟି କରେ, କିନ୍ତୁ ସ୍ଥାୟୀ ଶାନ୍ତି ଦେଇପାରେ ନାହିଁ। ତେଣୁ ଆକର୍ଷଣ ଯେତେ ଶୀଘ୍ର ଆସେ, ସେତେ ଶୀଘ୍ର ଭାଙ୍ଗିଯାଏ। ଏହାର ପରିଣାମରେ ଅନେକ ସମ୍ପର୍କରେ ଅବିଶ୍ୱାସ, ମନମାଳିନ୍ୟ ଓ ବିଚ୍ଛେଦ ସୃଷ୍ଟି ହୁଏ।

ଆମ ସମାଜରେ ଆଜି ଅନେକ ଅପରାଧର ମୂଳ କାରଣ ହେଉଛି ଭୁଲ ସମ୍ପର୍କ। ପ୍ରେମରେ ଧୋଖା ପାଇ କେହି ଆତ୍ମହତ୍ୟା କରୁଛନ୍ତି, କେହି ପ୍ରତିଶୋଧରେ ହିଂସାର ପଥ ବାଛି ନେଉଛନ୍ତି। କେତେକ ସମୟରେ ଅବୈଧ ସମ୍ପର୍କ ପରିବାରକୁ ଭାଙ୍ଗିଦେଉଛି। ମାତାପିତାଙ୍କ ସମ୍ମାନ ନଷ୍ଟ ହେଉଛି, ସନ୍ତାନମାନଙ୍କ ଭବିଷ୍ୟତ ଅନ୍ଧକାର ହେଉଛି। ଏସବୁର ମୂଳରେ ଥାଏ ପ୍ରେମର ଭୁଲ ବ୍ୟାଖ୍ୟା। ପ୍ରକୃତ ପ୍ରେମ କେବେ ବି ମଣିଷକୁ ଅନୈତିକ କରେନାହିଁ। ଯେଉଁ ସମ୍ପର୍କ ଲୁଚାଇ ରଖିବାକୁ ପଡ଼େ, ଯାହା ପାଇଁ ମିଛ କହିବାକୁ ପଡ଼େ, ଯାହା ଅନ୍ୟ ଜଣଙ୍କ ଜୀବନକୁ ଆଘାତ କରେ, ସେହି ସମ୍ପର୍କକୁ ପ୍ରେମ କୁହାଯାଇପାରେ ନାହିଁ। ପ୍ରେମ ସବୁବେଳେ ମର୍ଯ୍ୟାଦା ଶିଖାଏ। ଏହା ପରିବାର, ସମାଜ ଓ ସଂସ୍କୃତି ପ୍ରତି ସମ୍ମାନ ରଖିବାକୁ ପ୍ରେରଣା ଦିଏ। କିନ୍ତୁ ଆକର୍ଷଣ ମଣିଷକୁ ଅନେକ ସମୟରେ ଅନ୍ଧ କରିଦିଏ। ତେଣୁ ସେ ଭଲ-ମନ୍ଦର ବିଚାର କରିପାରେ ନାହିଁ। ଯୁବପିଢିକୁ ବୁଝିବା ଦରକାର ଯେ, ଜୀବନ କେବଳ ଭାବନାରେ ଚାଲେନାହିଁ। ଏଥିରେ ଦାୟିତ୍ୱ, ଚରିତ୍ର ଓ ସଂଯମର ମଧ୍ୟ ବହୁତ ମୂଲ୍ୟ ଅଛି। କେବଳ କାହାର ରୂପ କିମ୍ବା କଥାରେ ଆକର୍ଷିତ ହୋଇ ଜୀବନର ନିଷ୍ପତ୍ତି ନେବା ଠିକ୍ ନୁହେଁ। ପରିବାରର ଭୂମିକା ମଧ୍ୟ ଏଠାରେ ଅତ୍ୟନ୍ତ ଜରୁରୀ। ଆଜି ଅନେକ ପରିବାରରେ ସନ୍ତାନମାନଙ୍କ ସହ ଖୋଲାମେଲା ଆଲୋଚନାର ଅଭାବ ଦେଖାଯାଉଛି। ମାତାପିତା କେବଳ ପଢ଼ାଶୁଣା ଓ କ୍ୟାରିୟର ଉପରେ ଧ୍ୟାନ ଦେଉଛନ୍ତି, କିନ୍ତୁ ସନ୍ତାନର ଭାବନାତ୍ମକ ଜୀବନକୁ ବୁଝିବାକୁ ସମୟ ଦେଉନାହାନ୍ତି କି ସଚେତନ କରାଉନାହାନ୍ତି। ଏହା ଫଳରେ ଯୁବପିଢି ଭୁଲ ଦିଗକୁ ଚାଲିଯାଉଛନ୍ତି। ସମାଜକୁ ମଧ୍ୟ ଏହି ବିଷୟରେ ସଚେତନ ହେବାକୁ ପଡ଼ିବ। ପ୍ରେମକୁ କେବଳ ଦେହ କିମ୍ବା ଆକର୍ଷଣରେ ସୀମିତ ରଖିବା ଉଚିତ ନୁହେଁ। ପ୍ରେମ ହେଉଛି ଏକ ଆତ୍ମିକ ସମ୍ପର୍କ, ଯାହା ମଣିଷକୁ ଭଲ କରିଥାଏ। ଯେଉଁ ପ୍ରେମ ମଣିଷକୁ ଅଶାନ୍ତି, ଭୟ ଓ ଅପରାଧର ଦିଗକୁ ନେଉଛି, ସେହି ପ୍ରେମ ନୁହେଁ, ସେଇଟା କେବଳ କ୍ଷଣିକ ଆକର୍ଷଣ। ପ୍ରେମ ଓ ଆକର୍ଷଣର ଫରକ ବୁଝିବା ଆଜିର ସମୟର ସବୁଠାରୁ ବଡ଼ ଆବଶ୍ୟକତା। ପ୍ରେମ ମଣିଷକୁ ଗଢ଼େ, ଆକର୍ଷଣ ଅନେକ ସମୟରେ ଭାଙ୍ଗିଦେଏ। ପ୍ରେମରେ ଥାଏ ତ୍ୟାଗ ଓ ସମ୍ମାନ, ଆକର୍ଷଣରେ ଥାଏ କେବଳ କ୍ଷଣିକ ମୋହ। ତେଣୁ ଯୁବପିଢି ଯଦି ସଚେତନ ହୋଇ ସଠିକ୍ ଭାବେ ସମ୍ପର୍କକୁ ବୁଝିବେ, ତେବେ ସେମାନେ ନିଜ ଜୀବନକୁ ସୁନ୍ଦର କରିପାରିବେ। ପ୍ରେମ, ଈଶ୍ୱରଙ୍କ ଏକ ଦିବ୍ୟ ଅନୁଭବ,ଯାହା ଜୀବନକୁ ପ୍ରେମମୟ କରେ ଓ ଆକର୍ଷଣ, ଶରୀର ବିଜ୍ଞାନର ଏକ ଆସକ୍ତି ଯାହା କ୍ଷଣିକ ପାଇଁ ଶରୀରକୁ ଆନନ୍ଦ ଅନୁଭବ କରାଏ, ବଦଳରେ ଜୀବନ ଅନ୍ଧାର ଆଡକୁ ଚାଲିଯାଏ। ଆମକୁ ଆମ ପିଲାମାନଙ୍କୁ ଏ ସମ୍ପର୍କରେ ସଚେତନ କରାଇବା ନିହାତି ଜରୁରୀ।

+ ରାଉତ କମ୍ପ୍ଲେକ୍ସ, କଟକ ରୋଡ଼,
ଲକ୍ଷ୍ମୀସାଗର, ଭୁବନେଶ୍ୱର
ମୋ: ୯୪୩୯୭୨୬୦୬୦

# ଭାରତରେ ଗ୍ରୀଷ୍ମ ପ୍ରବାହ ଯୋଗୁଁ ବଢୁଛି ଚକ୍ଷୁ ସମସ୍ୟା



ଭାରତରେ ଭୟଙ୍କର ଗ୍ରୀଷ୍ମପ୍ରବାହ କେବଳ ଅଂଶୁଘାତ ଆଣୁନାହିଁ, ଏହା ଗୁରୁତର ଚକ୍ଷୁସମସ୍ୟା ମଧ୍ୟ ସୃଷ୍ଟି କରୁଛି। ଆଖି ଶୁଖିଯିବା, ନାଲି ପଡ଼ିବା, ଜଳାପୋଡ଼ା, ଆଲର୍ଜି ଆଦି ଗୁରୁତର ଆଖି ସମସ୍ୟା ନେଇ ଅଭିଯୋଗ ସଂଖ୍ୟା ବୃଦ୍ଧି ପାଉଥିବା ଚକ୍ଷୁ ବିଶେଷଜ୍ଞମାନେ କହିଛନ୍ତି। ତୀବ୍ର ଅତିବାଇଗଣୀ ବିକିରଣ, ଗରମ ପବନ, ଧୂଳି ଓ ଜଳଶୁଷ୍କତା ଏହାର କାରଣ ବୋଲି ଆଖି ଡାକ୍ତରମାନେ କହିଛନ୍ତି।

ଦିଲ୍ଲୀ ସଫଦରଜଙ୍ଗ ହସ୍ପିଟାଲର ବରିଷ୍ଠ ଚକ୍ଷୁ ସର୍ଜନ୍ ବିଶେଷଜ୍ଞ ଡା.ପଙ୍କଜ ରଞ୍ଜନ କହିଛନ୍ତି, ସାରା ଦେଶରେ ତାପମାତ୍ରା ବୃଦ୍ଧି ପାଉଥିବାରୁ ଆଖିରେ ଶୁଷ୍କତା, ନାଲି ପଡ଼ିବା ହସ ଚକ୍ଷୁ ଚାପ ବୃଦ୍ଧି ପାଉଛି। ପିଲାମାନେ ଅଧିକ ସମୟ ମୋବାଇଲରେ ବ୍ୟସ୍ତ ରହୁଥିବାରୁ ସେମାନଙ୍କଠାରେ ଏହି ସମସ୍ୟା ଅଧିକ ଦେଖାଯାଉଛି। ଦୃଷ୍ଟିଶକ୍ତି ସୁରକ୍ଷିତ ରଖିବା ପାଇଁ ବିଶେଷଜ୍ଞମାନେ ପାଞ୍ଚଟି ଜରୁରି ଅଭ୍ୟାସ ସୁପାରିସ କରିଛନ୍ତି। ତାହା ହେଲା ସମୟାନ୍ତରରେ ଆଖିରେ ପାଣି ଛାଟିବା, ୟୁଭି-ସୁରକ୍ଷା ଚଷମା ପିନ୍ଧିବା, ୨୦-୨୦-୨୦ ନିୟମ ଅଭ୍ୟାସ କରିବା, ସିଧାସଳଖ ଏୟାର କଣ୍ଡିସନର୍ ବାୟୁ ପ୍ରବାହରୁ ଦୂରେଇ ରହିବା ଏବଂ ନିଜେ ନିଜେ ଔଷଧ ଖାଇବା ପରିବର୍ତ୍ତେ ଡାକ୍ତରୀ ପରାମର୍ଶ ନେବା। ୨୦-୨୦-୨୦ ନିୟମ ଅର୍ଥ ଏକ ସ୍କ୍ରିନ୍‌କୁ ଦେଖିବା ପାଇଁ ପ୍ରତି ୨୦ ମିନିଟ୍‌ରେ ଥରେ ୨୦ ସେକେଣ୍ଡର ବିରତି ନିଅନ୍ତୁ ଏବଂ ୨୦ ଫୁଟ ଦୂରରେ ଥିବା ଜିନିଷକୁ ଦେଖିବାକୁ ଚେଷ୍ଟା କରନ୍ତୁ। ଯେତେବେଳେ ଏସି ଓ ଅତ୍ୟଧିକ ଡିଜିଟାଲ ସ୍କ୍ରିନ୍ ବ୍ୟବହାର ହୁଏ ସେତେବେଳେ ଆଖି ଉପରେ ଅଧିକ ଚାପ ବୃଦ୍ଧି ପାଏ। ଗ୍ରୀଷ୍ମଋତୁରେ ଚକ୍ଷୁ ଯତ୍ନ ବିଷୟରେ ଜନସାଧାରଣଙ୍କ ମଧ୍ୟରେ ସଚେତନତା ବର୍ତ୍ତମାନ ଏକ ଡାକ୍ତରୀ ଆବଶ୍ୟକତା ବୋଲି ସେ କହିଛନ୍ତି। ବିଶେଷଜ୍ଞଙ୍କ ଅନୁଯାୟୀ ଅତ୍ୟଧିକ ଉତ୍ତାପ, ସୂର୍ଯ୍ୟକିରଣ, ଧୂଳି, ପ୍ରଦୂଷଣ, ଶରୀରରୁ ଜଳୀୟମାତ୍ରା ହ୍ରାସ ଓ ଅତ୍ୟଧିକ ମୋବାଇଲ, କମ୍ପ୍ୟୁଟର ବ୍ୟବହାର ସାମଗ୍ରିକ ଚକ୍ଷୁ ସ୍ୱାସ୍ଥ୍ୟକୁ ଯଥେଷ୍ଟ ପ୍ରଭାବିତ କରିପାରେ। ଉଚ୍ଚ ତାପମାତ୍ରା ଓ ଶୁଷ୍କ ପରିବେଶ ଆଖିର ପ୍ରାକୃତିକ ଲୁହ ଫିଲ୍ମକୁ ବ୍ୟାହତ କରିପାରେ, ଯାହା ଶୁଖିଲା ଆଖି ଓ ଆଖି ଥକ୍କାପଣକୁ ବୃଦ୍ଧି କରିପାରେ। ଏମ୍ସ ନୂଆଦିଲ୍ଲୀର ସହକାରୀ ଚକ୍ଷୁ ପ୍ରଫେସର ଡାକ୍ତର ଅନୁ ମଲିକ କହିଛନ୍ତି, ଗ୍ରୀଷ୍ମ ଋତୁରେ ଚକ୍ଷୁ ଯତ୍ନ ସଚେତନତା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଗ୍ରୀଷ୍ମଛୁଟିରେ ପିଲାମାନେ ଅଧିକ ସମୟ ମୋବାଇଲ୍, ଟାବ୍‌ଲେଟ୍, ଲାପ୍‌ଟପ୍ ଓ ଟେଲିଭିଜନ ଦେଖିବା ଦ୍ୱାରା ଚକ୍ଷୁ ସ୍ୱାସ୍ଥ୍ୟ ବିପଦପୂର୍ଣ୍ଣ ହୋଇପାରେ ବୋଲି ସେ କହିଛନ୍ତି।



# ସ୍ୱତନ୍ତ୍ର ଉତ୍କଳ ପ୍ରଦେଶର ପ୍ରମୁଖ ବିନ୍ଧାଣି : ମହାରାଜା କୃଷ୍ଣଚନ୍ଦ୍ର ଗଜପତି ନାରାୟଣ ଦେବଙ୍କ ୫୨ତମ ଶ୍ରାଦ୍ଧ ଦିବସ ପାଳିତ

ଜୟପୁର, ୨୭/୦୫ (ନି.ପ୍ର): ସ୍ୱତନ୍ତ୍ର ଉତ୍କଳ ପ୍ରଦେଶର ପ୍ରମୁଖ ବିନ୍ଧାଣି ମହାରାଜା କୃଷ୍ଣଚନ୍ଦ୍ର ଗଜପତି ନାରାୟଣ ଦେବଙ୍କ ୫୨ତମ ଶ୍ରାଦ୍ଧ ଦିବସରେ ଗଭୀର ଶ୍ରଦ୍ଧାଞ୍ଜଳି ଦେବା ପରେପରେ ନିରବ ପାର୍ଥନା କରାଯାଇଥିଲା। ତା'ପରେ ବଂଶୀବାଦକ ରବୀନ ମହାନନ୍ଦିଆଙ୍କ କଳାକାରୀରେ ବନ୍ଦେ ଉତ୍କଳ ଜନନୀ ବଂଶୀର ସ୍ୱରରେ ବିମୋହିତ ହୋଇ ଉଠିଥିଲେ ସମସ୍ତ ଶ୍ରୋତା। ସଭାପତି ବିଷ୍ଣୁ ପ୍ରସାଦ ପାତ୍ର ଓଡ଼ିଆ ସମାଜ, ଜୟପୁର ତଥା କୃଷ୍ଣଚନ୍ଦ୍ର ଦେବ ପାଠାଗାର ବିଷୟରେ ଅଭିଭାଷଣ ପ୍ରଦାନ କରିଥିଲେ। ସମ୍ପାଦକ ରାମାନନ୍ଦ ମିଶ୍ର ଏବଂ ପାଠାଗାରର ସମସ୍ତ ସଦସ୍ୟ କାର୍ଯ୍ୟରେ ସହଯୋଗ କରିଥିଲେ। ବରିଷ୍ଠ ବକ୍ତା ତଥା ଅବସର ପ୍ରାପ୍ତ ଓଡ଼ିଶା ପ୍ରଶାସନିକ ଅଧିକାରୀ ପୂର୍ଣଚନ୍ଦ୍ର ମହାପାତ୍ର ତାଙ୍କ ଅଭିଭାଷଣରେ କହିଥିଲେ, ଉତ୍କଳର ଇତିହାସରେ କେତେକ ନାମ କେବଳ ବ୍ୟକ୍ତି ନୁହଁନ୍ତି — 'ସେମାନେ ଏକ ଯୁଗର ଚେତନା, ଏକ ଜାତିର ଆତ୍ମା' । ସେହିପରି ଏକ ଅମର ନାମ 'ମହାରାଜା କୃଷ୍ଣଚନ୍ଦ୍ର ଗଜପତି ନାରାୟଣ ଦେବ' । ୧୮୯୨ ମସିହାରେ ପାରଳାଖେମୁଣ୍ଡିର ପବିତ୍ର ରାଜପ୍ରାସାଦରେ ଜନ୍ମ ନେଇଥିବା ଏହି ମହାନ ବ୍ୟକ୍ତିତ୍ୱ କେବଳ ଜଣେ ରାଜା ହୋଇ ରହିଲେ ନାହିଁ, ସେ ହୋଇଉଠିଲେ ଓଡ଼ିଆ ଜାତିର ସ୍ୱାଭିମାନର ସଂଗ୍ରାମୀ ସୈନିକ । ରାଜମୁକୁଟ ମୁଣ୍ଡରେ ଥିଲା ସତ ହେଲେ ହୃଦୟରେ ଥିଲା ମାଟିର ଲୋକଙ୍କ ପାଇଁ ପ୍ରେମ । ଭୋଗବିଳାସର ରାଜସିଂହାସନ ଛାଡ଼ି ସେ ବାଛିଥିଲେ ସେବା, ସଂଗ୍ରାମ ଓ ଜାତିଗଠନର ପଥ । ଖାରବେଳଙ୍କ ଗୌରବମୟ ଉତ୍କଳ ଏକ ସମୟରେ ଭାଗ ଭାଗ ହୋଇ ପଡ଼ିଥିଲା ପର ଶାସନର କବଳରେ । ଓଡ଼ିଆ ଜାତି ନିଜ ମାଟିରେ ହିଁ ପରାଧୀନତାର ନିରବ ବେଦନା ଭୋଗୁଥିଲା । ପୂର୍ବ ଦିଗରେ ବଙ୍ଗାଳୀ ପ୍ରଶାସନର ପ୍ରଭାବ, ଦକ୍ଷିଣରେ ତେଲୁଗୁ ଭାଷାର ଚାପ, ପଶ୍ଚିମ ଓ ଉତରରେ ହିନ୍ଦୀଭାଷୀ ଶାସନର ଆଧିପତ୍ୟ — ଏହି ଚାରିଦିଗର ଘେରାଉ ମଧ୍ୟରେ ଓଡ଼ିଆ ଭାଷା ଧୀରେ ଧୀରେ ନିଜ ଘରେ ହିଁ ଅନାଥ ହେବାକୁ ଲାଗିଥିଲା । ପାଠଶାଳାରୁ ଓଡ଼ିଆକୁ ହଟାଇବାର ଷଡ଼ଯନ୍ତ୍ର, ପ୍ରଶାସନରେ ଓଡ଼ିଆଙ୍କୁ ଅବହେଳା, ସାହିତ୍ୟ ଓ ସଂସ୍କୃତିକୁ ଅବମାନନା — ସବୁମିଶି ଓଡ଼ିଆ ଅସ୍ମିତାକୁ ନିରବରେ ଶ୍ୱାସରୋଧ କରୁଥିଲା। ସେହି ଭୟାବହ ସମୟରେ ମହାରାଜା କୃଷ୍ଣଚନ୍ଦ୍ର ଗଜପତି, ମଧୁସୂଦନ ଦାସ, ବିକ୍ରମଦେବ ବର୍ମାଙ୍କ ପରି ମହାପୁରୁଷମାନେ ଅନୁଭବ କରିଥିଲେ। "ଯଦି ଭାଷା ବଂଚିବ ନାହିଁ, ତେବେ ଜାତି ମଧ୍ୟ ବଂଚିବ ନାହିଁ ।" ତାଙ୍କର ଦୂରଦୃଷ୍ଟି, ତ୍ୟାଗ ଓ ସଂଗ୍ରାମ ଫଳରେ ଆଜି ଓଡ଼ିଆ ଭାଷା ଗର୍ବର ସହ ବିଶ୍ୱ ମାନଚିତ୍ରରେ ନିଜ ପରିଚୟ ନେଇ ବଂଚି ଆସିଛି । ସେହି ସମୟରେ ଓଡ଼ିଆ ଜାତି ଖଣ୍ଡବିଖଣ୍ଡିତ ହୋଇ ବଙ୍ଗ, ମଦ୍ରାସ, ବିହାର ଓ ମଧ୍ୟପ୍ରଦେଶର ବିଭିନ୍ନ ଅଂଚଳରେ ମିଶିଯାଇଥିଲା । ଭାଷା, ସାହିତ୍ୟ ଓ ସଂସ୍କୃତି ଅସ୍ତିତ୍ୱ ସଙ୍କଟରେ ପଡ଼ିଥିଲା । ଓଡ଼ିଆ ଭାଷାକୁ ଅପମାନିତ କରାଯାଉଥିଲା, ଓଡ଼ିଆ ଲୋକ ନିଜ ମାଟିରେ ମଧ୍ୟ ପରାଧୀନ ଭାବେ ବଂଚିବାକୁ ବାଧ୍ୟ ହେଉଥିଲେ।

ସେ ଲଣ୍ଡନ ପର୍ଯ୍ୟନ୍ତ ଯାଇ ବ୍ରିଟିଶ ଶାସକମାନଙ୍କୁ ବୁଝାଇଥିଲେ ଯେ, ଭାଷାଭିତିକ ପ୍ରଦେଶ ହେଉଛି ଏକ ଜାତିର ଅଧିକାର । ତାଙ୍କ ଅଦମ୍ୟ ପ୍ରୟାସ, ଦୂରଦୃଷ୍ଟି ଓ ରାଜନୀତି ପ୍ରଭାବ ଫଳରେ ୧ ଏପ୍ରିଲ ୧୯୩୬ ମସିହାରେ ଓଡ଼ିଶା ଭାରତର ପ୍ରଥମ ଭାଷାଭିତିକ ସ୍ୱତନ୍ତ୍ର ପ୍ରଦେଶ ଭାବେ ଆତ୍ମପ୍ରକାଶ କଲା । ଏହା କେବଳ ଏକ ପ୍ରଶାସନିକ ପରିବର୍ତନ ନୁହେଁ — ଏହା ଥିଲା ଓଡ଼ିଆ ଜାତିର ପୁନର୍ଜନ୍ମ । ଦକ୍ଷିଣ ଓଡ଼ିଶାର ଆଉ ଏକ ମହାନ ଦେଶପ୍ରେମୀ ଜୟପୁରର ମହାରାଜା ବିକ୍ରମ ଦେବ ବର୍ମାଙ୍କ ସହ ତାଙ୍କର ଐତିହାସିକ ମାମୁଁ-ଭଣଜା ଯୋଡ଼ି ( ସମ୍ପର୍କରେ ଦୁହେଁ ମାମୁଁ -ଭଣଜା ) ସ୍ୱତନ୍ତ୍ର ଓଡ଼ିଶା ଗଠନରେ ଅମର ଅବଦାନ ରଖିଥିଲେ । ଦୁହେଁ କେବଳ ରାଜନୈତିକ ଦୂରଦୃଷ୍ଟି ସମ୍ପନ୍ନ ରାଜା ନ ଥିଲେ, ଥିଲେ ମାତୃଭୂମି ମାତୃଭାଷାକୁ ଭଲ ପାଉଥିବା ପ୍ରଜାବତ୍ସଳ ଜନ ନାୟକ ଶିକ୍ଷା ଓ ସଂସ୍କୃତିର ରକ୍ଷକ । ସେମାନଙ୍କ ତ୍ୟାଗ ଓ ପ୍ରେମରେ ଓଡ଼ିଆ ଜାତି ପାଇଥିଲା ନୂଆ ଆତ୍ମବିଶ୍ୱାସ । ୧୯୩୭ ମସିହାରେ ମହାରାଜା କୃଷ୍ଣଚନ୍ଦ୍ର ଗଜପତି ହେଲେ ସ୍ୱତନ୍ତ୍ର ଓଡ଼ିଶାର ପ୍ରଥମ ପ୍ରଧାନମନ୍ତ୍ରୀ । ପାରଳାଖେମୁଣ୍ଡି ଓ ଜୟପୁର ରାଜବଂଶ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତିକୁ ଯେଉଁ ଜୀବନ୍ୟାସ ଦେଇଥିଲେ, ତାହା ଚିରସ୍ମରଣୀୟ । ଗୁଣୁପୁର–ନୌପଡ଼ା ରେଳପଥ ସ୍ଥାପନା ପରି ବିକାଶମୂଳକ କାର୍ଯ୍ୟ ସେ ସମୟରେ ଏକ ଅପୂର୍ବ ସଫଳତା ଥିଲା। "ନିଜ ମାଟିକୁ ଭଲପାଆ, ନିଜ ଭାଷାକୁ ସମ୍ମାନ କର, ଜାତିର ଗୌରବକୁ ରକ୍ଷା କର ।"

ଆଜି ତାଙ୍କ ୫୨ତମ ଶ୍ରାଦ୍ଧ ଦିବସରେ ସମଗ୍ର ଓଡ଼ିଶା ଭକ୍ତିଭରା ନୟନରେ ସେହି ମହାନ ଜନନାୟକଙ୍କୁ ସ୍ମରଣ କରୁଛି । ତାଙ୍କ ତ୍ୟାଗ, ଦୃଷ୍ଟିଭଙ୍ଗୀ ଓ ଜନସେବା ଉତ୍କଳର ଚେତନାରେ ସଦା ଜୀବନ୍ତ ରହିବ । ପରେ ପରେ ବକ୍ତା ତଥା ଅବସର ପ୍ରାପ୍ତ ପ୍ରୋଫେସର ଡ.ବଳଭଦ୍ର ଦାଶ ମହୋଦୟ ପାରଳାଖେମୁଣ୍ଡି ଏବଂ ଜୟପୁରର ସମ୍ପର୍କ ବିଷୟରେ ବର୍ଣ୍ଣନା କରିଥିଲେ। ଓଡ଼ିଆ ସମାଜର ଏଭଳି ପ୍ରୟାସକୁ ବକ୍ତା, ଶ୍ରୋତା, ଦେଖଣାହାରି ଭୁରି ଭୁରି ପ୍ରଶଂସା କରୁଥିଲେ। ୧ଘ. ୨୦ ମିନିଟ କାଳ କରସୁଧା ଭିଡିଓ ହଲରେ କେବଳ ବକ୍ତାଙ୍କ ସ୍ୱର ବ୍ୟତୀତ ଆଉ କିଛି ଶୁଭା ଯାଉନଥିଲା। ମଂଚରେ ଅତିଥି ସ୍ୱାଗତ କୃଷ୍ଣ ଚନ୍ଦ୍ର ହୋତା, ଅତିଥି ପରିଚୟ ଅଶୋକ ମହାରଣା ପ୍ରଦାନ କରିଥିଲେ। ଅତିଥିଙ୍କୁ ଉପଢୌକନ ଏବଂ ଶ୍ରଦ୍ଧାସୁମନ ପ୍ରଦାନ ପରେ, ନିରଞ୍ଜନ ପାଣିଗ୍ରାହୀ ଧନ୍ୟବାଦ ଅର୍ପଣ କରଥିଲେ।

# ଗୁଣିଗାରେଡି ସନ୍ଦେହରେ ମହିଳାଙ୍କୁ ପିଟିପିଟି ହତ୍ୟା ଘଟଣା : ୩ ଗିରଫ

ମାଲକାନଗିରି, ୨୭/୦୫ (ନି.ପ୍ର): ମାଲକାନଗିରି ଜିଲ୍ଲା ଓର୍କେଲ ଥାନା ଅଧିନସ୍ଥ ଶାରଦାଗୁଡା ଗ୍ରାମରେ ଗୁଣିଗାରେଡି ସନ୍ଦେହରେ ମହିଳାଙ୍କୁ ପିଟିପିଟି ହତ୍ୟା ଘଟଣାରେ ଆଜି ୩ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି ପୋଲିସ। ମିଳିଥିବା ସୂଚନାନୁଯାୟୀ, ଶାରଦାଗୁଡା ଗ୍ରାମରେ ଗତ ୧ ବର୍ଷ ମଧ୍ୟରେ ଗ୍ରାମର ୮ ରୁ ୧୦ ବ୍ୟକ୍ତିଙ୍କ ଅଚାନକ ମୃତ୍ୟୁ ହୋଇଥିଲା। ତେବେ ଗ୍ରାମରେ ଏପରି ମୃତ୍ୟୁ ସଂଖ୍ୟା ଦିନକୁ ଦିନ ବଢୁଥିବା ଦେଖି ଗ୍ରାମରେ ଏକ ବୈଠକ ଡକାଇ କୋଟପାଡ଼ ଅଂଚଳରୁ ଜଣେ ଗୁଣିଆଙ୍କୁ ଡାକିଥିଲେ ଗ୍ରାମବାସୀ। ଉକ୍ତ ଗୁଣିଆ ଜଣକ ଗ୍ରାମକୁ ଆସି ଚୁଡା ମନ୍ତ୍ରାଇ ସମସ୍ତଙ୍କୁ ଖାଇବାକୁ ଦେଇଥିଲେ। ଏହାପରେ ଗ୍ରାମର ପଦ୍ମା ନାୟକ(୫୧) ଉକ୍ତ ମନ୍ତ୍ରା ହୋଇଥିବା ଚୁଡାକୁ ଖାଇ ଅସୁସ୍ଥ ହୋଇ ପଡ଼ିଥିଲେ। ଯାହାଦ୍ୱାରା ଉକ୍ତ ଗୁଣିଆ ଜଣଙ୍କ ପଦ୍ମା ଏହି ସବୁ ଲୋକଙ୍କ ମୃତ୍ୟୁର କାରଣ କହିବା ସହ ଗତ ୨୦ ଦିନ ମଧ୍ୟରେ ଗ୍ରାମର ୨ ବ୍ୟକ୍ତିଙ୍କ ମୃତ୍ୟୁ ପାଇଁ ପଦ୍ମା ହିଁ ଦାୟୀ ବୋଲି କହିଥିଲା। ଏହାପରେ ମୃତ୍ୟବରଣ କରିଥିବା ୨ ବ୍ୟକ୍ତିଙ୍କ ପୁଅମାନେ ରାଗରେ ଉତକ୍ଷିପ୍ତ ହୋଇ ଗାଁ ଦାଣ୍ଡରେ ପଦ୍ମାଙ୍କୁ ଲାତ ଗୋଇଠା ମାରିଥିଲେ। ଏହାଦେଖି ପଦ୍ମାଙ୍କ ପୁଅ ଗଣେଶ ଆସି ତାଙ୍କ କବଳରୁ ଆହତ ଅବସ୍ଥାରେ ନିଜ ମାଙ୍କୁ ରକ୍ଷା କରିଥିଲେ। ପଦ୍ମାଙ୍କୁ ମାଡ଼ ପରେ ସେ ମୃତ୍ୟବରଣ କରିଥିଲେ। ଏନେଇ ପଦ୍ମାଙ୍କ ପୁଅ ଗଣେଶ ଥାନାର ଦ୍ୱାରସ୍ଥ ହୋଇ ଲିଖିତ ଅଭିଯୋଗ ପତ୍ର ପ୍ରଦାନ କରିଥିଲେ। ଉକ୍ତ ମାମଲାକୁ ଆଧାର କରି ରବିବାର ଘଟଣାସ୍ଥଳରେ କୋରାପୁଟରୁ ସାଇଣ୍ଟିଫିକ ଟିମ୍ ଆସି ତଦନ୍ତ କରିବା ପରେ ୩ ଜଣଙ୍କୁ ଗିରଫ କରିବାରେ ସକ୍ଷମ ହୋଇଛି। ଗିରଫ ୩ ବ୍ୟକ୍ତି ହେଲେ ଶାରଦାଗୁଡା ଗ୍ରାମର ମହେଶ୍ୱର ପାଙ୍ଗି, ହରି ପାଙ୍ଗି ଏବଂ ହରିଷ ଚନ୍ଦ୍ର ଖିଲ। ଆଜି କେସ ନଂ ୧୫୭/୨୬ ରେ ମାମଲା ରୁଜୁ କରି ଏହି ୩ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଥାନାଧିକାରୀ ଧୀରେନ ପଟ୍ଟନାୟକ ସୂଚନା ଦେଇଛନ୍ତି।

# ଜିଲ୍ଲା ସ୍ତରୀୟ ସମନ୍ୱୟ କମିଟି ବୈଠକ

ଝାରସୁଗୁଡ଼ା, ୨୭/୦୫ (ନି.ପ୍ର): ଜିଲ୍ଲାପାଳ ତଥା ଜିଲ୍ଲା ମାଜିଷ୍ଟ୍ରେଟ୍ କୁଣାଳ ମୋତିରାମ ଚହ୍ୱାଣଙ୍କ ଅଧକ୍ଷତାରେ ଆଜି ଜିଲ୍ଲା ସ୍ତରୀୟ ସମନ୍ୱୟ କମିଟିର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ସଫଳତାର ସହ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଆର୍ଥିକ ବର୍ଷ ୨୦୨୫-୨୬ ର 'ଯୋଜନା ବନାମ ସଫଳତା'ର ସମୀକ୍ଷା କରାଯିବା ସହ ଆଗାମୀ ଆର୍ଥିକ ବର୍ଷ ୨୦୨୬-୨୭ ପାଇଁ 'ବାର୍ଷିକ କାର୍ଯ୍ୟଖସଡ଼ା' କୁ ଆନୁଷ୍ଠାନିକ ଭାବେ ଅନୁମୋଦନ କରାଯାଇଛି। ବୈଠକ ପ୍ରାରମ୍ଭରେ ଜିଲ୍ଲାରେ ଚାଲୁ ରହିଥିବା ବିଭିନ୍ନ ବିଷୟଭିତିକ ପ୍ରଗତି ଓ ସଫଳତାର ବିବରଣୀ ଉପସ୍ଥାପନ କରାଯାଇଥିଲା। ଜୀବିକା ବିକାଶ ଏବଂ କୃଷିର ଉନ୍ନତି ପାଇଁ ଏହି ବୈଠକରେ କେତେକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତି ନିଆଯାଇଛି। ବିଶେଷ କରି ମହିଳା ଚାଷୀମାନଙ୍କ ସ୍ତରରେ ବିଭିନ୍ନ ସରକାରୀ ବିଭାଗ ମଧ୍ୟରେ ସମନ୍ୱୟ ଓ ସଂଯୋଗୀକରଣକୁ ଅଧିକ ସୁଦୃଢ଼ କରିବା ପାଇଁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି।


**AFFIDAVIT**

By virtue of an affidavit before the executive Magistrate Basudevpur, I Abhimanyu Behera S/o- Ekadashi Behera permanent resident of At - Naichhanapur, P.o- Betada, P.s- Basudevpur, Dist- Bhadrak, Pin code- 756168 currently residing at At - Naichhanapur, P.o- Betada, P.s- Basudevpur, Dist- Bhadrak, Pin code- 756168 declare that I, wholly renounce, relinquish and abandon the use of my former name (old name) Rabindra Panda and in place thereof assume from the date hereof the name of (new name) Abhimanyu Behera. I will be known as Abhimanyu Behera for all purposes.

**Abhimanyu Behera**


# ରୁର୍ବାନ ଯୋଜନାରେ ସୋଲାର ଲାଇଟ କାମରେ କୋଟି କୋଟି ଟଙ୍କା ହେରଫେର ଅଭିଯୋଗ

ଝାରସୁଗୁଡ଼ା, ୨୭/୦୫ (ନି.ପ୍ର): ଝାରସୁଗୁଡା ଜିଲ୍ଲା କୋଲାବିରା ବ୍ଲକ ଅଧୀନ କେନ୍ଦ୍ର ସରକାରଙ୍କ ରୁର୍ବାନ ଯୋଜନାରେ ସମାସିଂହା କ୍ଲଷ୍ଟରରେ ଲଗାଯାଇଥିବା ସୋଲାର ଷ୍ଟ୍ରିଟ୍ ଲାଇଟ କାର୍ଯ୍ୟରେ ବ୍ୟାପକ ଅନିୟମିତତା ଓ କୋଟି କୋଟି ଟଙ୍କା ହେରଫେର ହୋଇଥିବା ନେଇ ଗୁରୁତର ଅଭିଯୋଗ ଉଠିଛି। ଏନେଇ ଅମନାପାଲି ଗ୍ରାମର ବାସିନ୍ଦା ତଥା ସୋଡାମାଳ ପଂଚାୟତ ର ପୂର୍ବତନ ସରପଂଚ ବଳରାମ ପାଣ୍ଡେ ୩ୟ ଥର ପାଇଁ ଲିଖିତ ଅଭିଯୋଗ କରି ଉଚ୍ଚସ୍ତରୀୟ ତଦନ୍ତ ଦାବି କରିଛନ୍ତି। ଅଭିଯୋଗ ଅନୁଯାୟୀ, କୋଲାବିରା ବ୍ଲକର ସୋଡାମାଲ, ସମାସିଂହା, କୁଲିହାମାଲ, ପୋଖରାସାହ୍ଲେ, ଝିର୍ଲାପାଲି ଓ କୋଲାବିରା ପଂଚାୟତରେ ପ୍ରାୟ ୧ କୋଟି ୯୦ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ୨୦୨୨ ମସିହାରେ ସୋଲାର ଲାଇଟ ସ୍ଥାପନ କରାଯାଇଥିଲା। କିନ୍ତୁ କାମରେ ନିମ୍ନମାନର ସାମଗ୍ରୀ ବ୍ୟବହାର ସହ ଟେଣ୍ଡର ପ୍ରକ୍ରିୟାରେ ଗୁରୁତର ଅନିୟମିତତା ହୋଇଥିବା ଅଭିଯୋଗ ହୋଇଛି। ଶ୍ରୀ ପାଣ୍ଡେଙ୍କ କହିବା ଅନୁଯାୟୀ, ସେତେବେଳର ବିଡିଓ ବିଜୟ ସଏ ନିଜେ କାର୍ଯ୍ୟ ପରିଚାଳନା ନକରି ଭୁବନେଶ୍ୱରସ୍ଥ ଓରେଡା ସଂସ୍ଥାକୁ କାର୍ଯ୍ୟ ଦାୟିତ୍ୱ ଦେଇଥିଲେ। ଏଥିପାଇଁ ଟେଣ୍ଡର ପ୍ରକ୍ରିୟାରେ ଭିତିରି ବୁଝାମଣା ହୋଇଥିବା ସନ୍ଦେହ କରାଯାଇଛି। ଝାରସୁଗୁଡା ଜିଲ୍ଲାରେ ପ୍ରସାରଣ ନଥିବା ଏକ ଖବରକାଗଜରେ ଟେଣ୍ଡର ବିଜ୍ଞାପନ ପ୍ରକାଶ କରାଯାଇଥିବାରୁ ଟେଣ୍ଡର ଫିକ୍ସିଂ ହୋଇଥିବା ଅଭିଯୋଗ ଉଠିଛି। ଅଭିଯୋଗରେ ଆହୁରି କୁହାଯାଇଛି ଯେ, ଟେଣ୍ଡରରେ ହେଭେଲ୍ସ ଓ ସୂର୍ଯ୍ୟ କମ୍ପାନୀର ଲାଇଟ ଲଗାଯିବାକୁ ଉଲ୍ଲେଖ ଥିବାବେଳେ ପ୍ରତି ଖୁମ୍ବ ପାଇଁ ୩୨ ହଜାର ଟଙ୍କା ମଞ୍ଜୁର ହୋଇଥିଲା। କିନ୍ତୁ ବଜାରରେ ଏହି ଲାଇଟର ମୂଲ୍ୟ ପ୍ରାୟ ୧୪ ହଜାର ଟଙ୍କା ଥିବା ଦାବି କରାଯାଇଛି। ତଦୁପରି ଲଗାଯାଇଥିବା ଅଧାରୁ ଅଧିକ ଲାଇଟ ମାତ୍ର ୩ ମାସ ମଧ୍ୟରେ ଅଚଳ ହୋଇଯାଇଥିବା ବେଳେ ଅନେକ ସ୍ଥାନରେ ଖୁମ୍ବ ଭାଙ୍ଗି ପଡୁଥିବା ମଧ୍ୟ ଅଭିଯୋଗରେ ଦର୍ଶାଯାଇଛି। ଅଭିଯୋଗକାରୀଙ୍କ ଦାବି ଅନୁଯାୟୀ, କାମ ସମ୍ପୂର୍ଣ୍ଣ ହୋଇନଥିଲେ ମଧ୍ୟ ଠିକା ସଂସ୍ଥାକୁ ସମ୍ପୂର୍ଣ୍ଣ ବିଲ ପ୍ରଦାନ କରାଯାଇଛି। ପ୍ରଥମ ପର୍ଯ୍ୟାୟରେ ୧ କୋଟି ୨ ଲକ୍ଷ ୫୩ ହଜାର ୮ଶହ ଟଙ୍କା ଓ ଦ୍ୱିତୀୟ ପର୍ଯ୍ୟାୟରେ ୮୯ ଲକ୍ଷ ୬ ହଜାର ୮୪୧ ଟଙ୍କା ଠିକା ସଂସ୍ଥାକୁ ପ୍ରଦାନ କରାଯାଇଥିବା ସେ କହିଛନ୍ତି। ଏନେଇ ଗତ ବର୍ଷ ଜିଲ୍ଲାପାଳଙ୍କ ଅଭିଯୋଗ ଶିବିରରେ ଅଭିଯୋଗ ହୋଇଥିବା ବେଳେ ଗତ ମେ ୨୯ ତାରିଖରେ ପୁଣି ଥରେ ଅଭିଯୋଗ ହୋଇଥିଲେ ମଧ୍ୟ କୌଣସି ତଦନ୍ତ ହୋଇନଥିବାରୁ ଶ୍ରୀ ପାଣ୍ଡେ ପୁନର୍ବାର ଉଚ୍ଚସ୍ତରୀୟ ତଦନ୍ତ ଓ ଭିଜିଲାନ୍ସ ତଦନ୍ତ ଦାବି କରିଛନ୍ତି। ସେ ଦୋଷୀ ଅଧିକାରୀ ଓ ଠିକା ସଂସ୍ଥା ବିରୋଧରେ କଠୋର ଆଇନଗତ କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି କରିଛନ୍ତି। ଏନେଇ ଜିଲ୍ଲାପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ବିଶ୍ୱରଂଜନ ନାୟକ ଙ୍କୁ ଯୋଗାଯୋଗ କରାଯିବାରୁ ଅଭିଯୋଗ ଆମ୍ଭର ହସ୍ତଗତ ହୋଇଛି ଓ ଏହାର ସମ୍ପୂର୍ଣ୍ଣ ରିପୋର୍ଟ ବିଭାଗକୁ ମଗାଯାଇଛି ବୋଲି କହିଛନ୍ତି।

# ଏନସିସି ବାର୍ଷିକ ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ

ଜୟପୁର, ୨୭/୦୫ (ନି.ପ୍ର): ୧୫ ଓଡ଼ିଶା ବ୍ୟାଟାଲିଅନ୍ ଏନସିସି, ଜୟପୁର ଦ୍ୱାରା ବିକ୍ରମ ଦେବ ବିଶ୍ୱବିଦ୍ୟାଳୟ ପରିସରରେ ଆୟୋଜିତ ବାର୍ଷିକ ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ ହୋଇଛି। ଏହି ଶିବିରର ସମାପନୀ ଉତ୍ସବ ଅତ୍ୟନ୍ତ ଆଡମ୍ବରପୂର୍ଣ୍ଣ ଭାବେ ଆୟୋଜିତ ହୋଇଥିଲା। ଏହି ସମାରୋହରେ ବିକ୍ରମ ଦେବ ବିଶ୍ୱବିଦ୍ୟାଳୟର ରେଜିଷ୍ଟ୍ରାର ମହେଶ୍ୱର ଚନ୍ଦ୍ର ନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇ କ୍ୟାଡେଟମାନଙ୍କୁ ଉତ୍ସାହିତ କରିଥିଲେ। ସେ ନିଜ ଅଭିଭାଷଣରେ ଏନ୍‌ସିସି ଦ୍ୱାରା ଶୃଙ୍ଖଳା, ଦେଶପ୍ରେମ ଓ ନେତୃତ୍ୱ ଗୁଣର ବିକାଶ ବିଷୟରେ ଆଲୋକପାତ କରିଥିଲେ। ଶିବିର ଅବଧିରେ ବିଭିନ୍ନ ପ୍ରତିଯୋଗିତା ଓ କାର୍ଯ୍ୟକ୍ରମ ଯଥା ଡ୍ରିଲ୍, ଅସ୍ତ୍ର ପ୍ରଶିକ୍ଷଣ, ସାଂସ୍କୃତିକ କାର୍ଯ୍ୟକ୍ରମ, ଖେଳକୁଦ ଏବଂ ଜ୍ଞାନମୂଳକ ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ଏହି ସମସ୍ତ କାର୍ଯ୍ୟକ୍ରମରେ କୃତୀ କ୍ୟାଡେଟମାନଙ୍କୁ ମୁଖ୍ୟ ଅତିଥି ଶ୍ରୀ ନାୟକ ପଦକ ଓ ପୁରସ୍କାର ବିତରଣ କରି ସମ୍ମାନିତ କରିଥିଲେ। ଶିବିରରେ କ୍ୟାଡେଟମାନେ ଶାରୀରିକ, ମାନସିକ ଓ ନୈତିକ ଶିକ୍ଷା ଗ୍ରହଣ କରି ନିଜମାନଙ୍କର ବ୍ୟକ୍ତିତ୍ୱର ବିକାଶ କରିପାରିଥିଲେ। ସମାପନୀ ଉତ୍ସବରେ କ୍ୟାଡେଟମାନଙ୍କ ଡ୍ରିଲ୍ ପ୍ରଦର୍ଶନ ଏବଂ ସାଂସ୍କୃତିକ କାର୍ଯ୍ୟକ୍ରମ ସମସ୍ତଙ୍କ ମନକୁ ଆକର୍ଷିତ କରିଥିଲା।


**AFFIDAVIT**

By virtue of an affidavit before the executive Magistrate Basudevpur, I Ratikanta Malik S/o- Lt. Sukura Malik, permanent resident of At- Radhanathpur, P.o- Mandari, P.s.- Basudevpur, Dist- Bhadrak, Pin code- 756125 declare that , I am the father of the minor (old name) Laxmidhar Malik. For and on behalf of my minor son, I wholly renounce, relinquish and abandon the use of the former name of my minor son (old name) Laxmidhar Malik and in place thereof assume from the date hereof the name as (new name) Manash Malik. From now on he shall known as Manash Malik for all purposes.

**Ratikanta Malik**


# ଏଏନ୍‌ଏମ ଭରସାରେ ଚାଲିଛି ସିଲଯୋଡା ସେଂଟ୍ରାଲ ହସ୍ପିଟାଲ

ଚମ୍ପୁଆ, ୨୭/୦୫ (ନି.ପ୍ର): କେନ୍ଦୁଝର ଜିଲ୍ଲା ଚମ୍ପୁଆ ଉପଖଣ୍ଡସ୍ଥ ଯୋଡା ବ୍ଲକ୍ ବଳଦା ପଂଚାୟତ ଅନ୍ତର୍ଗତ ସିଲ୍ ଯୋଡ଼ା ଠାରେ ଥିବା ସିଲଯୋଡା କେନ୍ଦ୍ରୀୟ ଚିକିତ୍ସାଳୟଟି ଅବ୍ୟବସ୍ଥାରେ ଚାଲିଥିବା ଅଭିଯୋଗ ହୋଇଛି। ସୂଚନା ଅନୁଯାୟୀ କେନ୍ଦ୍ର ସରକାରଙ୍କ ଶ୍ରମ ଓ ରୋଜଗାର ମନ୍ତ୍ରଣାଳୟ ଦ୍ୱାରା ବହୁ ବର୍ଷ ପୂର୍ବେ ଏହି ଡାକ୍ତର ଖାନା ନିର୍ମିତ ହୋଇଥିଲା । ଖଣି ଅଂଚଳରେ କାର୍ଯ୍ୟ କରୁଥିବା ଶ୍ରମିକ ମାନେ ଏହି ଡାକ୍ତର ଖାନାରେ ଚିକିତ୍ସା ପାଇ ପାରୁ ଥିଲେ । ଖଣି ଅଂଚଳରେ ଅନେକ ସମୟରେ ଘଟୁଥିବା ଦୁର୍ଘଟଣାରେ ଗୁରୁତର ଶ୍ରମିକଙ୍କୁ ଆଶୁ ଚିକିତ୍ସା ମିଳି ପାରୁ ଥିଲା । ମାତ୍ର ଦୀର୍ଘ ବର୍ଷ ହେବ ଏହି ଡାକ୍ତର ଖାନା ପ୍ରତି ବିଭାଗୀୟ ଅବହେଳା ହେତୁ ଲୋକେ ଚିକିତ୍ସା ସୁବିଧାରୁ ବଂଚିତ ହେଉଛନ୍ତି । ଏଠାରେ ଦୁଇଟି ରୋଗୀ ଶଯ୍ୟା ରହିଥିଲେ ହେଁ ବିଦ୍ୟୁତ୍ ସଂଯୋଗ ବିଚ୍ଛିନ୍ନ ହୋଇ ପଡ଼ିଛି । କୌଣସି ରୋଗୀ ଚିକିତ୍ସା ପାଇଁ ଗଲେ ତାଙ୍କୁ ଅନ୍ଧକାର ଥିବା ଉକ୍ତ କୋଠରୀରେ ରହିବାକୁ ପଡୁଛି । ଡାକ୍ତର ଖାନାର ଗୃହ ଗୁଡ଼ିକ ଦୀର୍ଘ ବର୍ଷରୁ ମରାମତି ଅଭାବରୁ ଜରାଜୀର୍ଣ୍ଣ ତଥା ଅସୁରକ୍ଷିତ ଅବସ୍ଥାରେ ପଡ଼ି ରହିଛି । ପାନୀୟ ଜଳ ଯୋଗାଣ ମଧ୍ୟ ବନ୍ଦ ହୋଇ ଯାଇଛି । ଏହି ପ୍ରାଇମେରୀ ହେଲ୍ଥ ସେଂଟରରେ ଜଣେ ଏ ଏନ୍ ଏମ୍ ରହି ରୋଗୀଙ୍କୁ ଆବଶ୍ୟକ ସ୍ଥଳେ ମେଡିସିନ ଦେଉଥିବା ଦେଖିବାକୁ ମିଳିଛି ।ଥଣ୍ଡା, କାଶ ରୋଗୀଙ୍କୁ ମେଡିସିନ ଦେଇ ଡାକ୍ତର ଖାନା ସମ୍ଭାଳୁ ଥିବା ଦେଖିବାକୁ ମିଳିଛି । ଏହି ଡାକ୍ତର ଖାନା ଉପରେ ବଳଦା, କାଳୀ ମାଟି, ସିଲ୍ ଯୋଡା, ଗୁରୁଡା, ତାଡ଼ପାଣି, କୁଣ୍ଡ ପୋଷି, ଚଡ଼କମରା, ବି ଅନପିଟ, ଠାକୁରାଣୀ ଆଦି ଅଞ୍ଚଳର ପ୍ରାୟ ୮ ହଜାର ରୁ ଉର୍ଦ୍ଧ୍ୱ ଲୋକ ନିର୍ଭର କରୁଥିଲେ । ମାତ୍ର ଡାକ୍ତରଖାନାର ଅବ୍ୟବସ୍ଥା ହେତୁ ଚିକିତ୍ସା ସୁବିଧା ପାଇ ପାରୁ ନ ଥିବା ଅଂଚଳର ମୁନା ମହାନ୍ତ, ଭୀଷ୍ମ ମହାକୁଡ, ମିତ୍ର ଭାନୁ ନାଏକ, ଅଜୟ ମୁଣ୍ଡା, ବାବଲୁ ମୁଣ୍ଡା ପ୍ରମୁଖ କହିଛନ୍ତି । ସ୍ୱାସ୍ଥ୍ୟ ସେବା ପାଇଁ ଲୋକେ ନାହିଁ ନଥିବା ଅସୁବିଧାର ସମ୍ମୁଖିନ ହେଉଥିବା ସେମାନେ ଅଭିଯୋଗ କରିଛନ୍ତି । ସୁଦୂର କାଳୀମାଟି କୁ ଚିକିତ୍ସା ପାଇଁ ଯାଉଥିବା ପ୍ରକାଶ କରିଛନ୍ତି । ଖଣି ଅଂଚଳରେ କୌଣସି ଦୁର୍ଘଟଣା ଘଟିଲେ ଗୁରୁତର ଶ୍ରମିକଙ୍କୁ ଆଶୁ ଚିକିତ୍ସା ମିଳୁ ନ ଥିବାରୁ ଯୋଡା ସ୍ଥିତ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଯିବାକୁ ପଡୁଛି । ମାତ୍ର ଟ୍ରାଫିକ ସମସ୍ୟା ହେତୁ ଅନେକ ସମୟରେ ରୋଗୀ ହନ୍ତସନ୍ତ ହେଉ ଥିବା ଅଭିଯୋଗ କରିଛନ୍ତି । ଏ ସମ୍ପର୍କରେ ଡାକ୍ତର ଖାନା ଦାୟିତ୍ୱରେ ଥିବା ଏ ଏନ୍ ଏମ୍ ସୁଷମା ସାହୁଙ୍କୁ ପଚାରିବାରୁ ସେ କହିଥିଲେ ଯେ, ଏଠାରେ ଡାକ୍ତର ନିଯୁକ୍ତ ଅଛନ୍ତି । ମାତ୍ର ସେ ବଡ଼ବିଲରୁ କାଁ ଭାଁ ଆସନ୍ତି । ଏଠାରେ ନର୍ସ, ଫାର୍ମାସିଷ୍ଟ ଓ ଅନ୍ୟ କର୍ମଚାରୀ ଅଭାବରୁ ଲୋକଙ୍କୁ ପୂର୍ଣ୍ଣ ଭାବେ ସ୍ୱାସ୍ଥ୍ୟ ସେବା ଯୋଗାଇ ଦିଆ ଯାଇ ପାରୁ ନାହିଁ । ଡାକ୍ତରଖାନାଟି ଅବ୍ୟବସ୍ଥାରେ ଚାଲିଛି । କେବଳ ସାମାନ୍ୟ ଜ୍ୱର, ଥଣ୍ଡା ହେଲେ ଲୋକଙ୍କୁ ସେ ଔଷଧ ଦେଉଥିବା କହିଥିଲେ । ଏ ନେଇ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଜଣାଇଥିଲେ ସୁଦ୍ଧା ବିଭାଗୀୟ ଦୃଷ୍ଟି ପଡୁ ନ ଥିବା ସେ କହିଥିଲେ ।

# ଚାରି ମନ୍ଦିରରୁ ସିରିଜ୍ ଚୋରି: ବି. ସିଂହପୁର ଅଂଚଳରେ ଚାପା ଉତ୍ତେଜନା

ଜୟପୁର, ୨୭/୦୫ (ନି.ପ୍ର): କୋରାପୁଟ ଜିଲ୍ଲା ବି ସିଂହପୁର ଥାନା ଅଂଚଳରୁ ସିରିଜ୍ ଚୋରି । ଗୋଟିଏ ରାତିରେ ଚାରି ମନ୍ଦିର ଲୁଟିଲେ ଦୃର୍ବୃତ । ପୁଣି ବି ସିଂହପୁର ପୋଲିସକୁ ଖୋଲା ଚାଲେଞ୍ଜ କଲେ ଚୋର ଦଳ । ଲକ୍ଷାଧିକ ଟଙ୍କାର ମନ୍ଦିର ସମ୍ପତି ସହିତ ରୂପା, ସୁନା ଅଳଙ୍କାର ସହିତ ହୁଣ୍ଡି ଭାଙ୍ଗି ନେବା ଘଟଣା ପଦାକୁ ଆସିବା ପରେ ଅଂଚଳରେ ଚାପା ଉତେଜନା ପ୍ରକାଶ ପାଇଛି ।

ଗତ ରାତିରେ ଗୋଟିଏ ପରେ ଗୋଟିଏ ଚାରିଟି ମନ୍ଦିରକୁ ଚୋରୀ ଘଟଣା ସମଗ୍ର ଅଂଚଳରେ ଚାପା ଉତେଜନା ସୃଷ୍ଟି କରିଛି । ଦୃର୍ବୃତମାନେ ବି ସିଂହପୁର ମା ସଙ୍କୁଲାଇ ମନ୍ଦିର, ଶିବ ମନ୍ଦିର, ମୁଣ୍ଡାଗୁଡ଼ା ଠାକୁରାଣୀ ମନ୍ଦିର ଓ ସେମଳାଗୁଡ଼ା ଠାକୁରାଣୀ ମନ୍ଦିରକୁ ଟାର୍ଗେଟ କରି ଲକ୍ଷାଧିକ ଟଙ୍କାର ସୁନା–ରୂପା ଅଳଙ୍କାର ସହ ହୁଣ୍ଡି ଟଙ୍କା ଲୁଟ୍ କରିଥିବା ଅଭିଯୋଗ ହୋଇଛି ।

ସୂଚନା ଅନୁଯାୟୀ, ମାଆଙ୍କ ମୂର୍ତି, ମାଆଙ୍କ ରୂପା ମୁକୁଟ, ହାର, ରୂପା ଆଖି ସହ ବହୁ ମୂଲ୍ୟବାନ ଅଳଙ୍କାର ଚୋରମାନେ ନେଇଯାଇଛନ୍ତି । ଘଟଣା ସକାଳେ ଜଣାପଡ଼ିବା ପରେ ମନ୍ଦିର କମିଟି ଓ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଭୟ ଓ ଅସନ୍ତୋଷ ପ୍ରକାଶ ପାଇଥିଲା । ପରେ ତିନିଟି ଗ୍ରାମର ମନ୍ଦିର କମିଟି ପକ୍ଷରୁ ବି ସିଂହପୁର ଥାନାରେ ଏତେଲା ଦାଖଲ କରାଯାଇଛି । ଏକାଧିକ ମନ୍ଦିରକୁ ଲଗାତାର ଟାର୍ଗେଟ କରାଯାଉଥିବାରୁ ସାଧାରଣ ଲୋକଙ୍କ ମନରେ ଅସନ୍ତୋଷ ବଢ଼ିବାରେ ଲାଗିଛି । ସ୍ଥାନୀୟ ବାସିନ୍ଦାମାନେ ଏହାକୁ ସନାତନ ଧର୍ମ ଉପରେ ଆକ୍ରମଣ ବୋଲି କହିଛନ୍ତି । କେତେକ ଲୋକ କଳାପାହାଡ଼ ଭଳି ମନ୍ଦିର ଆକ୍ରମଣର ଇତିହାସକୁ ମନେ ପକାଇ ଦୋଷୀଙ୍କୁ ତୁରନ୍ତ ଗିରଫ କରିବାକୁ ଦାବି କରିଛନ୍ତି । କୁମୁଲି ଓ କୋଟପାଡ଼ ମନ୍ଦିରରୁ ଚୋରି ପରେ ଏବେ ପୁଣି ଆଉ ୪ଟି ମନ୍ଦିରରୁ ଚୋରି ହୋଇଛି। ଏହି ଚୋରି ଘଟଣାରେ ଜଡିତ ଚୋର ଦଳଙ୍କୁ ବିସିଂହପୁର ପୋଲିସ ତୁରନ୍ତ କାବୁ ନକଲେ ଆଗାମୀ ଦିନରେ ଅଂଚଳ ସନାତନି ଏକତ୍ରିତ ହୋଇ ଆନ୍ଦୋଳନକୁ ଓହ୍ଲାଇବେ ବୋଲି କଡା ପ୍ରତିକ୍ରିୟା ଦେଇଛନ୍ତି ଅଂଚଳବାସୀ । ତେବେ ବିସିଂହପୁର ଅଂଚଳରେ କେତେବେଳେ ମନ୍ଦିର ତ ଆଉ କେତେବେଳେ ଘରେ କଳା କନା ବୁଲାଇ ପୋଲିସକୁ ଚେଲେଞ୍ଜ ଦେଉଛନ୍ତି ଦୁର୍ବୃତ। ଏମାନଙ୍କୁ ପୋଲିସ କେମିତି ଚେକ୍ ମେଟ୍ ଦେବ ଓ ଅଂଚଳରେ ଆଇନ ଶୃଙ୍ଖଳା ନିୟନ୍ତ୍ରଣ କରିବ ତାହାରି ଉପରେ ସମସ୍ତଙ୍କ ନଜର ରହିଥିବା ଲକ୍ଷ୍ୟ କରାଯାଇଛି ।

# ଦାଦନ ଖଟିବାକୁ ଯାଇ ଚାରି ବର୍ଷ ହେବ ଘର ମୁଖିଆ ନିଖୋଜ: କଅଁଳ କାନ୍ଧରେ ଏବେ ପରିବାରର ବୋଝ

ଜୟପୁର, ୨୭/୦୫ (ନି.ପ୍ର): କୋରାପୁଟ ଜିଲ୍ଲାରେ ପୁଣି ସାମ୍ନାକୁ ଆସିଛି ଦାଦନ ଦୁଃଖ । ପରିବାର ଚଳାଇବା ପାଇଁ ବାହାର ରାଜ୍ୟକୁ କାମ କରିବାକୁ ଗଲେ ବାପା । ଉଦ୍ଦେଶ୍ୟ ଥିଲା ଦୁଇ ପଇସା ରୋଜଗାର କରି ଆଣିବେ ପରିବାରର ଦୁଃଖ ଦୂର କରିବେ କିନ୍ତୁ ଦାଦନ ଯାଇ ଚାରି ବର୍ଷ ହେବ ନିଖୋଜ ଅଛନ୍ତି ଘରର ମୁଖିଆ । ସେପଟେ ପୁଅ ପେଟ ପାଇଁ ପାଠ ଛାଡିଛି, କୁଲି କାମ କରି ପରିବାର ଚଳାଉଛି । ଏଭଳି ଘଟଣା କୋରାପୁଟ ଜିଲ୍ଲା କୁନ୍ଦୁରା ବ୍ଲକ ବାଗଦିରୀର ନିଖୋଜ ଦୁର୍ଯୋଧନଙ୍କ ପରିବାର ନିକଟରେ ଦେଖିବାକୁ ମିଳିଛି । କୁନ୍ଦୁରା ବ୍ଲକ ବାଗଦିରୀ ଗାଁ ର ଦୁର୍ଯୋଧନ ପାଇକ ଜଣେ କୁଲି ମଜୁରିଆ । ସେ କଷ୍ଟେ ମଷ୍ଟେ ନିଜ ପରିବାର ଚଳାଉ ଥିଲେ । ହେଲେ ଗରିବ ଶ୍ରେଣୀର ହେତୁ ତାଙ୍କର ଆର୍ଥିକ ଅନଟନ ଲାଗିରହିଥିଲା । ଦୁଇ ପଇସା ଅଧିକ ରୋଜରାଗ କରିବେ ଆଉ ପରିବାରର ଦୁଃଖ ଦୂର କରିବେ,ଏହି ଆଶା ନେଇ ଦୁର୍ଯୋଧନ ଚାରି ବର୍ଷ ତଳେ ଦାଦନ ଖଟିବାକୁ ହାଇଦ୍ରାବାଦ ଯାଇଥିଲେ। ହେଲେ ସେ ଏ ଯାଏଁ ଘରକୁ ଫେରିଲେ ନାହିଁ। ତାଙ୍କ ସହ ପରିବାର ଲୋକଙ୍କ ଯୋଗାଯୋଗ ନାହିଁ । ତେଣୁ ଚିନ୍ତାରେ ପଡ଼ି ଯାଇଛନ୍ତି ଦୁର୍ଯୋଧନଙ୍କ ପରିବାର ପୁଅ ମିଥୁନ, ଝିଅ ବରୁଣୀ ପାଇକ ଓ ସ୍ତ୍ରୀ ପଦ୍ମା ପାଇକ । ଚାରି ବର୍ଷ ହେବ ଅସହାୟ ଅବସ୍ଥାରେ କେବଳ ସ୍ୱାମୀଙ୍କ ଫଟୋକୁ ଧରି ଗାଁର ଫେରିବା ରାସ୍ତାକୁ ଅନାଇ ବସିଛନ୍ତି ସ୍ତ୍ରୀ । ସେପଟେ ପେଟ ପାଇଁ ପାଠ ଛାଡିଲେ ପୁଅ ମିଥୁନ ପାଇକ । ଏବେ କଅଁଳ କାନ୍ଧରେ ପରିବାରର ବୋଝ, ଘରର ଆର୍ଥିକ ସମସ୍ୟା ପାରିବାରିକ ଦାୟିତ୍ୱ ବଢିଗଲା । ମାଆ ଓ ଭଉଣୀଙ୍କୁ ନେଇ କୁଲି ବୃତି କରି ବଡ଼ କଷ୍ଟରେ ପରିବାର ଚଳାଉଛନ୍ତି ମିଥୁନ । ଏଣୁ ସରକାରୀ ସହାୟତା ପାଇଁ ପ୍ରଶାସନକୁ ନିବେଦନ କରିଛନ୍ତି ପରିବାର ଲୋକେ । ଦୁର୍ଯୋଧନ ପାଇକ ୨୦୨୩ ମସିହାରେ ଗାଁର କିଛି ଲୋକଙ୍କ ସହିତ ହାଇଦ୍ରାବାଦ ଦାଦନ ଖଟିବା ପାଇଁ ଯାଇଥିଲେ । ହେଲେ ସାଥିରେ ଯାଇଥିବା ଗାଁ ଲୋକେ ଘରକୁ ଫେରିଲେ କିନ୍ତୁ ଚାରି ବର୍ଷ ବିତିଲାଣି ଦୁର୍ଯୋଧନ ପାଇକ ଆଉ ଫେରି ନାହାନ୍ତି ।

# ଓଡିଶା ସିଭିଲ ସର୍ଭିସରେ ଜୟପୁରର ଯୁବକ ସନ୍ତୋଷଙ୍କୁ ୨୨ ତମ ରେଙ୍କ୍

ଜୟପୁର , ୨୭/୦୫ (ନି.ପ୍ର): କୋରାପୁଟ ଜିଲ୍ଲା ଜୟପୁର ସହରର ଜୟନଗର ଅଂଚଳର ଯୁବକ ସନ୍ତୋଷ କୁମାରା ପଣ୍ଡା ଚଳିତ ବର୍ଷ ଓଡିଶା ସିଭିଲ ସର୍ଭିସ ପରୀକ୍ଷାରେ ରାଜ୍ୟର ୨୨ ତମ ରେଙ୍କ ଶ୍ରେଷ୍ଠତା ପ୍ରମାଣିତ କରିଛନ୍ତି । ଏହିପରି ବର୍ତମାନ ସେ ରାଜନୈତିକ ବିଜ୍ଞାନରେ ସ୍ନାତକତୋର କରିବା ପରେ ହାଇଦ୍ରାବଦ ସ୍ଥିତ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ଠାରେ ପି.ଏଚଡି କରୁଛନ୍ତି । ଗତଥର ଶ୍ରୀ ପଣ୍ଡା ଲିଖିତ ପରୀକ୍ଷାରେ କୃତକାର୍ଯ୍ୟ ହୋଇଥିଲେ ସୁଦ୍ଧା ସାକ୍ଷାତକାର ପରୀକ୍ଷାରେ ଅକୃତକାର୍ଯ୍ୟ ହୋଇନ ଥିଲେ । ଏହାପରେ ଦୈନିକ ୪ରୁ ୫ ଘଂଟା ପରିଶ୍ରମ କରିବା ସହିତ ଦ୍ୱିତୀୟ ଥର ପାଇଁ ଚଳିତବର୍ଷ ଚେଷ୍ଟା କରିଥିଲେ ଏବଂ ସଫଳତା ପାଇଥିଲେ । ଏହିପରି ଆଗାମୀ ଦିନରେ ସେ ଓଡିଶା ପ୍ରଶାସନିକ ସେବାରେ କାର୍ଯରେ ଯୋଗଦେବେ ଏବଂ ଆଗାମୀ ଦିନରେ କିଛି କାର୍ଯ୍ୟପନ୍ଥା ସ୍ଥିର କରିନଥିବା ବେଳେ କିନ୍ତୁ ତାଙ୍କର ପି.ଏଚଡି ପାଠ୍ୟକ୍ରମ ଜାରୀ ରଖିବେ ବୋଲି ହାଇଦ୍ରାବାଦ ଫୋନ ମାଧ୍ୟମରେ କୃତକାର୍ଯ୍ୟ ହୋଇଥିବା ଯୁବକ ଶ୍ରୀ ପଣ୍ଡା ପ୍ରକାଶ କରିଛନ୍ତି ।

# ଜିଲ୍ଲା ଶିକ୍ଷା ଅଧିକାରୀଙ୍କ ସହ ପ୍ରାଥମିକ ଶିକ୍ଷକ ସଂଘର ପଦୋନ୍ନତି ନେଇ ଆଲୋଚନା

ଖୋରଧା , ୨୭/୫ (ନି.ପ୍ର): ଦୀର୍ଘ ୪ବର୍ଷ ପରେ ପ୍ରାଥମିକ ଶିକ୍ଷକଙ୍କର ପଦୋନ୍ନତି ପ୍ରସଙ୍ଗରେ ରାଜ୍ୟ ସରକାରଙ୍କର ବିଦ୍ୟାଳୟ ଗଣ ଶିକ୍ଷା ବିଭାଗ ପତ୍ରାଙ୍କ ନଂ- ୧୨୨୭୦ ତା ୧୩.୦୫.୨୦୨୬ ଓ ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶକଙ୍କ ପରିପତ୍ର ସଂଖ୍ୟା ୯୬୬୩ ତା- ୧୮.୦୫.୨୦୨୬ଙ୍କ ବିଧବଦ୍ଧ ଭାବେ ଜିଲ୍ଲା ଶିକ୍ଷା ଅଧିକାରୀଙ୍କ ପାଖକୁ ନିର୍ଦ୍ଦେଶ ଆସିବା ପରେ ଜିଲ୍ଲା ଶିକ୍ଷା ବିଭାଗ ଚଳଚଞ୍ଚଳ ହୋଇପଡ଼ିଛି । ଆଜି ପ୍ରଥମିକ ଶିକ୍ଷକ ସଂଘ, ଖୋରଧା ଜିଲ୍ଲା ସଭାପତି ଯୁଧିଷ୍ଠିର ସାହୁଙ୍କ ନେତୃତ୍ୱରେ ୧୦ଜଣିଆ ପ୍ରତିନିଧି ମଣ୍ଡଳୀ ଜିଲ୍ଲା ଶିକ୍ଷା ଅଧିକାରୀ ସୋନାମିକା ରାୟଙ୍କୁ ଭେଟି ପ୍ରାଥମିକ ଶିକ୍ଷକମାନଙ୍କର ପଦୋନ୍ନତି ସମ୍ପର୍କରେ ଆଲୋଚନା କରିଥଲେ । ପଦୋନ୍ନତି ପ୍ରସଙ୍ଗରେ ମାର୍ଚ୍ଚ ୩୧ ସୁଦ୍ଧା ସମ୍ପୂର୍ଣ ବିବରଣୀ ପ୍ରାଥମିକ ଶିକ୍ଷକମାନଙ୍କର ଜିଲ୍ଲା ଶିକ୍ଷା ବିଭାଗ ୧୦ଟି ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟରୁ ସଂଗ୍ରହ କରାଯାଇଛି । କାର୍ଯ୍ୟକ୍ରମ ତ୍ୱରାନ୍ୱିତ ସହ ଖୁବ ଶୀଘ୍ର ପ୍ରୋଭିଜନାଲ ଗ୍ରେଡ଼େସନ ତାଲିକା ପ୍ରକାଶ ପାଇବ ଏବଂ ପରେ ପୂର୍ଣାଙ୍ଗ ରିପୋର୍ଟ ସାର୍ବଜନୀନ କରାଯିବ । ଆଇନ ମୁତାବକ, ନିର୍ଭୁଲ ତଥ୍ୟ ସହ କାର୍ଯ୍ୟକ୍ରମ କରାଯିବ ବୋଲି ଜିଲ୍ଲା ଶିକ୍ଷା ଅଧିକାରୀ ପ୍ରତିଶ୍ରୁତି ଦେଇଥିଲେ । ଆଲୋଚନା ସମୟରେ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ରଶ୍ମିବାଳା ପରିଡ଼ା ଉପସ୍ଥିତ ଥିଲେ । ଅନ୍ୟମାନଙ୍କ ମଧ୍ୟରେ ବିରଷ୍ଠ ଶିକ୍ଷକ ଅକ୍ଷୟ କୁମାର ମଲ୍ଲିକ, ଜିଲ୍ଲା ସମ୍ପାଦକ ଜିତ ରଂଜନ ମହାପାତ୍ର, ସମୀର ସେଠୀ, ସନ୍ତୋଷ କୁମାର ବେହେରା, ଖୋର୍ଦ୍ଧା ବ୍ଲକ ସମ୍ପାଦକ ଅମୀୟ କୁମାର ପରିଡ଼ା ପ୍ରମୁଖ ଉପସ୍ଥିତ ଥିଲେ ।

# କ୍ରସର କୁଆରୀରେ ବିଦ୍ୟୁତ୍ ଆଘାତ ପାଇ ଶ୍ରମିକ ମୃତ

ସମ୍ବଲପୁର, ୨୭/୫ (ନି.ପ୍ର): ସମ୍ବଲପୁର ଜିଲ୍ଲା ଚାରମାଳ ଥାନା ଅନ୍ତର୍ଗତ ହେଲେଇ କ୍ରସରରେ କୁଆରୀରେ ହଠାତ୍ ବିଦ୍ୟୁତ୍ ପ୍ରବାହ ହେବାରୁ ଆଜି ସକାଳେ ଜଣେ ଶ୍ରମିକଙ୍କ ଶୋଚନୀୟ ମୃତ୍ୟୁ ଘଟିଥିବା ଅଭିଯୋଗ ହୋଇଛି । ସୂଚନାନୁଯାୟୀ ଅନୁଗୋଳ ଜିଲ୍ଲା କିଶନ ନଗର ଥାନା ଅନ୍ତର୍ଗତ ଟେଣ୍ଟାଲପାଲି ଗ୍ରାମର ସୈମ୍ୟ ରଞ୍ଜନ ନାୟକ ନାମକ ଜନୈକ ଶ୍ରମିକ ଏହି କ୍ରମରେ କାମ କରୁଥିଲା। ଆଜି ସକାଳେ ଶୈଚ ହେବାକୁ ଉକ୍ତ କୁଆରୀକୁ ଯାଇଥିବା ବେଳେ ଶକ୍ତ ବିଦ୍ୟୁତ୍ ଆଘାତ ପାଇ ଘଟଣାସ୍ଥଳରେ ହିଁ ମୃତ୍ୟୁ ବରଣ କରିଥିବା ଅଭିଯୋଗ ହୋଇଛି। ଏହି ବେଆଇନ କ୍ରସର ବିରୋଧରେ କାର୍ଯ୍ୟାନୁଷ୍ଠାନ ଓ ମୃତକଙ୍କ ପରିବାରକୁ କ୍ଷତିପୂରଣ ଦାବି କରି ସ୍ଥାନୀୟ ଅଞ୍ଚଳର ଲୋକମାନେ ଦୀର୍ଘ ସମୟ ଧରି ଉତ୍ତେଜନା ପ୍ରକାଶ କରିଥିଲେ ।

# ବାଲୁକାଶିଳ୍ପୀ ଓ ଆନ୍ତର୍ଜାତୀୟ ରଗବୀ ଖେଳାଳିଙ୍କୁ ସମ୍ବର୍ଦ୍ଧନା



ବାରିପଦା, ୨୭/୫ (ନି.ପ୍ର): ଜିଲ୍ଲା ପ୍ରଶାସନ ମୟୂରଭଞ୍ଜ ପକ୍ଷରୁ ଜିଲ୍ଲାର କୃତୀ ବାଲୁକାଶିଳ୍ପୀ ଶ୍ରୀ ଦଶରଥ ମହାନ୍ତ ଏବଂ ଆନ୍ତର୍ଜାତୀୟ ମହିଳା ରଗବୀ ଖେଳାଳି ପାର୍ବତୀ ହାଁସଦା ଓ ଆରତୀ ମୁର୍ମୁଙ୍କୁ ସେମାନଙ୍କ ଉଲ୍ଲେଖନୀୟ ସଫଳତା ପାଇଁ ଏକ ସମ୍ବର୍ଦ୍ଧନା ସଭାରେ ସମ୍ମାନିତ କରାଯାଇଥିଲା । ଜିଲ୍ଲାର କଳା ଓ କ୍ରୀଡା କ୍ଷେତ୍ରରେ ଜାତୀୟ ଏବଂ ଆନ୍ତର୍ଜାତୀୟ ସ୍ତରରେ ଗୌରବ ଆଣିଥିବାରୁ ଜିଲ୍ଲା ପ୍ରଶାସନ ପକ୍ଷରୁ ସେମାନଙ୍କୁ ଏହି ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା । କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ଦୁଃଖବନ୍ଧୁ ନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇ କୃତୀ ପ୍ରତିଭାମାନଙ୍କୁ ଉତ୍ତରୀୟ ଓ ବୃକ୍ଷଚାରା ପ୍ରଦାନ କରି ସମ୍ମାନିତ କରିଥିଲେ । ସେ ନିଜ ଅଭିଭାଷଣରେ କହିଥିଲେ ଯେ, ମୟୂରଭଞ୍ଜର ପ୍ରତିଭାମାନେ ନିଜ ଦକ୍ଷତା ଓ ପରିଶ୍ରମ ବଳରେ ରାଜ୍ୟ ଏବଂ ଦେଶ ପାଇଁ ଗୌରବ ଆଣୁଛନ୍ତି । ସେମାନଙ୍କ ସଫଳତା ଜିଲ୍ଲାର ଯୁବପିଢୀଙ୍କୁ କ୍ରୀଡା ଓ ସୃଜନଶୀଳ କ୍ଷେତ୍ରରେ ଆଗକୁ ବଢିବା ପାଇଁ ପ୍ରେରଣା ଯୋଗାଇବ ବୋଲି ସେ କହିଥିଲେ । ଆନ୍ତର୍ଜାତୀୟ ବାଲୁକାଶିଳ୍ପୀ ଶ୍ରୀ ଦଶରଥ ମହାନ୍ତଙ୍କୁ ମୟୂରଭଞ୍ଜର ଐତିହାସିକ ଚୈତ୍ର ପର୍ବ ଅବସରରେ ପ୍ରସ୍ତୁତ କରିଥିବା ବିଶାଳ ବାଲୁକା କଳା ଏସିଆ ବୁକ୍ ଅଫ ରେକର୍ଡସ୍ ରେ ସ୍ଥାନ ପାଇ ଜିଲ୍ଲାକୁ ଆନ୍ତର୍ଜାତୀୟ ସ୍ତରରେ ସ୍ୱତନ୍ତ୍ର ପରିଚୟ ଦେଇଥିବାରୁ ସମ୍ବର୍ଦ୍ଧିତ କରାଯାଇଥିଲା । ସୂଚନାଯୋଗ୍ୟ, ପ୍ରାୟ ଆଠ ଲକ୍ଷ କିଲୋ ବାଲି ବ୍ୟବହାର କରି ୫୦ ଫୁଟ୍ ଓସାର ଓ ୨୦ ଫୁଟ୍ ଉଚ୍ଚତାର ଏହି ଆକର୍ଷଣୀୟ ବାଲୁକା ଶିଳ୍ପ କରି ମୟୁରଭଞ୍ଜର ଲୋକକଳା, ପରମ୍ପରା ଓ ସାଂସ୍କୃତିକ ଇତିହାସକୁ ସୁନ୍ଦର ଭାବରେ ସ୍ଥାନିତ କରିଥିଲେ । ସେହିପରି ଭାରତୀୟ ମହିଳା ରଗବୀ ଦଳର ଅଧିନାୟିକ ପାର୍ବତୀ ହାଁସଦା ଏବଂ ଆନ୍ତର୍ଜାତୀୟ ରଗବୀ ଖେଳାଳି ଆରତୀ ମୁର୍ମୁଙ୍କୁ ଆନ୍ତର୍ଜାତୀୟ ମହିଳା ରଗବୀ ପ୍ରତିଯୋଗିତାରେ ଭାରତୀୟ ଦଳ ପକ୍ଷରୁ ସଫଳ ପ୍ରତିନିଧିତ୍ୱ କରି ଦେଶ, ରାଜ୍ୟ ଓ ଜିଲ୍ଲା ପାଇଁ ଗୌରବ ଆଣିଥିବାରୁ ସମ୍ମାନିତ କରାଯାଇଥିଲା । କାର୍ଯ୍ୟକ୍ରମରେ ଜିଲ୍ଲା ଲୋକସମ୍ପର୍କ ଅଧିକାରୀ ଶ୍ରୀ ଶିଶିର କୁମାର ମୁନ୍ଦୁୟା ଓ ଜିଲ୍ଲା କ୍ରୀଡା ଅଧିକାରୀ ତଥା ସଂସ୍କୃତି ଅଧିକାରୀ ଡଃ ଶୁଭାଶିଷ ନାୟକ ଉପସ୍ଥିତ ଥିଲେ ।

# ୯୦ ବର୍ଷ ବୟସର ବିଧବା ମା'ଙ୍କୁ ମିଳୁଛି ଏକ ହଜାର ଟଙ୍କା ଭତ୍ତା



ଉଦଳା, ୨୭/୫ (ନି.ପ୍ର): କପ୍ତିପଦା ବ୍ଲକର କୋଳିଅଳମ ପଂଚାୟତ ଅନ୍ତର୍ଗତ କୋଳିଅଳମ ଗ୍ରାମରେ ବସବାସ କରୁଥିବା ସ୍ୱର୍ଗତଃ ଶୋଭା ପାତ୍ରଙ୍କର ସହଧର୍ମିଣି ଶ୍ରୀମତୀ ପାତ୍ର ଚଳିତ ବର୍ଷ ୯୦ବର୍ଷ ବୟସରେ ପଦାର୍ପଣ କଲେ । ଚାଲିବାକୁ ଦେହରେ ବଳ ନଥିବା ବେଳେ ବାର୍ଦ୍ଧକ୍ୟ ଜନିତ ବିଭିନ୍ନ ସମସ୍ୟା ତାଙ୍କଠାରେ ଦେଖିବାକୁ ମିଳୁଛି । ଏତିକି ବେଳେ ସାମାଜିକ ସୁରକ୍ଷା ଯୋଜନାରେ ତାଙ୍କୁ ମାତ୍ର ଏକ ହଜାର ଟଙ୍କା ଭତା ପ୍ରଦାନ କରାଯାଉଛି । ୮୦ବର୍ଷ ବୟସରୁ ଉର୍ଦ୍ଧ ସମସ୍ତ ବ୍ୟକ୍ତିଙ୍କୁ ମାସିକ ତିନି ହଜାର ପାଂଚଶହ ଟଙ୍କା ଭତା ପ୍ରଦାନ କରାଯାଉଛି ବୋଲି ସରକାର ଘୋଷଣା କରିଛନ୍ତି । କିନ୍ତୁ ବିଧବା ମା' ଶ୍ରୀମତୀ ପାତ୍ର ଏଥିରୁ କାହିଁକି ବଂଚିତ ଅଛନ୍ତି ବୋଲି ଅନେକ ପ୍ରଶ୍ନ କରିଛନ୍ତି । ଏ ବାବଦରେ ପଂଚାୟତ କାର୍ଯ୍ୟାଳୟ ଓ ବ୍ଲକ କାର୍ଯ୍ୟାଳୟରେ ବାରମ୍ବାର ଗୁହାରି ଜଣାଇଥିଲେ ମଧ କେହି କର୍ଣ୍ଣପାତ କରୁନଥିବାର ଶ୍ରୀମତୀ ଅଭିଯୋଗ କରିଛନ୍ତି । ଜିଲ୍ଲା ପ୍ରଶାସନ ଏଥିପ୍ରତି ତୁରନ୍ତ ଦୃଷ୍ଟି ଦେବାକୁ ବିଭିନ୍ନ ମହଲରେ ଦାବି ହେଉଛି ।

# ଆକ୍ରମଣ ମାମଲାରେ ବାଲି ମାଫିଆ ଚନ୍ଦନ ବାସ୍କେ ଗିରଫ: ଜାମିନ ମିଳିବା ପରେ ପୁଣି ବାନ୍ଧିଲା ଜଳେଶ୍ୱର ପୁଲିସ

ଜଳେଶ୍ୱର, ୨୭/୫ (ନି.ପ୍ର): ସୁବର୍ଣ୍ଣରେଖା ନଦୀରୁ ବେଆଇନ ବାଲି ଚୋରାଚାଲାଣ ଏବଂ ସମାଜସେବୀଙ୍କୁ ଆକ୍ରମଣ ମାମଲାରେ ମୁଖ୍ୟ ଅଭିଯୁକ୍ତ ତଥା ବାଲି ମାଫିଆ କିଙ୍ଗପିନ୍ ଚନ୍ଦନ ବାସ୍କେକୁ ଗିରଫ କରିଛି ଜଳେଶ୍ୱର ଥାନା ପୁଲିସ। କୋର୍ଟରୁ ଅନ୍ତରୀଣ ଜାମିନ ପାଇ ଘରକୁ ଫେରୁଥିବା ବେଳେ ପୁଲିସ ତାକୁ ପୁଣି ଥରେ ଗିରଫ କରିଥିବା ସୂଚନା ମିଳିଛି। ସୂଚନା ଅନୁଯାୟୀ,ସେଖସରାଇ ଗ୍ରାମର ଚନ୍ଦନ ବାସ୍କେ ଓ ତାର ସହଯୋଗୀମାନେ ଦୀର୍ଘ ଦିନ ହେବ ସୁବର୍ଣ୍ଣରେଖା ନଦୀରୁ ଜବରଦସ୍ତ ବାଲି ଉତ୍ତୋଳନ କରୁଥିଲେ।ଗତ ଏପ୍ରିଲ ୧୭ ତାରିଖରେ କନିଷ୍ଠ ଖଣି ଅଧିକାରୀ ଏବଂ ଜିଲ୍ଲା ଖଣି ଅଧିକାରୀଙ୍କୁ ଚଢ଼ାଉ ସମୟରେ ଧମକଚମକ ଦେବା ସହ ଘଟଣାସ୍ଥଳକୁ ଯିବାକୁ ନ ଦେବା ଅଭିଯୋଗରେ ଜଳେଶ୍ୱର ଥାନାରେ ଏକ ମାମଲା ରୁଜୁ ହୋଇଥିଲା।ଏହି ମାମଲାରେ ଚନ୍ଦନ ସହିତ ସାଗର ବାସ୍କେ,ତପନ ବାସ୍କେ, ଅଶୋକ ପଲାଇ,ପ୍ରଶାନ୍ତ ପଲାଇ, ସୁବୋଧ ବେହେରା,ସରୋଜ ସାହୁ ଓ ଅଭିଷେକ ଦେଙ୍କ ବିରୋଧରେ ଅଭିଯୋଗ ହୋଇଥିଲା।ଗତ ୧୮ ତାରିଖରେ ପୁଲିସ ଚନ୍ଦନକୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ତେବେ ଏହି ବେଆଇନ ବାଲି ଉତ୍ତୋଳନକୁ ବିରୋଧ କରୁଥିବା ସ୍ଥାନୀୟ ସମାଜସେବୀ ହରିପଦ ମାନ୍ନାଙ୍କୁ ଦେଢ଼ ମାସ ତଳେ ଭୁଜାଲିରେ ପ୍ରାଣାନ୍ତକ ଆକ୍ରମଣ କରାଯାଇଥିଲା।ଏହି ଘଟଣାରେ ପୂର୍ବରୁ ମଦନ ମୋହନ ସାହୁ ନାମକ ଜଣେ ଅଭିଯୁକ୍ତ କୋର୍ଟ ଚାଲାଣ ହୋଇ ସାରିଥିବା ବେଳେ ଚନ୍ଦନ ମଧ ଏଥିରେ ସାମିଲ ଥିଲା। ଚୋରାବାଲି ଚାଲାଣ ମାମଲାରେ ଚନ୍ଦନ କୋର୍ଟରୁ ଅନ୍ତରୀଣ ଜାମିନ ପାଇ ଘରକୁ ଫେରୁଥିବା ବେଳେ ଜଳେଶ୍ୱର ପୁଲିସ ତତ୍ପରତା ପ୍ରକାଶ କରି ସମାଜସେବୀଙ୍କୁ ଆକ୍ରମଣ କରିବା ମାମଲାରେ ତାକୁ ପୁଣି ଗିରଫ କରିଛି।ଏହି ଘଟଣାର ମୁଖ୍ୟ ସୂତ୍ରଧର ବା କିଙ୍ଗପିନ୍ ଚନ୍ଦନକୁ ଗିରଫ କରାଯାଇଥିବା ନେଇ ଜଳେଶ୍ୱର ଥାନା ଏସ୍.ଆଇ.ଚିରଞ୍ଜିବ ରାଉତ ସୂଚନା ଦେଇଛନ୍ତି। ପୁଲିସ ଏହି ଘଟଣାରେ ସାମିଲ ଥିବା ଅନ୍ୟ ଅଭିଯୁକ୍ତ ମାନଙ୍କୁ ଧରିବା ପାଇଁ ତଦନ୍ତ ଜାରି ରଖିଛି।

# ସମନ୍ୱିତ ବହୁମୁଖୀ ପ୍ରକଳ୍ପ ପୂର୍ବ ନିର୍ଦ୍ଧାରିତ ସ୍ଥାନ ଦହପଡ଼ାରେ ତୁରନ୍ତ ନିର୍ମାଣ ପାଇଁ ଜିଲ୍ଲାପାଳଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କୁ ଆବେଦନ ପତ୍ର




ବାଲେଶ୍ୱର, ୨୭/୫ (ନି.ପ୍ର): ବାଲେଶ୍ୱରରେ ମଞ୍ଜୁରୀପ୍ରାପ୍ତ ସମନ୍ୱିତ ବହୁମୁଖୀ ପ୍ରକଳ୍ପ (ଓଓଡ) ନିର୍ମାଣ ପାଇଁ ରାଜ୍ୟସରକାରଙ୍କ ନିର୍ଦ୍ଦେଶମତେ ରେମୁଣା ତହସିଲ ଅଧିନ ଦହପଡ଼ା ମୌଜାର ଖାତା ନଂ ୧୪୫, ପ୍ଲଟ୍ ନଂ ୩୪୮/୯୭୦, ଜମିର ପରିମାଣ ୯ ଏକର ଏବଂ ପ୍ଲଟ ନଂ-୩୮୭/୯୭୧, ଜମିର ପରିମାଣ ୧୧ ଏକର; ମୋଟ ୨୦ଏକର ପରିମିତ ପରିମାଣର ଜମିକୁ ବାଲେଶ୍ୱର ସବ୍‌ଡିଭିଜନ୍‌ସ୍ତରୀୟ ଉଚ୍ଚ କ୍ଷମତାସମ୍ପନ୍ନ କମିଟି ତା ୨୦-୦୬-୨୦୧୯ ରିଖରେ ଉପଯୁକ୍ତ ବୋଲି ଦର୍ଶାଇବା ପରେ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ନାମରେ ଗତ ୨୦୧୯ ମସିହାରେ ପଟ୍ଟା ପ୍ରଦାନ କରାଯାଇଥିଲା । ଜିଲ୍ଲାପାଳଙ୍କ ପତ୍ରସଂଖ୍ୟା ୧୧୯୭, ତା ୦୫-୦୮-୨୦୨୦ରେ ରେମୁଣା ତହସିଲଦାରଙ୍କୁ ଜମିର ସୀମା ନିର୍ଦ୍ଧାରଣ ଓ ହସ୍ତାନ୍ତରଣ ନିମନ୍ତେ ଏବଂ ଇଡ୍‌କୋ, ବାଲେଶ୍ୱର ଡିଭିଜନ୍‌ର ମୁଖ୍ୟଙ୍କୁ ଜମିର ଅସ୍ୱୀକାର ଦେବାପାଇଁ କୁହାଯାଇଥିଲା । ସାମାଜିକ ସୁରକ୍ଷା ଓ ସଶକ୍ତିକରଣ ବିଭାଗର ପତ୍ରସଂଖ୍ୟା ୬୮୧୦ ତା ୩୦-୦୯-୨୦୨୦ରିଖରେ ଜିଲ୍ଲା ଖଣି ପାଣ୍ଠି ଉପଯୋଗ କରି ଏହି ପ୍ରକଳ୍ପ ନିର୍ମାଣ କରିବାକୁ ବାଲେଶ୍ୱର ଜିଲ୍ଲାପାଳଙ୍କୁ କୁହାଯାଇଥିଲା। ଜିଲ୍ଲାପାଳ ତାଙ୍କର ୧୫୮୦ ତା ୨୦-୧୧-୨୦୨୦ ରିଖ ପତ୍ରରେ ଉକ୍ତ ପାଣ୍ଠିରେ ଆବଶ୍ୟକୀୟ ଅର୍ଥ ନଥିବାରୁ ପ୍ରକଳ୍ପ ନିର୍ମାଣ ନିମନ୍ତେ ଅର୍ଥପ୍ରଦାନ କରିବାକୁ ଅନୁରୋଧ କରିଥିଲେ। ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀଙ୍କ ପତ୍ରସଂଖ୍ୟା ୧୦୪, ତା ୧୩-୧୦-୨୦୨୧ ରିଖରେ ଏହି ପ୍ରକଳ୍ପ ନିମନ୍ତେ ବିଭାଗକୁ ଅର୍ଥ ମଞ୍ଜୁର କରିବା ସକାଶେ ଅନୁରୋଧ କରିବା ସହିତ ମେମୋ ନଂ- ୧୦୬ରେ କଲିକତାର 'ବ୍ରିଜ୍ ଏଣ୍ଡ୍ ରୁଫ୍ କମ୍ପାନୀ (ଇଣ୍ଡିଆ) ଲିମିଟେଡ୍'ର ମଣ୍ଡଳ ମୁଖ୍ୟଙ୍କୁ ଏ ସମ୍ବନ୍ଧରେ ଆବଶ୍ୟକୀୟ ପଦକ୍ଷେପ ନେବାକୁ ଅନୁରୋଧ କରିଥିଲେ । ପୁନଶ୍ଚ ଜିଲ୍ଲାପାଳ ମହୋଦୟ ପତ୍ରସଂଖ୍ୟା ୧୫୪୩ ତା ୦୯-୦୯- ୨୦୨୨ ରିଖରେ ରେମୁଣା ବ୍ଲକ୍‌ର ସମ୍ବଲପୁର ମୌଜାରେ ୧୨ ଏକର ୫୦ ଡିସିମିଲ୍ ଗୋଚର ଜମିକୁ ଏହି ପ୍ରକଳ୍ପପାଇଁ ଉପଯୁକ୍ତ ସ୍ଥାନ ବୋଲି ସ୍ଥିର କରାଯାଇଥିବା ଓ ସେହି ସ୍ଥାନରେ ପ୍ରକଳ୍ପ ନିର୍ମାଣ ପାଇଁ ଅର୍ଥ ମଞ୍ଜୁର କରିବାକୁ ବିଭାଗୀୟ ନିର୍ଦ୍ଦେଶକଙ୍କୁ ଅନୁରୋଧ କରିଥିଲେ। ଦହପଡ଼ାରେ ଉଚ୍ଚ କ୍ଷମତା ସମ୍ପନ୍ନ କମିଟି ପ୍ରକଳ୍ପ ନିମନ୍ତେ ସ୍ଥାନ ନିରୂପଣ କରିବା ପରେ ତାହା ସ୍ୱୀକାର କରାଯାଇ ବିଭାଗକୁ ଜମିର ପଟ୍ଟା ପ୍ରଦାନ, ରେମୁଣା ତହସିଲଦାରଙ୍କୁ ସୀମା ନିର୍ଦ୍ଧାରଣ କରି ଜମି ହସ୍ତାନ୍ତର କରିବା, ଇଡ୍‌କୋର ବାଲେଶ୍ୱର ମଣ୍ଡଳ ମୁଖ୍ୟଙ୍କୁ ଜମିର ଅଧିକାର ଗ୍ରହଣ କରିବା, ପ୍ରକଳ୍ପ ନିର୍ମାଣ ନିମନ୍ତେ ଜିଲ୍ଲା ଖଣି ପାଣ୍ଠିରୁ ଅର୍ଥ ବିନିଯୋଗ ପାଇଁ ଜିଲ୍ଲାପାଳଙ୍କୁ ନିର୍ଦ୍ଦେଶ ଦେବା, ଏହି ପାଣ୍ଠିରେ ଆବଶ୍ୟକୀୟ ଅର୍ଥ ନଥିବାରୁ ଅର୍ଥ ମଞ୍ଜୁର ପାଇଁ ଜିଲ୍ଲାପାଳ ଅନୁରୋଧ କରିବା, କଲିକତାର 'ବ୍ରିଜ୍ ଏଣ୍ଡ୍ ରୁଫ୍ କମ୍ପାନୀ (ଇଣ୍ଡିଆ) ଲିମିଟେଡ୍'ଙ୍କୁ ଆବଶ୍ୟକୀୟ ପଦକ୍ଷେପ ନିମନ୍ତେ ଅନୁରୋଧ କରିବା ପର୍ଯ୍ୟନ୍ତ ଉକ୍ତ ପ୍ରକଳ୍ପର ସ୍ଥାନ ଉପଯୁକ୍ତ ଥିବାବେଳେ କେଉଁ ଉଦ୍ଦେଶ୍ୟରେ ଓ କାହା ସ୍ୱାର୍ଥରେ ଦହପଡ଼ାସ୍ଥିତ ଜମି ଅନୁପଯୁକ୍ତ ଦର୍ଶାଇ ସମଲପୁରରେ ପ୍ରକଳ୍ପ ନିମନ୍ତେ ଆବଶ୍ୟକ ୨୫ ଏକର ପରିବର୍ତ୍ତେ ୧୨ଏକର ୫୦ ଡିସିମିଲ୍ ଜମି ଚୟନ କରିବା ଓ ପରବର୍ତ୍ତୀ ସମୟରେ ତାହାକୁ ମଧ ବିଚାରକୁ ନ ନିଆଯାଇ ନୀଳଗିରି ସବ୍‌ଡିଭିଜନ୍‌ର ନୀଳଗିରି ତହସିଲ୍ ଅନ୍ତର୍ଗତ ସଜନାଗଡ଼ ଆର.ଆଇ. ସର୍କଲ୍‌ର ଜାମୁଡିହା ଗ୍ରାମରେ ପ୍ରକଳ୍ପ ପାଇଁ ଜିଲ୍ଲା ପ୍ରଶାସନଙ୍କ ନିଷ୍ପତ୍ତି ଉଦ୍ଦେଶ୍ୟ ପ୍ରଣୋଦିତ ମନେହୁଏ। ଦହପଡ଼ାସ୍ଥିତ ଉକ୍ତ ଜମିର ଅନତିଦୂରରେ ଏକ ସ୍ଥାନ ପାର୍କ ନିର୍ମାଣ ନିମନ୍ତେ ଚୟନ କରାଯାଇ ବାଉଣ୍ଡେରୀ ନିର୍ମାଣ ସହିତ ମାଟି ପୋତି ସ୍ଥାନଟିକୁ ସମତୁଲ କରାଯାଇପାରିଥିବା ବେଳେ ଏହି ପ୍ରକଳ୍ପ ପାଇଁ ସମାନ ପ୍ରକ୍ରିୟା କରାଗଲେ ପ୍ରକଳ୍ପଟି ହୋଇପାରନ୍ତା । ଦହପଡ଼ାର ନିର୍ଦ୍ଧାରିତ ସ୍ଥାନଟି ମୁଖ୍ୟରାସ୍ତା ପାର୍ଶ୍ୱରେ ଅବସ୍ଥିତ ଓ ଏହି ଜମିକୁ ଲାଗି ପ୍ରାଥମିକରୁ ଉଚ୍ଚବିଦ୍ୟାଳୟ, ଦହପଡ଼ା ପଞ୍ଚାୟତ ଅଫିସ୍ ଥିବାବେଳେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଓ ଫକୀରମୋହନ ମେଡିକାଲ୍ କଲେଜ୍ ୪/୫ କି.ମି. ମଧ୍ୟରେ ରହିଛି । ତେଣୁ ଅନ୍ତେବାସୀମାନଙ୍କର ଶିକ୍ଷା ଓ ସ୍ୱାସ୍ଥ୍ୟର ସମସ୍ତ ସୁବିଧା ଏହି ସ୍ଥାନରେ ଥିବାବେଳେ ପ୍ରସ୍ତାବିତ ପ୍ରକଳ୍ପର ସ୍ଥାନଟି ବାଲେଶ୍ୱରରୁ ୨୫/୩୦ କି.ମି. ଦୂର ଜଙ୍ଗଲିଆ ସ୍ଥାନ ସମ୍ପୂର୍ଣ ଅନୁପଯୁକ୍ତ ଅଟେ । ଏହା ଏକ ବହୁମୁଖୀ ପ୍ରକଳ୍ପ ହୋଇଥିବାରୁ ବରିଷ୍ଠ ନାଗରିକ, ଭିନ୍ନକ୍ଷମମାନଙ୍କ ସହିତ ଅନ୍ୟାନ୍ୟ ବର୍ଗର ହିତାଧିକାରୀମାନେ ଓ ସେମାନଙ୍କ ପରିବାର ଏପରି ଏକ ସ୍ଥାନରେ ପ୍ରକଳ୍ପ ହେଲେ ବହୁ ଅସୁବିଧାର ସମ୍ମୁଖୀନ ହେବେ । ଏହି ବହୁମୁଖୀ ଯୋଜନାକୁ ତୁରନ୍ତ କାର୍ଯ୍ୟକାରୀ କରିବାକୁ ଓ ନିର୍ମାଣ କାର୍ଯ୍ୟ ଆରମ୍ଭ କରିବାକୁ ବାଲେଶ୍ୱର ବରିଷ୍ଠ ନାଗରିକ ମଞ୍ଚ ପକ୍ଷରୁ ବାଲେଶ୍ୱର ଜିଲ୍ଲାପାଳ ମହୋଦୟଙ୍କୁ ବହୁବାର ଲିଖିତ ଓ ମୌଖିକ ଭାବେ ଅବଗତ କରାଯାଇଥିଲା । କିନ୍ତୁ ଗତ ତା ୨୩-୦୪-୨୦୨୬ ରିଖ ଦୈନିକ ସମ୍ବାଦପତ୍ର 'ପ୍ରମେୟ'ରେ 'ମିଳିଲାନି ଉପଯୁକ୍ତ ଜାଗା, ବନ୍ଦ ହେବ ଆଇ.ଆଇ.ସି. ପ୍ରକଳ୍ପ' ଶୀର୍ଷକରେ ପ୍ରକାଶିତ ସମ୍ବାଦ ବାଲେଶ୍ୱର ଜିଲ୍ଲାବାସୀଙ୍କୁ ବିସ୍ମିତ କରିଛି। କାରଣ ଏହି ସ୍ଥାନ ଉପଯୁକ୍ତ ନୁହେଁ ବୋଲି ତା୧୯-୦୩-୨୦୨୬ ରିଖରେ ବିଭାଗୀୟ ଅତିରିକ୍ତ ସଚିବ ଜିଲ୍ଲା ପ୍ରଶାସନକୁ ଜଣାଇଛନ୍ତି । ଅନେକ ଜିଲ୍ଲାରେ ଏହି ପ୍ରକଳ୍ପର ନିର୍ମାଣ କାର୍ଯ୍ୟ ସମାପ୍ତ ହୋଇ ଯୋଜନା କାର୍ଯ୍ୟକାରୀ ହେଲାଣି । କିନ୍ତୁ ଦୁର୍ଭାଗ୍ୟର ବିଷୟ ଯେ ଜିଲ୍ଲା ପ୍ରଶାସନର ଆନ୍ତରିକ ଇଚ୍ଛାର ଅଭାବରୁ ବିଭିନ୍ନ ଆଳରେ ଏହି ବହୁମୁଖୀ ଯୋଜନାକୁ କାର୍ଯ୍ୟକାରୀ କରାଯାଉନାହିଁ ବୋଲି ବାଲେଶ୍ୱରବାସୀ ହତାଶ ହୋଇଛନ୍ତି । ଉକ୍ତ ସମସ୍ୟା ସମ୍ପର୍କରେ ବାଲେଶ୍ୱର ଜିଲ୍ଲା ବରିଷ୍ଠ ନାଗରିକ ମଞ୍ଚ ପକ୍ଷରୁ ମାନ୍ୟବର ଲୋକପ୍ରିୟ ମୁଖ୍ୟମନ୍ତ୍ରୀଙ୍କ କୃପାଦୃଷ୍ଟି ଆକର୍ଷଣ କରିବା ପାଇଁ ମଞ୍ଚର ତା ୦୬-୦୫-୨୦୨୬ ରିଖ ବୈଠକରେ ନିଷ୍ପତ୍ତି ଗ୍ରହଣ କରାଯାଇଛି ।

# ରୂପସା ଷ୍ଟେସନ କଲୋନିରେ ମୁନି ସମାଜର ବ୍ରହ୍ମଯଜ୍ଞ



ରୂପସା , ୨୭/୫ (ନି.ପ୍ର): ରୂପସା ଷ୍ଟେସନ କଲୋନିସ୍ଥିତ ଆତ୍ମଜ୍ଞାନୀ ଯୋଗୀ ଭିକାରୀ ଚରଣ ମୁନିଜୀ- ଆତ୍ମଜ୍ଞାନୀ ଯୋଗ ଶିକ୍ଷୟତ୍ରୀ କଳ୍ପନା ମିସ୍ତ୍ରୀଙ୍କ ବାସଭବନରେ, ମୁନି ସମାଜର ବ୍ରହ୍ମଜ୍ଞାନ । ଏକ ସମୟରେ, ନୂତନ ଗୃହ ପ୍ରବେଶ, ସୁ ପୁତ୍ରବଧୂ ମୁନିମତୀ ମୋନାଲିସା ରଣାଙ୍କ ସିମନ୍ତୋୟନ,ମୁନି କୁମାରୀ ଦିବ୍ୟାକୃତୀଙ୍କର ବିଦ୍ୟାରମ୍ଭ ଏବଂ ମୁନି କୁମାର ତ୍ରୀଶାନଙ୍କର ଶୁଭ ଜନ୍ମଦିନ ପାଳନ,ମୁନି ସମାଜର ଜ୍ୟୋତି,ପ୍ରାନ୍ତୀୟ ପ୍ରଚାର ସଙ୍ଗଠନ ମନ୍ତ୍ରୀ,ଜିଲ୍ଲା ଅଧକ୍ଷ ବ୍ରହ୍ମଜ୍ଞାନୀ ଯୋଗାଚାର୍ଯ୍ୟ ଅନନ୍ତ ମୁନିଜୀଙ୍କ ଅଧକ୍ଷତାରେ ମହା ସମାରୋହରେ ପାଳିତ ହୋଇଯାଇଛି।ମୁଖ୍ୟ ଅତିଥି ହିସାବରେ ଯୋଗଦାନ୍ କରିଥିଲେ, ବ୍ରହ୍ମଜ୍ଞାନୀ ବରିଷ୍ଠ ଯୋଗସାଧକ ଯୋଗାଚାର୍ଯ୍ୟ ଅନନ୍ତ ପଣ୍ଡା ମହୋଦୟ । ମୁଖ୍ୟ ବକ୍ତା ହିସାବରେ ଯୋଗଦାନ୍ କରିଥିଲେ, ଦିବ୍ୟଜ୍ଞାନ ଶିବ ମୁନି ଯୋଗାଶ୍ରମ, ଭାନପୁର ରୁ ଆସିଥିବା ଆତ୍ମତୀର୍ଥ ର ସମ୍ପାଦକ,ବ୍ରହ୍ମଜ୍ଞାନୀ ପ୍ରଧାପକ ଯୋଗାଚାର୍ଯ୍ୟ ସୁଧାଂଶୁ ଶେଖର ମୁନିଜୀ ମହୋଦୟ। ମଞ୍ଚାସୀନ ଅତିଥି ମାନଙ୍କୁ କପାଳରେ ଚନ୍ଦନ ହସ୍ତରେ ଫୁଲତୋଡା ଏବଂ ସମ୍ତକରେ ଉତ୍ତରୀୟ ପ୍ରଦାନ କରାଯାଇ ସମ୍ମାନୀତ କରାଯାଇଥିଲା। ସମ୍ମାନୀତ ଅତିଥି ହିସାବରେ ଯୋଗଦାନ୍ କରିଥିଲେ, ହାତିଆଡିହା ଶିବମୁନି ଯୋଗାଶ୍ରମର ବରିଷ୍ଠ ଯୋଗସାଧକ ଯୋଗୀ ପରମାନନ୍ଦ ମୁନି ଜୀ ମହୋଦୟ, ବାଖରାବାଦ୍ ଶିବ ମୁନି ଯୋଗାଶ୍ରମରୁ ଆସିଥିବା ଆତ୍ମଜ୍ଞାନୀ ଯୋଗୀ ଶଙ୍କର ପାଲ ମହୋଦୟ,ସାନଖୁଡୀ ଶିବମୁନି ଯୋଗାଶ୍ରମରୁ ଆସିଥିବା ଆତ୍ମଜ୍ଞାନୀ ଯୋଗ ଶିକ୍ଷୟତ୍ରୀ ସୁବାସିନୀ ମହାନ୍ତୀ ମହୋଦୟା,ଗୁଡିଖାଲ ଶିବ ମୁନି ଯୋଗାଶ୍ରମରୁ ଆସିଥିବା ଆତ୍ମଜ୍ଞାନୀ ମୁନି ରାଜ ଅମୂଲ୍ୟ ମୁନିଜୀ ମହୋଦୟ,ଆତ୍ମଜ୍ଞାନୀ ମୁନି ରାଜ ଚନ୍ଦ୍ରମୋହନ ମହାନ୍ତି ମହୋଦୟ ପ୍ରମୁଖ ବହୁ ଯୋଗ ସାଧକ ସାଧିକା ।ଉପସ୍ଥିତ ଥିଲେ ଉପାଧ୍ୟାକ୍ଷା ମୁନିରାଜ୍ଞୀ କନକ ଲତା ମହାପାତ୍ର, ସୁମତୀ ଦଳାଇ, ଶକୁନ୍ତଳା ପରିଡ଼ା, ବିମଳା ଲେଙ୍କା,ମୁନି ମତୀ କାଞ୍ଚନ ସାହୁ, ଯମୁନା ପାତ୍ର,ସରସ୍ୱତୀ ନନ୍ଦ,ମୁନି ରାଜ ନାରାୟଣ ମହାପାତ୍ର,ମୁନି ରାହାସ ବିହାରୀ ବାରିକ ,ଗଉରହରି ବାରିକ,ବନ୍ଧୁ ବାନ୍ଧବ -ସୁପୁତ୍ର ମୁନି ଶାନ୍ତନୁ କୁମାର ,ମୁନି ବିଶ୍ୱଜିତ୍ ମିସ୍ତ୍ରୀ,ମୁନିମତୀ ସୁକାନ୍ତୀ ମିସ୍ତ୍ରୀ,ଅମିତା ରଣା, ଅପରାଜିତା ରଣା,ଶକ୍ତିପଦ ରଣା ,ଆଶିଷ ରଣା,ମମିତା ରଣା,ସୁସ୍ମିତା ରଣା,ରାଜଶ୍ରୀ ରଣା,ଚନ୍ଦନ ରଣା,ଗୀତାଞ୍ଜଳୀ ରଣା, ବଂଶୀ ଧର ରଣା,କଳ୍ପନା ରଣା,ମନ ଭିକ୍ ରଣା,ମୃତ୍ୟୁଞ୍ଜୟ କାମିଲା,ଜୟନ୍ତୀ କାମିଲା, ମଞ୍ଜୁଲତା ରଣା,ଶ୍ରୀଯୁକ୍ତ ଅନନ୍ତ ସାହୁ ମହୋଦୟ ,ଜ୍ଞାତୀ କୁଟୁମ୍ବ ସାହି ପଡିଶା ବୃନ୍ଦ ।ପ୍ରଥମେ ସମୂହ ପ୍ରଣବ,ଶୁଭ ଭାବନା,ଶାନ୍ତି ପାଠ,ବେଦ ପାଠ କରାଯାଇ ଦୀର୍ଘ ନିରୋଗ ନିରାମୟ ଆନନ୍ଦମୟ ଶାନ୍ତିମୟ ଯୋଗମୟ ଜୀବନ ର ସମୂହ ଶୁଭ ଆଶୀର୍ବାଦ ପ୍ରଦାନ କରାଯାଇଥିଲା ।ଶତାଧିକ,ବିଭିନ୍ନ ଆଶ୍ରମରୁ ଯୋଗ ସାଧକ ମାଳିକା ମାନେ ଶ୍ରଦ୍ଧାରସହିତ ଯୋଗଦାନ କରିଥିଲେ । ବିଦ୍ୟାରମ୍ଭ ଏବଂ ସ୍ୱାଦ ଭକ୍ଷଣ ମଧ କରାଯାଇଥିଲା । ଶୁଭ ଜନ୍ମଦିନରେ ଟେକ୍ ର ମଜା ସମସ୍ତଙ୍କୁ ଚଖା ଯାଇଥିଲା । ଶେଷରେ ଗୃହ କର୍ତ୍ତା। ଯୋଗୀ ଭିକାରି ଚରଣ ମୁନି ସମସ୍ତଙ୍କୁ ଧନ୍ୟବାଦ ପ୍ରଦାନ କରି ଏକାତ୍ମ ସ୍ୱାଦିଷ୍ଟ ସୁସ୍ୱାଦୁ ବ୍ୟଞ୍ଜନ୍ରର ଆପ୍ୟାୟିତ କରିଥିଲେ ।ସମସ୍ତେ ଏ ମୁନି ପରିବାରକୁ ବୈକୁଣ୍ଠ ପୁରୀର ଶୁଭକାମନା କରି ଯେ ଯାହା ଗୃହକୁ ପ୍ରତ୍ୟାବର୍ତ୍ତନ କରିଥିଲେ ।

# ସୁନାରୂପା ବଜାରରେ ଶସ୍ତା ହେଲା ସୁନା: ରୂପା ଅପରିବର୍ତ୍ତିତ

ନୂଆଦିଲ୍ଲୀ, ୨୭/୫ : ଘରୋଇ ସୁନା ବଜାରରେ ଆଜି ପ୍ରାରମ୍ଭିକ କାରବାର ସମୟରେ ସୁନାର ମୂଲ୍ୟ ଦୁର୍ବଳ ଧାରା ଦର୍ଶାଉଛି। ତେବେ ଆଜି କ୍ରମାଗତ ଦ୍ୱିତୀୟ ଦିନ ପାଇଁ ରୂପା ମୂଲ୍ୟ ଅପରିବର୍ତ୍ତିତ ରହିଛି। ସୁନାର ମୂଲ୍ୟରେ ଦୁର୍ବଳତା ହେତୁ ଏହି ଉଜ୍ଜ୍ୱଳ ଧାତୁ ଆଜି ଦେଶର ଅଧିକାଂଶ ଭାଗରେ ୧୦ ଗ୍ରାମ ପିଛା ୪୭୦ ଟଙ୍କା ଶସ୍ତା ହୋଇ ୧୦ ଗ୍ରାମ ପିଛା ୫୧୦ ଟଙ୍କାରେ ପହଞ୍ଚିଛି ।ଦେଶର ସୁନା ବଜାରରେ ୨୪ କ୍ୟାରେଟ୍ ସୁନା ମୂଲ୍ୟ ହ୍ରାସ ହେତୁ ଆଜି ୧୦ ଗ୍ରାମ ପିଛା ୧,୫୮,୮୮୦ ଟଙ୍କା ସ୍ତରରେ କାରବାର ହେଉଛି, ଯାହା ୧୦ ଗ୍ରାମ ପିଛା ୧,୬୦,୬୮୦ ଟଙ୍କା ରହିଛି। ଏଥି ସହିତ, ୨୨ କ୍ୟାରେଟ୍ ସୁନା ଆଜି ୧୦ ଗ୍ରାମ ପିଛା ୧୪,୫,୬୪୦ ଟଙ୍କା ରୁ ୧୪୭,୨୯୦ ଟଙ୍କା ମଧ୍ୟରେ ବିକ୍ରି ହେଉଛି। ଅନ୍ୟପକ୍ଷରେ, ରୂପା ମୂଲ୍ୟରେ କୌଣସି ପରିବର୍ତ୍ତନ ହୋଇନଥିବାରୁ, ଏହି ଚମକୁଥିବା ଧାତୁ ଆଜି ମଧ ଦିଲ୍ଲୀ ସରାଫା ବଜାରରେ କିଲୋଗ୍ରାମ ପିଛା ୨୮୪,୯୦୦ ଟଙ୍କା ସ୍ତରରେ ବିକ୍ରି ହେଉଛି ।ଦିଲ୍ଲୀରେ ୨୪ କ୍ୟାରେଟ୍ ସୁନାର ମୂଲ୍ୟ ୧୦ ଗ୍ରାମ ପିଛା ୧,୫୯,୦୩୦ ଟଙ୍କା ଥିବାବେଳେ ୨୨ କ୍ୟାରେଟ୍ ସୁନାର ମୂଲ୍ୟ ୧୦ ଗ୍ରାମ ପିଛା ୧,୪୫,୭୯୦ ଟଙ୍କା ରହିଛି। ଦେଶର ଆର୍ଥିକ ରାଜଧାନୀ ମୁମ୍ବାଇରେ ୨୪ କ୍ୟାରେଟ୍ ସୁନା ୧୦ ଗ୍ରାମ ପିଛା ୧,୫୮,୮୮୦ ଟଙ୍କା ଏବଂ ୨୨ କ୍ୟାରେଟ୍ ସୁନା ୧୦ ଗ୍ରାମ ପିଛା ୧,୪୫,୬୪୦ ଟଙ୍କାରେ ବିକ୍ରି ହେଉଛି।

# ଭାରତୀୟ ରିଜର୍ଭ ବ୍ୟାଙ୍କ ତରଫରୁ କ୍ଷେତ୍ରସ୍ତରୀୟ ଆର୍ଥିକ ସାକ୍ଷରତା କାର୍ଯ୍ୟକ୍ରମ




ବାଲେଶ୍ୱର, ୨୭/୫ (ନି.ପ୍ର): ଭାରତୀୟ ରିଜର୍ଭ ବ୍ୟାଙ୍କ (ଆରବିଆଇ), ଭୁବନେଶ୍ୱର ପକ୍ଷରୁ ବାଲେଶ୍ୱର ଠାରେ ୨୭ ମଇ ୨୦୨୬ ଦିନ ଏକ କ୍ଷେତ୍ରସ୍ତରୀୟ ଆର୍ଥିକ ସାକ୍ଷରତା କାର୍ଯ୍ୟକ୍ରମ (ଏଫ୍‌ଏଲ୍‌ଏଫ୍‌ଏଲ୍‌ଇ) ଅନୁଷ୍ଠିତ ହୋଇଯାଇଛି। ଆରବିଆଇ କ୍ଷେତ୍ରୀୟ ନିର୍ଦ୍ଦେଶକ ଡା. ସାରଦା ପ୍ରସନ ମହାନ୍ତି, ମହାପ୍ରବନ୍ଧକ ଶ୍ରୀମତୀ ଅନିତା ପଟ୍ଟନାୟକ; ଏସଏଲବିସି ଓଡ଼ିଶାର ଆବାହକ ତଥା ମହାପ୍ରବନ୍ଧକ ଶ୍ରୀ ପ୍ରଣବ ବିଶ୍ୱାସ; ଏସବିଆଇ ଉପ ମହାପ୍ରବନ୍ଧକ ତଥା କ୍ଷେତ୍ରୀୟ ପ୍ରବନ୍ଧକ ଶ୍ରୀ ପ୍ରଭାତ କୁମାର କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ। ଡା. ମହାନ୍ତି ମୁଖ୍ୟ ବକ୍ତବ୍ୟ ପ୍ରଦାନ କରି ଆର୍ଥିକ ସାକ୍ଷରତାର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିବା ସହିତ ସାଇବର ଫ୍ରଡ ଠାରୁ ନିଜକୁ ସୁରକ୍ଷିତ ରଖିବା ପାଇଁ ଜଣ ସାଧାରଣଙ୍କୁ ପ୍ରୋତ୍ସାହନ କରିଥିଲେ । ଏହା ସହ ସେ ବ୍ୟାଙ୍କିଙ୍ଗ ବ୍ୟବସ୍ଥାର ସରଳୀକରଣ ଉପରେ ଗୁରୁତ୍ୱ ପ୍ରଦାନ କରି ବ୍ୟାଙ୍କ ଖାତାରେ କେଓ୍ୱାଇସି ଓ ନୋମିନେସନର ଆବଶ୍ୟକତା ଉପରେ ସଚେତନ କରିଥିଲେ । ଶ୍ରୀମତୀ ପଟ୍ଟନାୟକ କାର୍ଯ୍ୟକ୍ରମରେ ସ୍ୱାଗତ ଭାଷଣ ପ୍ରଦାନ କରି ରିଜର୍ଭ ବ୍ୟାଙ୍କ ତରଫରୁ ଆର୍ଥିକ ଅନ୍ତର୍ଭୁକ୍ତିକରଣ ଦିଗରେ କରାଯାଇଥିବା ପ୍ରୟାସ ଉପରେ ଆଲୋକପାତ କରିଥିଲେ । ଏହି କାର୍ଯ୍ୟକ୍ରମରେ କୃଷକ, ଛାତ୍ରଛାତ୍ରୀ, ସ୍ୱୟଂ ସହାୟକ ଗୋଷ୍ଠୀ, ଉଦ୍ୟୋଗୀ ଓ ବରିଷ୍ଠ ନାଗରିକଙ୍କ ଭଳି ବିଭିନ୍ନ ବର୍ଗରୁ ପ୍ରାୟ ୧୫୦ ଜଣ ବ୍ୟକ୍ତି ଅଂଶଗ୍ରହଣ କରିଥିଲେ। କାର୍ଯ୍ୟକ୍ରମରେ ବ୍ୟାଙ୍କର ଅଧିକାରୀମାନେ ଆର୍ଥିକ ଯୋଜନା, ସଞ୍ଚୟ, ଋଣ, ନିବେଶ, ବୀମା ସମେତ ସାମାଜିକ ସୁରକ୍ଷା ଯୋଜନା, ପେନସନ ଏବଂ ଦାବିହୀନ ଜମା ରାଶି ପ୍ରାପ୍ତ କରିବାର ପ୍ରଣାଳୀ ଆଦି ବିଷୟ ଉପରେ ସେମାନଙ୍କର ଅଧିବେଶନ ରଖିଥିଲେ । ପ୍ରତିଭାଗୀ ମାନଙ୍କୁ ନକଲି ନୋଟ୍ ଚିହ୍ନଟ, ବ୍ୟାଙ୍କ ଦ୍ୱାରା ନୋଟ୍ ବିନିମୟ ସୁବିଧା ସମ୍ପର୍କରେ ମଧ ଅବଗତ କରାଯାଇଥିଲା। ଏହାବ୍ୟତୀତ ବିଭିନ୍ନ ପ୍ରକାର ସାଇବର ଠକେଇ ସମ୍ପର୍କରେ ଆଲୋଚନା କରାଯାଇଥିଲା। ଶେଷରେ ଆରବିଆଇର ଅଭିଯୋଗ ସମାଧାନ ବ୍ୟବସ୍ଥା ଏବଂ ଅଭିଯୋଗ ଦାଖଲ ପ୍ରକ୍ରିୟା ସମ୍ପର୍କରେ ସମସ୍ତଙ୍କୁ ଅବଗତ କରାଯାଇଥିଲା। ସର୍ବଶେଷରେ ଅଂଶଗ୍ରହଣକାରୀଙ୍କ ପ୍ରଶ୍ନର ଉତ୍ତର ଦିଆଯାଇଥିଲା । ଏହି କାର୍ଯ୍ୟକ୍ରମରେ ବାଲେଶ୍ୱର ଜିଲ୍ଲା ଏଲଡିଏମ, ଡିଡିଏମ, ଏଫଏଲସି, ସିଏଫଏଲ ଏବଂ ବାଲେଶ୍ୱର ଅଞ୍ଚଳର ବିଭିନ୍ନ ବ୍ୟାଙ୍କର ଅଧିକାରୀମାନେ ମଧ ଉପସ୍ଥିତ ଥିଲେ । ବ୍ୟାଙ୍କର ଏହି ପ୍ରୟାସଟି ଜିଲ୍ଲା ପ୍ରଶାସନ ଓ ସାଧାରଣ ଲୋକଙ୍କ ଦ୍ୱାରା ପ୍ରଶଂସିତ ହୋଇଥିଲା ।







❐ ସଂପାଦିକା : ସୈରିନ୍ଧ୍ରୀ ସାହୁ
❐ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704
❐ Editor: Sairindhree Sahoo
❐ Managing & Executive Editor : Srustidhar Parida